R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୨
ତିଥି : ପଞ୍ଚମୀ
୨୯ ଜୁଲାଇ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 292
29 July 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସଂସଦରେ ଅପରେସନ୍ ସିନ୍ଦୂର ବିତର୍କ ଆରମ୍ଭ

## କାହା ଚାପରେ ହୋଇନଥିଲା ଯୁଦ୍ଧ ବିରତି : ରାଜନାଥ

## ପହଲଗାମ୍‌କୁ ଆତଙ୍କବାଦୀ କିଭଳି ଆସିଲେ : ଗୋଗଇ

ନୂଆଦିଲ୍ଲୀ, ୨୮ ।୭ : ସଂସଦରେ ଅପରେସନ୍ ସିନ୍ଦୂରକୁ ନେଇ ବିତର୍କ ଆରମ୍ଭ ହୋଇଛି । ଉଭୟ ରାଜ୍ୟସଭା ଓ ଲୋକସଭାରେ ୧୬ ଘଣ୍ଟା ଧରି ହେବାକୁ ଥିବା ଏହି ବିତର୍କ ଚାଲିବ । ଆଲୋଚନା ଆରମ୍ଭ କରି ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ କାହା ଚାପରେ ଭାରତ ଅପରେସନ୍ ସିନ୍ଦୂର ବନ୍ଦ କରିନଥିଲା । ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାପରେ ପାକିସ୍ତାନ ଉପରେ ଭାରତୀୟ ସେନା କରୁଥିବା ଷ୍ଟ୍ରାଇକ୍‌କୁ ବନ୍ଦ କରିଥିଲା । କାହା ଚାପରେ ବନ୍ଦ ହୋଇଥିଲା କହିବା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ଭୁଲ୍ ବୋଲି କହିଥିଲେ । ବିରୋଧୀଙ୍କ ପକ୍ଷରୁ ଆଲୋଚନା





ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗେଇ କହିଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କ ଭାଷଣରେ ଅନେକ କଥା କହିଲେ । ମାତ୍ର ପହଲଗାମ୍‌କୁ କିଭଳି ଆତଙ୍କବାଦୀ ଗଲେ ଓ ନିରୀହ ଲୋକଙ୍କୁ ମାରିଲେ ସେ କଥା ଉଠାଇ ନାହାନ୍ତି । ଏଠାକୁ ଆତଙ୍କବାଦୀ କିଭଳି ଆସିଲେ ବୋଲି ସେ ପାଲଟା ପ୍ରଶ୍ନ କରିବା ସହ ଯଦି ଆମର କିଛି ରାଫେଲ ଖସିଛି ତାହା ଆମପାଇଁ ବଡ କ୍ଷତି ବୋଲି ଉଲ୍ଲେଖ କରିଥିଲେ ।

ରାଜନାଥ ସିଂହ କହିଥିଲେ ଯେ ପରୀକ୍ଷାରେ କେତେ କଲମ ଓ ପେନ୍‌ସିଲ୍ ଭାଙ୍ଗିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ପରୀକ୍ଷାର ଫଳ କ'ଣ ହେଲା ତାହା ଗୁରୁତ୍ୱପୂର୍ଣ୍ଣ । ଅପରେସନ୍ ସିନ୍ଦୂର କାହିଁକି ଆରମ୍ଭ କରାଗଲା, ପୂର୍ବରୁ ସୂଚନା ଦିଆଯାଇଛି । ବିରୋଧୀ ପ୍ରଶ୍ନ କରୁଛନ୍ତି ଆମର କେତେ ବିମାନ କ୍ଷତି ହୋଇଛି । ଏଭଳି ପ୍ରଶ୍ନ ରାଷ୍ଟ୍ରୀୟ ଜନଭାବନାକୁ ସ୍ପଷ୍ଟ ଭାବେ (୯ ପୃଷ୍ଠାରେ)

# ଅପରେସନ୍ ମହାଦେବ, ୩ ଆତଙ୍କୀ ନିପାତ

ନୂଆଦିଲ୍ଲୀ, ୨୮ ।୭ : ପହଲଗାମ୍ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମନ୍ ଶାହାଙ୍କ ସମେତ ୩ ପାକ୍ ଆତଙ୍କବାଦୀ ନିପାତ ହୋଇଛନ୍ତି । ସୁରକ୍ଷାକର୍ମୀ ସେମାନଙ୍କୁ ନିପାତ କରିଥିବା ସୂଚନା ମିଳିଛି । ଆଜି ଶ୍ରୀନଗରରେ ଏକ ଏନ୍‌କାଉଣ୍ଟରରେ ସେମାନେ ନିପାତ ହୋଇଥିବା କୁହାଯାଇଛି । ସେମାନଙ୍କ ମଧ୍ୟରୁ ଦୁଇଜଣ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଥିଲେ । ସୁଲେମନ୍ ଶାହା ଲସ୍କର ଇ-ତୋଇବାର ଆତଙ୍କବାଦୀ ଭାବେ ଚିହ୍ନଟ କରାଯାଇଛି । ସେ ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ଆଜିର ଅପରେସନ୍‌କୁ ଅପରେସନ୍ ମହାଦେବ ବୋଲି ନାମିତ କରାଯାଇଛି । ନିପାତ ହୋଇଥିବା ଅନ୍ୟ ଦୁଇ ଆତଙ୍କବାଦୀ ହେଉଛନ୍ତି



ଆବୁହାମ୍‌ଜା ଓ ୟାସାରୀ । ସେମାନେ ପହଲଗାମ୍‌ରେ ହତ୍ୟା କରିଥିଲେ ବୋଲି ବିଶ୍ୱାସ କରାଯାଉଛି । ସେନା, ସିଆରପିଏଫ୍ ଓ ଜମ୍ମୁ-କାଶ୍ମୀର ପୋଲିସ ପକ୍ଷରୁ ମିଳିତ ଅପରେସନ୍ ଆରମ୍ଭ ହୋଇଥିଲା ।

ଶ୍ରୀନଗରର ଲିଡ୍‌ୱାସ୍ ସ୍ଥିତ ମହାଦେବ ପାହାଡ ନିକଟରେ ବିଦେଶୀ ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଥିଲା ଓ ଏହାର ନାମ ଅପରେସନ୍ ମହାଦେବ ରଖାଯାଇଥିଲା । ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନକୁ ସୁରକ୍ଷାକର୍ମୀ ଘେରାବନ୍ଦୀ କରୁଥିବାବେଳେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଇଥିଲା । ସେଠାରେ ଆଉକିଛି ଆତଙ୍କବାଦୀ ଲୁଚିଥିବାର ସୂଚନା ଥିବାରୁ ଅପରେସନ୍ ଜାରି ରହିଛି । ଅଧିକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି । ନିହତ ୩ ଆତଙ୍କବାଦୀ ପାକିସ୍ତାନ ନାଗରିକ ବୋଲି କୁହାଯାଇଛି ।

# କମୁଛି ବନ୍ୟା ଜଳ, ବଢୁଛି ଦୁର୍ଦ୍ଦଶା

ଭଦ୍ରକ/ଆରଡି/ଭୋଗରାଇ/ଭୁବନେଶ୍ୱର, ୨୮ ।୭ (ସବ୍ୟୁ): ଲଘୁଚାପ ଯୋଗୁ ସୁବର୍ଣ୍ଣରେଖାରେ ୨ ମାସ ଅନ୍ତରରେ ୫ମ ଥର ବନ୍ୟା ଉତ୍ତର ବାଲେଶ୍ୱରର ଶତାଧିକ ଗାଁର

- ରିପୋର୍ଟ ଆସିବାର ୨୪ଘଣ୍ଟାରେ ସହାୟତା ମିଳିବ
- ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଯିବେ ବନ୍ୟାଞ୍ଚଳ
- ବାଲେଶ୍ୱରର ୪ ବ୍ଲକ ସ୍ଥିତି ବିଗିଡ଼ିଛି
- ଭଦ୍ରକରେ ଶହଶହ ଏକର ଚାଷ ଜମିରେ ପାଣି

ଜନଜୀବନକୁ ଦୁର୍ବିସହ କରିଛି । ସୁବର୍ଣ୍ଣରେଖା ଉପରମୁଣ୍ଡ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଗାଣ ବର୍ଷା ଓ ଗାଲୁ ଜଳାଧାରରୁ ୧୩ଟି ଗେଟରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ହେଉଥିବାରୁ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଅସିବା ସହିତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ଶତାଧିକ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ସେହିଭଳି ଭଦ୍ରକ ଜିଲ୍ଲା ଚାନ୍ଦବାଲିର ତଳିଆ ଅଞ୍ଚଳ ଆରଡି, ମୁଆଁ, ସନ୍ତରା, ସିଙ୍ଗପୁର, ବାତୋଳ, ଶୀତଳପୁର, ଓଳଗ, ଷାଠିବାଙ୍କୁଡାରେ ଦେଖାଦେଇଥିବା ବୈତରଣୀ ନଦୀର ବନ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଗତକାଲି ଠାରୁ ଆରଡି, ଓଳଗ, ଦୋହରାପାଟଣା, ଅମୃତମଣୀ, ସୁନ୍ଦରପୁର, ଖଟୁଆପାଟଣା, ପାରଡିଆ, ଚମ୍ପାସାହି, ନାନ୍ଦପୁର, ପହଣା, କୋଇଲିଖିଆ, ପାଳଟପୁର, ବାଙ୍କମୁଆ ଆଦି ୨୦ଟି ଗାଁ ପ୍ରଭାବିତ ହୋଇଛି । ସେପଟେ ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ମିଳିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିକ୍ରିୟାରେ କହିଛନ୍ତି, ପାଗ (୯ ପୃଷ୍ଠାରେ)

## ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ୯୧% ଅଭିଯୋଗର ହୋଇଛି ସମାଧାନ

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୩ତମ ପାଳି । ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଜଣ ଜଣ କରି



ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ।

ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅଭିଯୋଗକାରୀ

**୯ ମନ୍ତ୍ରୀଙ୍କ ସମେତ ବିଭାଗୀୟ ସଚିବ ଶୁଣାଣିରେ ସାମିଲ**

**ଲୋକଙ୍କ ସୁଖଦୁଃଖରେ ଅଛନ୍ତି 'ଲୋକଙ୍କ ସରକାର'**

ମାନଙ୍କ ଅଭିଯୋଗ ଶୁଣିଥିଲେ । ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ (୯ ପୃଷ୍ଠାରେ)

# ବଦଳିବ ସ୍କୁଲ ଆଇକାର୍ଡ

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ସରକାର ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ବା ଆଇକାର୍ଡର ରଙ୍ଗକୁ ବଦଳାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପୂର୍ବ ସରକାର ସମୟରେ ଏହାର ରଙ୍ଗ ସବୁଜ ଥିଲା । ୨୦୨୫-୨୬ ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ପିଲାଙ୍କ ଆଇକାର୍ଡର ରଙ୍ଗକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯିବ । ଏଥିରେ ପିଲାଙ୍କ ନାମ, ଶ୍ରେଣୀ, ଜନ୍ମ ତାରିଖ, ରୋଲ୍ ନଂ ଓ ଫୋନ୍ ନଂ ରହିବ । ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ରହିବା ନିହାତି ଆବଶ୍ୟକ । ବିଭିନ୍ନ ସମୟରେ ବାହାର ପିଲାମାନେ କ୍ୟାମ୍ପସ ଭିତରକୁ ପ୍ରବେଶ କରୁଥିବାରୁ ଆଇକାର୍ଡକୁ ବାଧ୍ୟତାମୂଳକ କରାଯିବ ।

ପିଲାମାନେ ଏହି କାର୍ଡକୁ ବେକରେ ପକାଇ ଆସିବେ । କେବଳ ଆଇକାର୍ଡ ନୁହେଁ ଶ୍ଲୋଗାନ ବଦଳିଛି । ପୂର୍ବ ସରକାର ସମୟରେ ପିଲାଙ୍କ ୟୁନିଫର୍ମ ଓ ଟୋପିରେ ଆମେ ଗଢ଼ିବୁ ନୂଆ ଓଡ଼ିଶା ସ୍ଲୋଗାନ ଲେଖାଯାଇଥିଲା । ଏଥିରେ ଏହାକୁ ପରିବର୍ତ୍ତନ କରାଯାଇ ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ (୯ ପୃଷ୍ଠାରେ)

# ଆଇଏଏସ୍ ବିଷ୍ଣୁପଦଙ୍କ ଜାମିନ ଆବେଦନ ଖାରଜ

କଟକ, ୨୮/୭(ସବ୍ୟୁ): ଆଇଏଏସ୍ ବିଷ୍ଣୁ ପଦ ସେଠୀଙ୍କ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି । ଏଥିସହ ଗତ ୩ ତାରିଖରେ ଯୋଗାଇ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ମଧ୍ୟ ହଟାଇ ଦେଇଛନ୍ତି । ଏହି ଆଗୁଆ ଜାମିନ୍ ଆବେଦନ ଖାରଜ ହୋଇଯିବା ଏବଂ ଅନ୍ତରୀଣ ସୁରକ୍ଷା ହଟିବା ଫଳରେ ଶ୍ରୀ ସେଠୀଙ୍କ ଗିରଫ ଅଡୁଆ ଆଶଙ୍କା ଭିତରକୁ ଟାଣି ହୋଇ ଯାଇଛି । ତାଙ୍କ ଗିରଫଦାରୀ ହେବା ଏକପ୍ରକାର ନିଶ୍ଚିନ୍ତ ହୋଇଯାଇଛି ବୋଲି କୁହାଯାଉଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆଜି ଆଗୁଆ ଜାମିନ୍ ଆବେଦନର ରାୟ ପ୍ରକାଶ ଅବସରରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୁର୍ବରୁ ଶ୍ରୀ ସେଠୀ ସିବିଆଇ ଚଢ଼ାଉକୁ ବିରୋଧ କରି ରୁଜୁ କରିଥିବା ମାମଲା ହାଇକୋର୍ଟରେ ଖାରଜ ହୋଇଯାଇଥିଲା ।

ମାମଲାରୁ ଜଣାଯାଇଛି ଯେ, ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ଯଦିଓ ଏଫ୍‌ଆଇଆରରେ ଶ୍ରୀ ସେଠୀଙ୍କ ନାମ ନାହିଁ କିନ୍ତୁ ସିବିଆଇ ପକ୍ଷରୁ ତାଙ୍କ ଘରେ ଚଢ଼ଉ କରାଯିବା ସହ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ୍ କରାଯାଇଥିଲା । ତାଙ୍କର ଏବଂ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା । ଏହାକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିବିଆଇ ପକ୍ଷରୁ ତାଙ୍କ (୯ ପୃଷ୍ଠାରେ)

# ଅଗଷ୍ଟ ପହିଲାରୁ ପାଗ ଶୁଖିଲା

ଭୁବନେଶ୍ୱର, ୨୮ ।୭ (ସବ୍ୟୁ): ରାଜ୍ୟରେ ପାଗ ପୂରା ଶିଖିଲା ରହିବ । ଆଗାମୀ ଦୁଇଦିନ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି । ତେବେ ୧ ତାରିଖରୁ କାଁଭାଁ କେତେକ ଜାଗାରେ ବର୍ଷା ହୋଇପାରେ । ପାଗ ପୂରା ଖରାଟିଆ ସହିତ ମଝିରେ ମଝିରେ ଆକାଶ ମେଘୁଆ ରହିବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ଦୁଇଦିନ ଅର୍ଥାତ ୨୯ ଓ ୩୦ ତାରିଖରେ କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ । ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେବେ ୧ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ଦିନ ତାପମାତ୍ରା ବୃଦ୍ଧି ପାଇବା ସହିତ ପାଗ ଖରାଟିଆ ରହିବ । ମଝିରେ ମଝିରେ ଆକାଶ ମେଘାଚ୍ଛନ୍ନ ରହିପାରେ । (୯ ପୃଷ୍ଠାରେ)

## ଉପ-ବାଚସ୍ପତିଙ୍କ ପ୍ରସ୍ତାବ

# ୟୁପି ଢ଼ାଞ୍ଚାରେ ଆସୁ ଅପରାଧ ନିୟନ୍ତ୍ରଣ ଆଇନ୍

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ରାଜ୍ୟରେ ବୃଦ୍ଧି ପାଉଥିବା ସଂଗଠିତ ଅପରାଧ ଓ ଅସମାଜିକ କାର୍ଯ୍ୟକଳାପକୁ ନେଇ ପୂର୍ବ ବାଚସ୍ପତି ଭବାନୀ ଶଙ୍କର ଭୋଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟରେ ଜଣେ ଚିନ୍ତିତ ପ୍ରତିନିଧି ଭାବେ ଏଭଳି କାର୍ଯ୍ୟକୁ ରୋକିବା ପାଇଁ ୟୁପି ସରକାର ଆଣିଥିବା ଗ୍ୟାଙ୍ଗଷ୍ଟର ଆଇନ୍ ଧାରାରେ ଓଡ଼ିଶା ଗ୍ୟାଙ୍ଗଷ୍ଟର ଓ ଅସାମାଜିକ କାର୍ଯ୍ୟକଳାପ (ନିବାରଣ) ଆଇନ୍ ପ୍ରଣୟନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ



ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଟିଳତା ଏବଂ ବିକଶିତ ହେଉଥିବା ସଂଗଠିତ ଅପରାଧ, ଗ୍ୟାଙ୍ଗ ଅପରେସନ୍ ଅସମାଜିକ କାର୍ଯ୍ୟକଳାପ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲେଖୁଛି । ଜମି ହଡପ, ଚାନ୍ଦା ଆଦାୟ, ଠିକା ହତ୍ୟା, ବେଆଇନ୍ ଖଣି, ନିଶାଦ୍ରବ୍ୟ ଚାଲାଣ, ସମନ୍ୱିତ ଅପରାଧୀ ସିଣ୍ଡିକେଟ୍ ଭଳି ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହି ଗୋଷ୍ଠୀଗୁଡ଼ିକ ପ୍ରକ୍ରିୟାଗତ ବିଳମ୍ବ ଓ ଆଇନ୍‌ରେ ଥିବା ଫାଙ୍କ ଦେଇ ଅପରାଧୀମାନେ ଖସି ଯାଉଛନ୍ତି । ଏହାର ମୁକାବିଲା ସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉତ୍ତରପ୍ରଦେଶ ଢ଼ାଞ୍ଚାରେ ଏକ ସ୍ୱତନ୍ତ୍ର ଆଇନ୍ କରାଯାଉ । ଏହି ଆଇନ୍ ପ୍ରଣୟନ ହେଲେ ସଂଗଠିତ ଅପରାଧୀ ଗୋଷ୍ଠୀ ଗଠନ କାର୍ଯ୍ୟକୁ ରୋକାଯାଇପାରିବ । ଗ୍ୟାଙ୍ଗ ନେତା ଓ ସଦସ୍ୟଙ୍କ ଉପରେ ପ୍ରଭାବଶାଳୀ ଦଣ୍ଡବିଧାନ ଓ ପ୍ରତିରୋଧ ସୁନିଶ୍ଚିତ କରିହେବ । ଆଇନ୍‌ଗତ ଢ଼ାଞ୍ଚା ମାଧ୍ୟମରେ ସାର୍ବଜନିନ ଶୃଙ୍ଖଳା ସୁରକ୍ଷା ଓ ସମ୍ପତ୍ତିକୁ ସୁରକ୍ଷିତ କରିହେବ । ଗ୍ୟାଙ୍ଗ ନେଟ୍‌ୱାର୍କଗୁଡ଼ିକ ଚିହ୍ନଟ କରିବା ଓ (୯ ପୃଷ୍ଠାରେ)

## ଟିଟିଲାଗଡ଼ ଶିଶୁ ବିକ୍ରି ଘଟଣା

# ମା' କୋଳକୁ ଫେରିଲା ଶିଶୁ

ଟିଟିଲାଗଡ଼, ୨୮ ।୭ (ସବ୍ୟୁ): ଅର୍ଥାଭାବରୁ ଶିଶୁକନ୍ୟା ବିକ୍ରି ଅଭିଯୋଗ । ମାତ୍ର ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକିଦେଲେ ବାପା ମା' । ଗଣମାଧ୍ୟମରେ ମାରମ୍ବାର ଖବର ପ୍ରସାରଣ ପରେ ଟିଟିଲାଗଡ଼, ପାଇକମାଳ ପୁଲିସ ଓ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଉଦ୍ଧାର ହେଲା ଶିଶୁ । ବିକ୍ରି ଶିଶୁ ବରଗଡ଼ ଜିଲ୍ଲା ପାଇକମାଳରୁ ଉଦ୍ଧାର ହେବା ପରେ ସାମ୍ନାକୁ ଆସିଛି ଶିଶୁ ବିକ୍ରି ପଛର କରୁଣ କାହାଣୀ । (୯ ପୃଷ୍ଠାରେ)

## ୮୦ ଦଶକର ଫାନସ ପୁଞ୍ଜି ଠାରୁ ଅଧିକ ସମ୍ବେଦନଶୀଳ

ଟିଟିଲାଗଡ଼, ୨୮ ।୭ (ସବ୍ୟୁ): ଟିଟିଲାଗଡ଼ ବ୍ଲକ ବାଗଡୋର ଗାଁର ନିଲ ରଣା ଏବଂ ସ୍ତ୍ରୀ କନକ ରଣା ନିଜ ନବଜାତ ଶିଶୁ କନ୍ୟା କୁ ବିକ୍ରି କରିବା ଘଟଣା ଏବେ ଦିନକୁ ଦିନ ଆହୁରି ରୋଚକ ହେବାରେ ଲାଗିଛି । ଦାରିଦ୍ରତାର ଚରମ ସୀମା ରେଖା ତଳେ ବାସ କରୁଥିବା ନିଲ ରଣା

**ଗାଁରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଟିମ୍**

ଆର୍ଥିକ ଅନାଟନରେ ରହିଥିବା ବେଳେ ନବଜାତ ଶିଶୁ କନ୍ୟାର ଲାଳନ ପାଳନ କରିବାରେ ଅସହାୟ ବୋଧ ପ୍ରକାଶ କରି ଗାଁର (୯ ପୃଷ୍ଠାରେ)



### ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

## ଅରୁଣା ଆସଫ୍ ଅଲ୍ଲୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଜଣେ ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ ହେଲେ ଅରୁଣା ଆସଫ୍ ଅଲ୍ଲୀ । ୧୯୦୯ ମସିହାରେ ଜୁଲାଇ ୧୬ ତାରିଖରେ ତତ୍କାଳୀନ ପଞ୍ଜାବ ରାଜ୍ୟ (ବର୍ତ୍ତମାନ ହରିୟାଣା ପ୍ରଦେଶରେ ଅବସ୍ଥିତ)ରେ ଥିବା କାଲକାଠାରେ ଏକ ବଙ୍ଗାଳୀ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମୂଳ ନାମ ଅରୁଣା ଗାଙ୍ଗୁଲୀ ଥିଲା । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ବମ୍ବେର ଗୌଆଲିଆ ମଇଦାନରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରି ସେ ଦେଶ ବ୍ୟାପୀ ଚର୍ଚ୍ଚାରେ ଆସିଥିଲେ । ସ୍ୱାଧୀନତା ପରେ ସେ ରାଜନୀତିରେ ସକ୍ରିୟ ରହିବା ସହ ୧୯୫୮ ମସିହାରେ ଦିଲ୍ଲୀର ପ୍ରଥମ ମେୟର ହେବାର ଗୌରବ ଅର୍ଜନ କରିଥିଲେ । ୧୯୯୭ ମସିହାରେ ତାଙ୍କୁ ମରଣୋତ୍ତର ଭାବରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା । ଅରୁଣା ପ୍ରଥମେ ଲାହୋରର ସାକ୍ରେଡ଼ ହାର୍ଟ କନଭେଣ୍ଟ, ପରେ ନୈନିତାଲର ଅଲ୍ ସେଣ୍ଟ କଲେଜରେ ଶିକ୍ଷା ଲାଭ କରିବା ପରେ କଲିକତାର ଗୋଖଲେ ମେମୋରିଆଲ ସ୍କୁଲରେ ଶିକ୍ଷକତା କରିଥିଲେ । ଅସଫ୍ ଅଲ୍ଲୀଙ୍କୁ ବିବାହ କରିବା ପରେ ସେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟତା ନେବା ସହ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ । ଏହି ଠାରୁ ଆରମ୍ଭ ହୋଇଥିଲା ତାଙ୍କର ସ୍ୱାଧୀନତା ସଂଗ୍ରାମର ଯାତ୍ରା । ତାଙ୍କ ଜୀବନରେ ଏଭଳି ଅନେକ ଉଦାହରଣ ରହିଛି ଯାହା ଆଜି ବି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଥାଏ । ଏହି ପ୍ରେରଣାଦାୟୀ ମହିଳା ୮୭ ବର୍ଷ ବୟସରେ ୧୯୯୬ ମସିହା ୨୯ ଜୁଲାଇରେ ପରଲୋକ ଗମନ କରିଥିଲେ । ତାଙ୍କ ମୃତ୍ୟୁରେ ଭାରତୀୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

### ଇତିହାସ

୧୮୯୯– ନ୍ୟୁୟର୍କରେ ପ୍ରଥମ ବାଇକ୍ ରେସ୍ ଆୟୋଜିତ ।

୧୯୪୯– ରେଡିଓରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍‌ର ପ୍ରସାରଣ ।

୧୯୫୭– ୟୁଏନ୍ ଦ୍ୱାରା ଅନ୍ତର୍ଜାତୀୟ ପରମାଣୁ ଊର୍ଜା ଏଜେନ୍ସି ବା ଆଇଏଇଏ ଗଠିତ ।

୧୯୮୦– ମସ୍କୋ ଅଲମ୍ପିକ୍‌ରେ ହକି ପାଇଁ ଭାରତକୁ ସ୍ୱର୍ଣ୍ଣ ପଦକ ।

୧୯୮୩– ପ୍ରଥମ ମାନବବିହୀନ ବିମାନର ପରୀକ୍ଷଣ ।

୨୦୦୦– ସୀମା ଭଦୋରିଆ ୩୩୯୦ କିଲୋ ଓଜନର ବିମାନକୁ ଦାନ୍ତରେ ଭିଡିଲେ ।

୨୦୦୬– ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ୬୨୪ ରନ୍ କରି ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ୍ ମାହେଲା ଜୟବର୍ଦ୍ଧନ ଓ କୁମାର ସାଙ୍ଗାକାରାଙ୍କ ବିଶ୍ୱ ରେକର୍ଡ ।

୨୦୧୩– ଫ୍ରାନ୍ସରେ କାନ୍ସସ୍ଥିତ ଏକ ହୋଟଲ୍‌ରେ ୧୦.୩ କୋଟି ୟୁରୋର ହୀରା ଚୋରି ।

## ଅନ୍ତର୍ଜାତୀୟ ବାଘ ଦିବସ

ପ୍ରତିବର୍ଷ ଜୁଲାଇ ୨୯ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ବାଘ ଦିବସ । ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାରା ବିଶ୍ୱରେ ବାଘ ସଂଖ୍ୟାକୁ ବଢାଇବା । ସେମାନଙ୍କ ସହ ହେଉଥିବା ବିଭିନ୍ନ ଅନ୍ୟାୟ ଓ ଅତ୍ୟାଚାର ସମ୍ପର୍କରେ ଜନସାଧାରଣରେ ସଚେତନତା ସୃଷ୍ଟି କରିବା । ୧୯୭୩ରେ ଭାରତ ଆରମ୍ଭ କରିଥିବା ପ୍ରୋଜେକ୍ଟ ଟାଇଗର ବିଶ୍ୱରେ ବାଘ ସଂଖ୍ୟା ବଢାଇବାରେ ବିଶେଷଭାବେ ସହାୟକ ହୋଇଥିଲା । ଏହି ପ୍ରୋଜେକ୍ଟ ଅଧୀନରେ ଅନେକ ବାଘ ରିଜର୍ଭର ନିର୍ମାଣ କରାଯାଇଥିଲା । ଡବ୍ଲୁଡବ୍ଲୁଏଫ୍‌ର ରିପୋର୍ଟ ଅନୁସାରେ ବାଘ ହେଉଛି ଆମ ପୃଥିବୀରେ ଥିବା ସମସ୍ତ ଜୀବଙ୍କ ଭିତରେ ବେଶ ମୂଲ୍ୟବାନ । ବିଂଶ ଶତାବ୍ଦୀ ସୁଦ୍ଧା ଏହି ବଂଶର ପାଖାପାଖି ୯୫ ପ୍ରତିଶତ ଲୋପ ପାଇସାରିଲାଣି । ତେଣୁ ବାଘ ବଂଶକୁ ରକ୍ଷା କରିବା ବର୍ତ୍ତମାନ ଆବଶ୍ୟକ ହୋଇ ପଡିଛି। ଏହି ଦିନ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକ୍ରମ ଜରିଆରେ ବାଘଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ ।



### ସୋସିଆଲ କୋଟ୍ସ



"ପୁଅ ଜନ୍ମର ତିନିଦିନ ମଧ୍ୟରେ ସୁଟିଂ ସେଟକୁ ଫେରିଥିଲି । ସେତେବେଳେ 'କ୍ୟୁଁ କି ସାସ୍ ଭି କଭି ବହୁ ଥି' ଧାରାବାହିକର ବହୁତ କ୍ରେଜ ଥିଲା । ସେଥିପାଇଁ ଜଲଦି କାମକୁ ଫେରିବାକୁ ପଡିଥିଲା ।

ସ୍ମୃତି ଇରାନୀ, ରାଜନେତ୍ରୀ ତଥା ଅଭିନେତ୍ରୀ



"ଦୁନିଆର ସବୁଠାରୁ ବଡ ଖୁସି ମୋତେ ମିଳିଛି । ବାପା ହେବା ପରେ ମୋ ଜୀବନ ହିଁ ବଦଳି ଯାଇଛି । ଆଗକୁ ପରିବାରକୁ ଖୁବ ଅଧିକ ସମୟ ଦେବାକୁ ଚାହୁଁଛି ।

ବିନୀତ କୁମାର, ଅଭିନେତା




"ଶେଫାଲୀ ମୁଁ ତୁମକୁ ଖୁବ ଅଧିକ ମିସ୍ କରୁଛି । ସିମ୍ବା ସବୁବେଳେ ତୁମର ସ୍ମୃତିକୁ ମନେପକାଉଛି । ମୁଁ ଏବଂ ସେ ତୁମକୁ ଖୁବ ମିସ୍ କରୁଛୁ ।

ପରାଗ ତ୍ୟାଗୀ, ଅଭିନେତା

## କୁକୁଟାସନ

ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍‌ରେ ପଦ୍ମାସନ ପୋଜ୍‌ରେ ବସନ୍ତୁ । ଏହାପରେ ଜଙ୍ଘ ମଧ୍ୟରେ ହାତ ଦୁଇଟିକୁ ପଶାନ୍ତୁ । ବର୍ତ୍ତମାନ ହାତକୁ ତଳେ ଭରା ଦେଇ ଧୀରେ ଧୀରେ ଚଟାଣରୁ ଉପରକୁ ଉଠିବାକୁ ଚେଷ୍ଟା କରନ୍ତୁ । ଏହି ପୋଜ୍‌ରେ କିଛି ସମୟ ରହି ପୁନଶ୍ଚ ପୂର୍ବାବସ୍ଥାକୁ ଫେରିଆସନ୍ତୁ ।



**ଉପକାର**

- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବ ।
- ବାଲାନ୍ସ ଓ ଷ୍ଟାବିଲିଟି କ୍ଷମତାକୁ ମଜଭୁତ କରିବ ।
- ହୃତପିଣ୍ଡକୁ ସୁସ୍ଥ ରଖିବ ।



## ଉପକାରୀ ଜାଇଫଳ

ଭାରତୀୟ ମସଲାରେ ଜାଇଫଳର ବ୍ୟବହାର ଖୁବ ଅଧିକ ହୋଇଥାଏ । ଏହା ଖାଦ୍ୟର ସ୍ୱାଦ ବଢାଇବାରେ ଖୁବ ଅଧିକ ସହାୟକ ହୋଇଥାଏ ଜାଇଫଳ । ତେବେ କେବଳ ସ୍ୱାଦ ନୁହେଁ ଆମର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ଦରକାରୀ । ଜାଇଫଳରେ ଏଭଳି ଅନେକ ଗୁଣ ରହିଛି ଯାହା ଆମର ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ । ଜାଇଫଳରେ ମ୍ୟାଗନେସିୟମ, ମାଙ୍ଗାନିଜ୍ ଓ କପରର ମାତ୍ରା ଖୁବ ଅଧିକ ଥାଏ ଯେଉଁ କାରଣରୁ ଏହା ବିଶେଷଭାବେ ମହିଳାଙ୍କ ପାଇଁ ଦରକାରୀ ହୋଇଥାଏ । ଏହା ଏକ ମୁଡ୍ ଲିଫ୍ଟର ବା ମାନସିକ ସ୍ୱାସ୍ଥ୍ୟକୁ ଠିକ୍ କରିବାରେ କାର୍ଯ୍ୟ କରିଥାଏ । ଜାଇଫଳକୁ ଖୀର ସହ ମିଶାଇ ଖାଇଲେ ଏହା ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ ହୋଇଥାଏ । ଆଙ୍ଗ୍‌ଜାଇଟି, ଡିପ୍ରେସ୍ ଭଳି ରୋଗକ ଏହା ଭଲ କରିଥାଏ । ସେହିଭଳି ଏହା ଝିଅମାନଙ୍କର ଋତୁସ୍ରାବ ଜନିତ କଷ୍ଟ ସମୟରେ ବି କାମରେ ଆସିଥାଏ । ଜାଇଫଳକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ଏହି ସମୟରେ ହେଉଥିବା କଷ୍ଟ ଯନ୍ତ୍ରଣା ଦୂର ହୋଇଥାଏ । ସେହିଭଳି ଏହା ଆମର ନିଦ ପାଇଁ ମଧ୍ୟ ଲାଭ ଦାୟକ ହୋଇଥାଏ । ଯଦି ଆପଣଙ୍କର ନିଦ ସମସ୍ୟା ରହିଛି ତେବେ ଖୀର ଓ ଚା'ରେ ଜାଇଫଳ ମିଶାଇ ପିଅନ୍ତୁ । ଏହାଦ୍ୱାରା ନିଦ ଠିକ୍ ହୋଇଥାଏ । ଜାଇଫଳ ଆମର ପେଟ ଯନ୍ତ୍ରଣା ପାଇଁ ମଧ୍ୟ ଖୁବ ଲାଭ ଦାୟକ ହୋଇଥାଏ । ଏହା ଆମର ହଜମ ଶକ୍ତି ବଢାଇଥାଏ, ପାଚନ ତନ୍ତ୍ରକୁ ଭଲ ରଖିଥାଏ ।

## ଠାକୁରଙ୍କ ମୂର୍ତ୍ତି ନେଉଛନ୍ତି ନିଃଶ୍ୱାସ !

ସୋସିଆଲ ମିଡିଆରେ ଅନେକ ସମୟରେ ବିଭିନ୍ନ ଅଜବ ଅଜବ ଭିଡିଓ ସାମନାକୁ ଆସିଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଦେଖିବାକୁ ମିଳିଛି ଏକ ମନ୍ଦିରରେ ଥିବା ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିରେ ଡାକ୍ତର ଷ୍ଟେଥୋସ୍କୋପ ଲଗାଇ ଟେଷ୍ଟ କରୁଛନ୍ତି । ଡାକ୍ତର ଜଣଙ୍କ ଭଗବାନ ଶ୍ରୀକୃଷ୍ଣଙ୍କର ହାର୍ଟବିଟ୍ ଚେକ କରୁଥିବାନେଇ ଭିଡିଓରେ ଦର୍ଶାଯାଇଛି । ଜଣେ ଭକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ହାର୍ଟବିଟ୍ ଶୁଣିଥିବାନେଇ ପ୍ରକାଶ କରିବାପରେ ସେମାନେ ଡାକ୍ତରଙ୍କୁ ଡାକିଥିଲେ, ଯିଏ ଏହାକୁ ଚେକ୍ କରିପାରିବେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ବିଭିନ୍ନ ପ୍ରକାର ମତ ପ୍ରକାଶ ପାଇବାରେ ଲାଗିଛି । କିଛି ଲୋକ ଏଥିରେ ଆଶ୍ଚର୍ଯ୍ୟପ୍ରକାଶ କରୁଥିବାବେଳେ କିଛି ଏହାକୁ ସମାଲୋଚନା କରୁଥିବାର ଦେଖିବାକୁ ମିଳିଛି ।





## ଭିଗାନ୍ ଲେଦର

ଲେଦର ପ୍ରଚଳନ କାହିଁ କେଉଁ କାଳରୁ ରହିଆସିଛି । ଏହାକୁ ସବୁଠାରୁ ଶକ୍ତିଶାଳୀ ପାରମ୍ପରିକ ମେଟେରିଆଲ ଭାବେ ପରିଗଣିତ କରାଯାଇଥାଏ । ହେଲେ ଏହି ଲେଦର ପଛର କାହାଣୀ ବେଶ କ୍ରୁର, ଏଥିପାଇଁ ଅନେକ ପଶୁଙ୍କର ଜୀବନ ଯାଇଥାଏ । ବର୍ତ୍ତମାନ ଷ୍ଟାଇଲ୍ ଓ ଫ୍ୟାଶନ୍‌ରେ ପରିବର୍ତ୍ତନ ଆସିଛି । ଏବେ ସମସ୍ତେ ପଶୁଜାତ ଦ୍ରବ୍ୟ ବ୍ୟବହାର କରିବାରୁ ନିବୃତ୍ତ ରହୁଛନ୍ତି, ତେଣୁ ଲେଦର ସ୍ଥାନ ନେଇଛି ଭିଗାନ୍ ଲେଦର । ଭିଗାନ୍ ଲେଦରକୁ ଲେଦରର ରିପ୍ଲେସମେଣ୍ଟ ଭାବେ ବ୍ୟବହାର କରାଯାଉଛି । ତେବେ ଏହା ଲେଦର ଠାରୁ କିଛି ବିଶେଷ ଅଲଗା ନୁହେଁ । ଏହା ଦେଖିବାକୁ ଅବିକଳ ଲେଦର ଭଳି ହୋଇଥିବାବେଳେ ଛୁଇଁଲେ ମଧ୍ୟ ଲେଦର ଭଳି ଫିଲ ହୋଇଥାଏ । ଏହାକୁ ବିଭିନ୍ନ ଉଦ୍ଭିଦଜାତ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ । ଏହା ବର୍ତ୍ତମାନ ଧୀରେଧୀରେ ମାର୍କେଟରେ ଟ୍ରେଣ୍ଡ୍ ହେବାରେ ଲାଗିଛି । ବିଭିନ୍ନ ଫ୍ୟଶନ୍ ବ୍ରାଣ୍ଡ୍ ମାନେ ଏହାର ପ୍ରଡକ୍ଟ ବିକ୍ରି କରିବାରେ ଲାଗିଛନ୍ତି ।



ଆଲୋଚନା ଅନୁସାରେ ଫାତିମା ସନା ଶୈଖ ବିଜୟ ବର୍ମାଙ୍କୁ ଡେଟ୍ କରୁଛନ୍ତି । ତେବେ ଏନେଇ ଉଭୟ କୌଣସି ମନ୍ତବ୍ୟ ଦେଇନଥିବାବେଳେ ଫାତିମାଙ୍କର ଏକ ଫଟୋ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଫଟୋରେ ଫାତିମାଙ୍କୁ ତମ୍ମନାଙ୍କ ସହିତ ଦେଖିବାକୁ ମିଳିଛି, ଯାହା ଫ୍ୟାନଙ୍କୁ ଟିକେ ଅଡୁଆ ଲାଗିଛି । ତମ୍ମନା ଓ ବିଜୟ ବର୍ମାଙ୍କର କିଛି ମାସ ତଳେ ବ୍ରେକଅପ ହୋଇଥିଲା । ଉଭୟଙ୍କର ସମ୍ପର୍କ ଖୁବ ଆଗକୁ ଯାଇଥିଲା, କଥା ବିବାହ ପାଇଁ ଭାଙ୍ଗିଥିବା ଆଲୋଚନା ହେଉଥିଲା । ଉଭୟ ନିଜ ରିଲେସନକୁ ଅଫିସିଆଲ ମଧ୍ୟ କରିଥିଲେ । ହେଲେ ସୂଚନାନୁସାରେ ତମନ୍ନା ବିବାହ କରିବାକୁ ଚାହୁଁଥିବାବେଳେ ବିଜୟ କିନ୍ତୁ ଚାହୁଁନଥିଲେ । ଯେଉଁ କାରଣରୁ ଉଭୟଙ୍କର ବ୍ରେକଅପ ହୋଇଥିବାନେଇ ସୂଚନା ରହିଛି । ତେବେ ବର୍ତ୍ତମାନ ବିଜୟଙ୍କ ନାଁ ଫାତିମାଙ୍କ ସହ ଯୋଡା ଯାଉଛି । ତେଣୁ ଫାତିମା ଓ ତମ୍ମନାଙ୍କୁ ଏକାଠି ଦେଖି ଫ୍ୟାନ୍‌ଟିକେ ଅଡୁଆରେ ଅଛନ୍ତି । ବର୍ତ୍ତମାନ ଫ୍ୟାନ୍‌ମାନେ ଫାତିମା ଓ ବିଜୟଙ୍କ ଡେଟିଂ ଖବରକୁ ଗୁଜବ କହିବା ଆରମ୍ଭ କଲେଣି ।

## ଡେଟିଂକୁ ନେଇ ଖବର ସତ ନା ଗୁଜବ

## ୩୪୦ ମିଲିଅନ ବର୍ଷର ସାର୍କ ଦାନ୍ତ

ଅନେକ ସମୟରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କୁ ବିଭିନ୍ନ ପ୍ରକାରର ଏଭଳି ସାମଗ୍ରୀ ମିଳିଥାଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ନିକଟରେ ଆମେରିକାରେ ଥିବା କେଣ୍ଟୁକି ମାମୋଥ୍ କେଭ୍ ନ୍ୟାସନାଲ ପାର୍କରେ ପାଖାପାଖି ୩୪୦ ମିଲିଅନ ବର୍ଷ ପୁରୁଣା ସାର୍କ ଦାନ୍ତ ମିଳିଛି । ଏହାକୁ ନେଇ ବୈଜ୍ଞାନିକମାନେ ନିଜ ଗବେଷଣା ଜାରି ରଖିଛନ୍ତି । ଏହା ସେହିସମୟର ସାମୁଦ୍ରିକ ପ୍ରାଣୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଖୁବ ସହାୟକ ହେବ ବୋଲି ଜଣା ପଡିଛି । ଏହି ଆବିଷ୍କାର ସେମାନଙ୍କର ଗବେଷଣାକୁ ଆହୁରି ସହଜ କରିବ ବୋଲି ସେମାନେ ପ୍ରକାଶ କରିଛନ୍ତି । ଏହି ପ୍ରଜାତିର ନାମ ମାକାଡେନ୍ସ ଓଲାସୋନି । ଏହି ଜୀବାଶ୍ମ ପ୍ରାଚୀନ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଅଧିକ ତଥ୍ୟ ହାସଲରେ ଖୁବ ସହାୟକ ହେବ ବୋଲି ଜଣା ପଡିଛି । ଏହି ପ୍ରଜାତି ନିଜର ୟୁନିକ୍ ଦାନ୍ତ ପାଇଁ ଖୁବ ପରିଚିତ ।



### ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ପ୍ରଦର୍ଶନରେ ଆସିବ ବିଶେଷ ଉନ୍ନତି

# ରାଜ୍ୟ ସରକାର ଦେବେ "ରାଜ୍ୟ ପଞ୍ଚାୟତ ପୁରସ୍କାର'

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ପ୍ରଗତିରେ ଯୋଡି ହେବ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ "ରାଜ୍ୟ ପଞ୍ଚାୟତ ପୁରସ୍କାର' । ସେଥିପାଇଁ ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବ । ରାଜ୍ୟ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ବଳିଷ୍ଠ ଉଦ୍ୟମ ସାବ୍ୟସ୍ତ ହେବ ।

ଏହି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସବିଶେଷ ତଥ୍ୟ ରଖିଛନ୍ତି । ପଞ୍ଚାୟତ ଆଡଭାନ୍ସ ଇଣ୍ଡେକ୍ସ ସ୍କୋରରେ ପ୍ରଦର୍ଶନ ଅନୁଯାୟୀ ୯ଟି ଥିମ୍ ଯଥା : ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନଲାଇନ ଅଡିଟ, ଉନ୍ନତ ଜିପିଡିପିଏସ୍,



ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅଦ୍ୟତନ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ସବୁ ଦିଆଯିବ । ଚାରୋଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟ ସ୍ତର, ଜିଲ୍ଲା ସ୍ତର, ବ୍ଲକ ସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ଲାଗି ୧୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ମଧ୍ୟ ପ୍ରଥମ ସ୍ଥାନ ଲାଗି ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ଜିଲ୍ଲା ପରିଷଦ ଗୁଡ଼ିକୁ ପ୍ରଥମ ସ୍ଥାନ ଲାଗି ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୧୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଟଙ୍କା ସହିତ ସର୍ବମୋଟ ୨୭ ଟି ପୁରସ୍କାର ପ୍ରଦାନ କରାଯିବ।

ସେହିଭଳି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ ଟଙ୍କା, ତୃତୀୟ ସ୍ଥାନ ନିମନ୍ତେ ୧ ଲକ୍ଷ ଅର୍ଥ ରାଶି ସର୍ବମୋଟ ୯୦ଟି ପୁରସ୍କାର ପ୍ରଦାନ କରାଯିବ । ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ ।

ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା, ଶିକ୍ଷା, ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଛନ୍ତି ।

- ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ ବର୍ଗରେ ପରସ୍କାର
- ୯ ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର
- ସମସ୍ତ ପୁରସ୍କାର ପାଇଁ ସରକାରଙ୍କ ତରଫରୁ ୪ କୋଟିର ବ୍ୟବସ୍ଥା

## ଉଦିତ୍ ପ୍ରଧାନ କ୍ଷେତ୍ରରେ କଂଗ୍ରେସ ଏବଂ ଅମରେଶଙ୍କ କ୍ଷେତ୍ରରେ ବିଜେଡି ମୁଖିଆ ନୀରବ କାହିଁକି ?: ସୁକେଶୀ

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ସରକାର, ମହିଳାମାନଙ୍କ ପାଇଁ ସମର୍ପିତ ସରକାର । ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି । ଅପରାଧୀ ଦଣ୍ଡିତ ହେଉଛନ୍ତି । ଅନ୍ୟ ପଟେ ଅପରାଧୀମାନେ ଆତଙ୍କିତ ଓ ଭୟଭୀତ ହୋଇ ପଡିଛନ୍ତି । ବିଜେଡି ଶାସନ କାଳରେ ପୀଡିତାମାନେ ଅଭିଯୋଗ କରିବାକୁ ଭୟ କରୁଥିଲେ । କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ଆଗ୍ରହ ନଥିଲା କି ସମୟ ମଧ୍ୟ ନଥିଲା । ସେହି କାରଣରୁ ଅନେକ ପୀଡିତା ଜୀବନ ହରାଇଥିଲେ । ରାଜ୍ୟର ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ




ଓରାମ କହିଛନ୍ତି ଯେ, ଗତ କିଛି ଦିନ ଧରି ଉଭୟ କଂଗ୍ରେସ ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ, ଧାରଣା, ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପ ଦାନ, ଲୋକସେବା ଭବନ ଘେରାଓ, ଓଡିଶା ବନ୍ଦ କରିବାର ରାଜନୈତିକ ସୁଆଙ୍ଗ କରୁଥିବାର ଆମେ ସମସ୍ତେ ଦେଖୁଛୁ । ଓଡିଶା ବନ୍ଦ କାରଣରୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ହୋଇଛି । ନିଜ ଅତୀତର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୁରେଇ ରଖିବା ପାଇଁ କଂଗ୍ରେସ ଓ ବିଜେଡି କରିଥିଲେ । ତାହେଲେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ରାଜରାସ୍ତାରେ ଓହ୍ଲାଉ ନାହାନ୍ତି କାହିଁକି ।।ବୋଲି ସେ ପ୍ରଶ୍ନ କରତିଛନ୍ତି ।

## ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ବିଶ୍ୱ ହେପାଟାଇଟିସ୍ ଦିବସ ୨୮ ଜୁଲାଇରେ ପାଳିତ ହୁଏ । ଏହାକୁ ଆଖିଆଗରେ ରଖି ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ହସ୍ପିଟାଲର ମେନ୍ ବ୍ଲକ୍ ଲବି ପରିସରରେ ପାଳିତ ହୋଇଯାଇଛି । ସମସ୍ତେ ସଚେତନ ହୋଇ ସକ୍ରିୟ ଭାଇରାଲ୍ ହେପାଟାଇଟିସ୍ ବିରୁଦ୍ଧରେ କାର୍ଯ୍ୟ କରିବା ଆବଶ୍ୟକ । ଯକୃତ ହେଉଛି ଚର୍ମ ପରେ ଶରୀରର ଦ୍ୱିତୀୟ ବୃହତମ ଅଙ୍ଗ । ଗ୍ଲୁକୋଜ୍, ଚର୍ବି, ପ୍ରୋଟିନ୍ ଉତ୍ପାଦନ ଏବଂ ବ୍ୟବହାର, ରକ୍ତ ଜମାଟ ବାନ୍ଧିବା, ବିଷାକ୍ତ ବର୍ଜ୍ୟବସ୍ତୁ ଦୂର କରିବା ସହ ସଂକ୍ରମଣ ପ୍ରତିରୋଧ ପରି ମୌଳିକ କାର୍ଯ୍ୟ ଯକୃତ କରିଥାଏ । ଏହାର ସୁରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଚିହ୍ନଟ ହୋଇ ଚିକିତ୍ସା କରାଗଲେ ରୋଗୀଟି ଆରୋଗ୍ୟ ଲାଭ କରିଥାଏ ବୋଲି ଆପୋଲୋ ହସପିଟାଲର ଗ୍ୟାଷ୍ଟ୍ରୋଲୋଜି ଏବଂ ହେପାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ସୁଶାନ୍ତ ସେଠୀ କହିଥିଲେ । ଦୂଷିତ ପାଣି ଦୂଷିତ ଖାଦ୍ୟ ଦ୍ୱାରା ହେପାଟାଇଟ୍ସ ବ୍ୟାପିଥାଏ । ଗୁରୁତର କ୍ଷେତ୍ରରେ ଏହା ସ୍କାର୍ରିଂ, ସିରୋସିସ୍



କିମ୍ବା ଯକୃତ କର୍କଟ ପରି ମାରାତ୍ମକ ରୋଗ ସୃଷ୍ଟି କରିପାରେ । ବର୍ଷବର୍ଷ ଧରି ଥିବା କ୍ରନିକ୍ ମାମଲାରେ ଫ୍ୟାଟି ଲିଭର୍ ରୋଗ ଏବଂ ହେପାଟାଇଟିସ୍ ବି ଏବଂ ସି ହେଉଛି ମୁଖ୍ୟ ଅବସ୍ଥା ଯାହା ମଦ୍ୟପାନ ଯୋଗୁଁ ହୋଇଥାଏ । ରକ୍ତ ପରୀକ୍ଷା (ଏଫଆଇବି-୪) ଏବଂ ସୋନୋଗ୍ରାଫି ମାଧ୍ୟମରେ ପ୍ରାରମ୍ଭିକ ଯକୃତ ରୋଗ ଚିହ୍ନଟ କରିପାରିବା । ପର୍ଯ୍ୟାପ୍ତ ପରିମାଣରେ ପନିପରିବା ଏବଂ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆପଣଙ୍କ ଶରୀର ପ୍ରାକୃତିକ ଭାବରେ ପରିଷ୍କାର କରିହୁଏ ବୋଲି ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀମାନ୍ ନାରାୟଣ ମିଶ୍ର କହିଛନ୍ତି । ଏଥିସହିତ ସମସ୍ତେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ହସ୍ପିଟାଲର ରୋଗୀ, ସେମାନଙ୍କ ଆଟେନାଣ୍ଟ, ଡାକ୍ତର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ହେଲେ ଡିସ୍‌ଚାର୍ଜ

କଟକ, (ସବ୍ୟୁ) : ଏସସିବି ମେଡିକାଲରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଡିସ୍ଚାର୍ଜ ହୋଇଛନ୍ତି । ସୋମବାର ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସଚାର୍ଜ କରାଯାଇଛି । ବିଭାଗୀୟ ମୁଖ୍ୟ ପ୍ରଫେସର ଡା.ବିଭୂତି ଭୂଷଣ ନାୟକ ସୂଚନାଅନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି । ଏହାସହ ଆସନ୍ତା ୧୫ ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ଡା. ନାୟକ କହିଛନ୍ତି । ଅନ୍ୟପଟେ ଜ୍ୟୋତି ପ୍ରକାଶ ଏସ୍‌ସିବିରୁ ଡିସଚାର୍ଜ ହେବା ପରେ କହିଛନ୍ତି ଯେ, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି ବୋଲି ଜ୍ୟୋତି କହିଛନ୍ତି ।

ସୂଚନାଥାଉକି, ଜୁଲାଇ ୧୨ ତାରିଖରେ ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜରେ ଆତ୍ମାହୁତି ଦେବା ବେଳେ ଉଦ୍ଧାର କରିବାକୁ ଯାଇ ଜ୍ୟୋତି ଗୁରୁତର ଆହତ ହୋଇଥିଲେ । ଉକ୍ତ ଅଘଟଣରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା । ଜ୍ୟୋତିଙ୍କୁ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମେ ଭର୍ତ୍ତି କରାଯାଇଥିଲା ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଏସ୍‌ସିବିର ବର୍ଣ୍ଣ ଆଇସିୟୁରେ ଜ୍ୟୋତି ପ୍ରକାଶଙ୍କ ଚିକିତ୍ସା ଚାଲିଥିବାବେଳେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୁତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ । ଏସ୍‌ସିବିରେ ଜ୍ୟୋତି ପ୍ରକା ଶଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲରେ କ୍ରାଇମବ୍ରାଞ୍ଚର ଟିମ୍ ଜ୍ୟୋତି ପ୍ରକାଶଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା । ଏସ୍‌ସିବିରେ ଦୀର୍ଘ ୧୫ ଦିନ ଚିକିତ୍ସା ହେବା ପରେ ସୁସ୍ଥ ହୋଇ ବାପା ମାଆଙ୍କ ସହ ଘରକୁ ଫେରିଛନ୍ତି ଜ୍ୟୋତି ପ୍ରକାଶ ।

### ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଯୋଗଦେଲେ ଅମ୍ରିତ୍ ଋତୁରାଜ

## ଲୋକଙ୍କ ଆସ୍ଥା ବିଶ୍ୱାସ ସୃଷ୍ଟି କରିବା ପ୍ରଥମ ଲକ୍ଷ୍ୟ

ଖୋର୍ଦ୍ଧା, (ସବ୍ୟୁ) ୨୦୧୫ବ୍ୟାଚ ଆଇଏଏସ ଅମ୍ରିତ୍ ଋତୁରାଜ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ସରକାରଙ୍କର ବିଭିନ୍ନ ଉନ୍ନତି ମୂଳକ ଯୋଜନାର ସଫଳ ରୂପାୟନ ଏଜେଣ୍ଡା ଜିଲ୍ଲାରେ କାର୍ଯ୍ୟକାରିତା, ଲୋକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରି ପ୍ରଶାସନ ଓ ସରକାରଙ୍କ ଉପରେ ଲୋକମାନଙ୍କ ଅସ୍ଥା ବିଶ୍ୱାସ ସୃଷ୍ଟି କରିବା, ଜମିଜମା ସମସ୍ୟା ସମାଧାନ, ଖୋର୍ଦ୍ଧା ଶିଳ୍ପାଂଚଳ ହବ୍ ର ପରିକଳ୍ପନା ଓ କୃଷି ଓ ଆନୁସଙ୍ଗିକ କୃଷି ଭିତିକ ଉନ୍ନତି ଦିଗରେ ସେ ପ୍ରାଥମିକତା ପ୍ରଦାନ କରିବେ । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏହା ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବାବେଳେ ଜିଲ୍ଲାପାଳ କେନ୍ଦ୍ରାପଡ଼ା ଏବଂ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହିତ ସୁଚାରୁରୂପେ ନିଜ କର୍ତବ୍ୟ ସମ୍ପାଦନ କରିଛନ୍ତି ।

## କୁଟୁମ୍ବ ପେନସନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲାଗି କୁଟୁମ୍ବ ପେନସନ ଘୋଷଣା କରିଥିଲେ । ସେହି ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଖରେ ଦାବି କରାଯାଇଛି । ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସହ ସଂଗଠନର ୩ ଜଣ କର୍ମକର୍ତ୍ତା କୁଳମଣି ରାଉତ, ଶିବନାରାୟଣ ମିଶ୍ର ଓ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୋମବାର ଉତ୍ତରଦାୟାଦ



ସଂଗଠନର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ପ୍ରଦାନ କରିଥିଲେ । ଶ୍ରୀ ସାହୁ ଏହାକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଅର୍ଥ ବିଭାଗକୁ ପଠାଇଛନ୍ତି ।

## ଏମ୍ସରେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ : ମୁଖ୍ୟ ଫାଟକରେ ଧାରଣା

ଭୁବନେଶ୍ୱର, (ସବ୍ୟୁ) : ଏମ୍ସରେ ଜଣେ ମହିଳା ଆଟେନାଣ୍ଟଙ୍କୁ ରବିବାର ରାତି ପ୍ରାୟ ସାଢ଼େ ୧ଟା ବେଳେ ଅସଦାଚରଣ ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଆଟେନାଣ୍ଟ ମାନେ ଏମ୍ସ ମୁଖ୍ୟ ଫାଟକରେ ଧାରଣାରେ ବସିଛନ୍ତି ।




ରବିବାର ରାତିରେ ଡ୍ୟୁଟିରେ ଥିବା ଜଣେ ମହିଳା ଆଟେନାଣ୍ଟଙ୍କୁ ମାନବାନନ୍ଦ ଚୌଧୁରୀ ତାଙ୍କ ଚ୍ୟାମ୍ବରକୁ ଡାକି ଟଣାଓଟରା କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି । ଭୟରେ ଆଟେନାଣ୍ଟ ସେଠାରୁ ଖସିଆସି ସେହି ଚ୍ୟାମ୍ବରର ବାହାରପଟୁ କବାଟ ଦେଇଥିବା କହିଛନ୍ତି । ଏ ସମ୍ପର୍କରେ ସେ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବାରେ ବିଳମ୍ବ ହେବାରୁ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଅଭିଯୁକ୍ତ କର୍ମଚାରୀ ଫେରାର ଥିବା କୁହାଯାଉଛି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ନ୍ୟାୟ ପ୍ରଦାନ ଦାବିରେ ଆଟେନାଣ୍ଟମାନେ ଧାରଣାରେ ବସିଛନ୍ତି । ଅଭିଯୁକ୍ତ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି ।

ଏମ୍ସ ଭଳି ହସ୍ପିଟାଲରେ ଏପରି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ଶିକ୍ଷାନୁଷ୍ଠାନରେ ଏହିପରି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଥିବାବେଳେ ଡାକ୍ତରଖାନାରେ ରୋଗୀଙ୍କ ସେବାରେ ନିୟୋଜିତ ଥିବା କର୍ମଚାରୀ ଧର୍ଷବ୍ୟ ଅପରାଧ କରୁଛନ୍ତି । ନାରୀ ସୁରକ୍ଷାକୁ ନେଇ ସରକାର ତତ୍ପର ଥିବାବେଳେ ଗୋଟିଏ ପରେ ଗୋଟିଏ ଘଟଣାକୁ ନେଇ ଚର୍ଚ୍ଚା ହେଉଛି ।

## ବଢୁଛି ବନ୍ଧୁକ କାରବାର: ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ୍ ଉପରେ ପୋଲିସର ନଜର

କଟକ, (ସବ୍ୟୁ) : ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିବା ବେଆଇନ୍ ବନ୍ଧୁକ ବ୍ୟବସାୟକୁ ଗତକାଲି କମିଶନରେଟ୍ ପୁଲିସ ପର୍ଦ୍ଦାଫାସ କରିବା ପରେ କଟକରେ ଚଢ଼ଉ ଜୋରଦାର କରାଯାଉଛି । ବିହାରର ମୁଙ୍ଗେର୍ ଠାରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ଯୋବ୍ରାରେ ବିକ୍ରି ହେଉଥିଲା । ଏହି ବେଆଇନ ବନ୍ଧୁକ କାରବାର କରୁଥିବା ନନ୍ଦ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡକୁ ପୁଲିସ ଗତକାଲି ଗିରଫ କରିଛି । ତେବେ ଏହି ବନ୍ଧୁକ ସିଣ୍ଡିକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ କମିଶନରେଟ୍ ପୁଲିସ ଚଢ଼ଉ ଜୋରଦାର୍ କରିଛି ବୋଲି ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ମହାନଗରରେ ବଢି ଚାଲିଛି ଚୋରା ବନ୍ଧୁକ କାରବାର । ଡି-ବ୍ରଦର୍ସର ସହଯୋଗୀମାନେ ବେଶ କିଛି ବର୍ଷ କଟକ ସହରରେ ଚୋରା ବନ୍ଧୁକ କାରବାର କରିଥିଲେ । ପୁଲିସର ଧରପଗଡ଼ ପରେ ବହୁମାତ୍ରାରେ ଏହି ଗ୍ୟାଙ୍ଗର ଚୋରା କାରବାର କମିଯାଇଥିଲା । ସେମାନଙ୍କ ସାମ୍ରାଜ୍ୟ ଧୂଳିସାତ୍ ହେବା ପରେ ଗ୍ୟାଙ୍ଗଷ୍ଟାର୍ ସକିଲ୍‌ର ସହଯୋଗୀ ଚୋରା ବନ୍ଧୁକ ସିଣ୍ଡିକେଟ୍ ଚଳାଉଥିବା କମିଶନରେଟ୍ ପୁଲିସ ଜାଣିବାକୁ ପାଇଥିଲା । ନିକଟରେ ବିଡ଼ାନାସୀ ପୁଲିସ ହାତରେ କୃଷକ ବଜାର ଅଞ୍ଚଳର ବିଟୁ ଓରଫ ଦିନେଶ କୁମାର ଗିରି ଗିରଫ ହେବା ପରେ ପୁଲିସ ସାରା ସହରରେ ଧରପଗଡ଼ ଆରମ୍ଭ କରିଥିଲା । କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ଏହି ଚଢ଼ଉ ବନ୍ଦ ହୋଇଯାଇଥିଲା । ଗତକାଲି 'ନନ୍ଦ ଗ୍ୟାଙ୍ଗ'ର ମୁଖ୍ୟ ଗିରଫ ହେବା ପରେ ଏହି ବନ୍ଧୁକ ର୍‌ୟାକେଟ୍ ଚଢ଼ଉ ଅଭିଯାନକୁ ପୁଲିସ ଜୋରଦାର କରଥିବା ଜଣାପଡ଼ିଛି । ଉଭୟ ଦେଶୀ ଓ ବିଦେଶୀ ମାଉଜରର ଚୋରା କାରବାରକୁ ରୋକିବା ପାଇଁ ଥାନାୱାରୀ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଟକ ସହର ଏବଂ ଏହାର ଆଖପାଖ ଜିଲ୍ଲାରେ ଏବେ ଅପରାଧ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅପରାଧୀମାନେ ଗ୍ୟାଙ୍ଗ୍ ଗଢି ସଂଗଠିତ ଅପରାଧ ଘଟାଉଛନ୍ତି । ବିଶେଷକରି ବନ୍ଧୁକ ମୁନରେ ଲୁଟ୍, ଦାଦାବଟି ଆଦାୟ ଓ ଧମକ ଚମକ ଦେବା ଭଳି ଅପରାଧ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ତେବେ ଅପରାଧୀ ମାନେ ଖୁବ୍ ସହଜରେ ଚୋରାରେ ବନ୍ଧୁକ ପାଇପାରୁ ଥିବାରୁ ସେମାନେ ଅପରାଧ ଘଟାଇବାରେ ସଫଳ ହେଉଛନ୍ତି । ଚୋରା ବନ୍ଧୁକ କାରବାର ରୋକିବା ଉପରେ କମିଶନରେଟ ପୁଲିସ ଏବେ ଗୁରୁତ୍ୱ ଦେଉଛି । ଗତକାଲି ଗିରଫ ହୋଇଥିବା ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ । ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି ।

## ଯୁବତୀଙ୍କ ଆତ୍ମହତ୍ୟା

ଚୌଦ୍ୱାର(ସ.ବ୍ୟୁ.) : ଚୌଦ୍ୱାର ପୌରପାଳିକାର ୬ନମ୍ବର ୱାର୍ଡ଼ ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ମଠସାହିରେ ଜଣେ ଯୁବତୀ ନିଜ ଶୋଇବା ଘରେ ପଙ୍ଖାରେ ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଖବର ପାଇ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ଯୁବତୀ ଜଣକ ମଠସାହିର ବିଷ୍ଣୁ ପାତ୍ରଙ୍କ ଝିଅ ଖୁସି ପାତ୍ର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତାଙ୍କ ଶୋଇବା ଖଟ ଉପରେ ଏକ ସୁଇସାଇଡ୍ ନୋଟ୍ ପୁଲିସ୍ ଜବତ କରିବା ସହ ମୃତଦେହକୁ ଶବବ୍ୟବେଚ୍ଛଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି । ତେବେ ଯୁବତୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ଶବବ୍ୟବେଚ୍ଛଦ ରିପୋର୍ଟ ଏବଂ ସୁଇସାଇଡ୍ ନୋଟ୍‌ର ଯାଂଚ୍ ପରେ ସବୁ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ନିଶା କାରବାର କରୁଥିବା ଦୋକାନୀଙ୍କ ଉପରେ ପୋଲିସ ଚଢ଼ାଉ

# ପୁଳାପୁଳା ନିଶା ଓ ସାମଗ୍ରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ନିଶା କାରବାରକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଉପକଣ୍ଠ ତମାଣ୍ଡୋ, ପାତ୍ରପଡ଼ା, ସିଜୁଆ, ଧର୍ମବିହାର ଆଦି ଅଞ୍ଚଳରେ ରବିବାର ଚଢ଼ାଉ କରାଯାଇଛି । ନିଶା କାରବାର କରୁଥିବା ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ, ସିଗାରେଟ ଖୋଳ, ଚିଲମ ଓ ଅନ୍ୟାନ୍ୟ ବହୁ ସାମଗ୍ରୀ ଜବତ କରିଛି ।

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ଖୁଲମଖୁଲା ବିକ୍ରି ହେଉଛି । ପୂର୍ବରୁ ଜୟଦେବ ବିହାର, ସୈନିକ ସ୍କୁଲ-ଆଚାର୍ଯ୍ୟ ବିହାର ରାସ୍ତା ପାର୍ଶ୍ୱରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯିବା ସାଙ୍ଗକୁ ବହୁ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା । ସେହିପରି ରବିବାର ତମାଣ୍ଡୋ, ପାତ୍ରପଡ଼ା, ସିଜୁଆ, ଧର୍ମବିହାର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇ ନିଶାଦ୍ରବ୍ୟ ଜବତ କରାଯାଇଛି । କୋର୍ଡ଼ୱାର୍ଡ଼ରେ ଦୋକାନୀମାନେ ଗଞ୍ଜେଇ ସିଗାରେଟ ଦେଉଛନ୍ତି । ଗୋଗୋ, ଚାମ୍ପା, ସ୍ପେଶାଲ ସିଗାରେଟ ଆଦି ନାଁରେ ଗ୍ରାହକମାନେ ଗଞ୍ଜେଇ ସିଗାରେଟ ମାଗୁଛନ୍ତି । ପୁଳାପୁଳା ଗଞ୍ଜେଇ ରଖି ୫୦ରୁ ୨୦୦ ଟଙ୍କା ଲେଖାଏଁ ପୁଡ଼ିଆ କରି ବିକ୍ରିର କରାଯାଉଛି । ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ପୁରୁଣା ଭୁବନେଶ୍ୱର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ରସୁଲଗଡ଼ ପ୍ରଭୃତି ଛୋଟ ଛୋଟ ଦୋକାନମାନଙ୍କରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ବିକ୍ରି ହେଉଛି । ପାତ୍ରପଡ଼ାର ଜଣେ ବ୍ୟବସାୟୀଙ୍କ କହିବା ଅନୁଯାୟୀ ସେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ବିକି ୫/୬ ଥର ଜେଲ୍ ଗଲେଣି, ପୁଣି ଜେଲ ଯିବେ । ତାଙ୍କ କହିବା ଅର୍ଥ ମୁଁ ଚୋରା ନିଶା କାରବାର କରୁଛି ମାନେ ଜେଲ୍ ଯିବା ସ୍ୱାଭାବିକ ଘଟଣା । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବା ଅନୁଯାୟୀ ଆଗକୁ ଚଢ଼ାଉ ଜୋରଦାର ହେବ । ସେଥିପାଇଁ ବ୍ୟବସାୟୀମାନେ ସଚେତନ ହେବା ଜରୁରୀ ।

ଖୋଲାରେ ଗଞ୍ଜେଇ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ପୋଲିସ ଗିରଫ କରୁଛି । ସେମାନଙ୍କୁ ଯୋଗାଉଥିବା ହୋଲ୍‌ସେଲରମାନଙ୍କୁ ପୋଲିସ କାଁ ଭାଁ ଗିରଫ କରୁଛି । ବିଭିନ୍ନ ଉପାୟରେ ସେମାନେ ଫୁଲବାଣୀ ପ୍ରଭୃତି ଜିଲ୍ଲାରୁ ଗଞ୍ଜେଇ ରାଜଧାନୀକୁ ଚାଲାଣ କରୁଛନ୍ତି । ସେମାନଙ୍କ ଉପରେ କଡ଼ା ଅଙ୍କୁଶ ଲାଗିଲେ ହୁଏତ ଗଞ୍ଜେଇ ଚାଲାଣ ରୋକି ହୁଅନ୍ତା । ଏହା ତ ଗଲା ଚୋରା ନିଶା କାରବାର କଥା । ସରକାରୀ ଭାଙ୍ଗ ଦୋକାନରେ ଖୁଲମଖୁଲା ଗଞ୍ଜେଇ ବିକ୍ରି ହେଉଛି । ସେଠାରେ ଅବକାରୀ କିମ୍ବା ପୋଲିସ ଚଢ଼ାଉ କରିବାର ନାଁ ଧରୁନି । ସେମାନେ ମଧ୍ୟ ଭାଙ୍ଗ ଦୋକାନରେ ଚୋରାରେ ଗଞ୍ଜେଇ ବିକ୍ରି କରୁଛନ୍ତି । ସେହି ଦୋକାନ ଉପରେ ଚଢ଼ାଉ କରାଗଲେ ଚୋରା ନିଶା କାରବାର ରୋକାଯାଇପରିବ ବୋଲି କୁହାଯାଉଛି । କାରଣ ସେମାନଙ୍କୁ ଚୋରାରେ ଗଞ୍ଜେଇ ହୋଲ୍‌ସେଲିଂ କରୁଥିବା ମାଫିଆମାନେ ଗଞ୍ଜେଇ ଯୋଗାଉଛନ୍ତି । ସରକାରୀ ଭାବେ ଗଞ୍ଜେଇ ସେମାନେ କିଣୁ ନଥିବା ସ୍ପଷ୍ଟ ହେଉଛି ।

# ଛାତ୍ରୀଙ୍କୁ ଅସଦାଚରଣ ଭିଡ଼ିଓ ଭାଇରାଲ ପରେ ଶିକ୍ଷକ ନିଲମ୍ବିତ

ବେତନଟୀ, (ସବ୍ୟୁ) : ଛାତ୍ରୀଙ୍କୁ ଅସଦାଚରଣ । ଜଣେ ଅଧେ ନୁହେଁ ବରଂ ୭/୮ ଜଣ ଛାତ୍ରୀଙ୍କୁ ଗେଲ କରିବା ବାହାନାରେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଆଉ ଏହି ଘଟଣାରେ ଜଣେ ସ୍କୁଲ ଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି । ଏହିପରି ଏକ ଲଜ୍ୟା ଜନନ ଘଟଣା ଆସିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଗୋଟିଏ ସରକାରୀ ବିଦ୍ୟାଳୟ ପରିସରରେ । ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ପାଟଲିପୁରା ପଞ୍ଚାୟତର ପ୍ରତିମାଦେଇପୁର ସରକାରୀ ଉପ୍ରା ବିଦ୍ୟାଳୟ ଏଭଳି ଅଭାବନୀୟ ଲଜ୍ଜାଜନକ ଘଟଣା ଘଟିଛି । ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଏବଂ ଏକ ଭାଇରାଲ ଭିଡିଓକୁ ଆଧାର କରି ବେତନଟୀ ବ୍ଲକ (ବିଇଓ) ବ୍ଲକ ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ନିଲମ୍ବନ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀଙ୍କ କହିବା ମୁତାବକ ଶିକ୍ଷକ ଜଣଙ୍କ ଛାତ୍ରୀଙ୍କୁ ଗେଲ କରିବା ବାହାନାରେ କୁନି କୁନି ପିଲାଙ୍କୁ ଯୌନ ଶୋଷଣ କରିଥିବା ନେଇ ଅଭିଯୋଗ ହୋଇଛି ଏବଂ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଯାହାକୁ ଦେଖି ସେ ତୁରନ୍ତ ଏହିପରି ପଦକ୍ଷେପ ନେଇଛନ୍ତି ଏବଂ ଏକ କମିଟି ଗଠନ କରି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି । ପୂର୍ବରୁ ମଧ୍ୟ ଶିକ୍ଷକ ଙ୍କ ନାମରେ ଏହିପରି ଅଭିଯୋଗ ଥିବା ଜଣାପଡିଛି । ତେବେ ଏହି ଘଟଣା ଜୁଲାଇ ୨୧ ତାରିଖରୁ ହୋଇଥିବା ଜଣାପଡିଛି । ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ପରେ ବେତନଟୀ ବ୍ଲକ ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକଙ୍କୁ ଜୁଲାଇ ୨୧ରେ ନିଲମ୍ବନ କରିଥିଲେ ବି ଗଣମାଧ୍ୟମରୁ ଲୁଚାଇ ରଖାଯାଇଥିଲା । ଏପରିକି ବର୍ତ୍ତମାନ ପର୍ଯ୍ୟନ୍ତ ଥାନାରେ ଅଭିଯୁକ୍ତ ଶିକ୍ଷକଙ୍କ ନାଁରେ ମାମଲା ହୋଇନଥିବା ହୋଇନାହିଁ । ପ୍ରାପ୍ତ ସୂଚନା ମୁତାବକ ଉକ୍ତ ଶିକ୍ଷକ ଜଣକ ତେନ୍ତୁଳି ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୧୮ ବର୍ଷରେ କୁନି ଛାତ୍ରୀଙ୍କୁ ଅସଦାଚରଣ କରି ବିପୁଳ ମାଡ଼ ଖାଇ ଗିରଫ ହେବା ସହ ଚାକିରିରୁ ମଧ୍ୟ ନିଲମ୍ବନ ହୋଇଥିବା ବେଳେ ଅନ୍ୟ ବିଦ୍ୟାଳୟ ମାନଙ୍କରେ ମଧ୍ୟ ଏହି ଭଳି ଘଟଣାରେ ମାଡ଼ ଖାଇ ବଦଳି ମଧ୍ୟ ହୋଇଥିଲେ । ଏହିପରି ଅଶାଳୀନ ବ୍ୟକ୍ତି ତଥା ଶିକ୍ଷକ ନାମରେ କଳଙ୍କ ଥିବା ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିବା ପାଇଁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି ।

## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ

ନିମାପଡା,(ସବ୍ୟୁ): ରବିବାର ନିମାପଡା ଏନ୍‌ଏସି ଅଂଚଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକୀବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସିର୨ଟି ସ୍ଥାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ଏନ୍‌ଏସିର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନକୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ ବଡ ଏଲଇଡି ପରଦାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସାମିଲ ହୋଇ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି,କାଉନସିଲର ନିରଂଜନ ନାୟକ,କବିତା ତରାଇ,ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ପୂର୍ବତନ କାଉନସିଲର ସନ୍ତୋଷ ଓଝାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଯୁବ ସାମ୍ବାଦିକ ନବୀନ ଦାଶଙ୍କ ପରଲୋକ



ସମ୍ବଲପୁର, (ସବ୍ୟୁ) : ସମ୍ବଲପୁରର ଜଣାଶୁଣା ଯୁବ ସାମ୍ବାଦିକ ନବୀନ ଦାଶ(୪୨)ଙ୍କ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ଭିମସାର, କୁଲୁଥକାନୀ ସ୍ଥିତ ବାସଭବନ ଓ ରାଜଘାଟରେ ବହୁ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀ, ରାଜନେତା, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ ଜମିଥିଲା। ଅପରାହ୍ନରେ ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଏକମାତ୍ର ପୁତ୍ର ବିକାଶ ଦାଶ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସାମ୍ବାଦିକ ନବୀନ ନିଜ ପନୀ ନିରୁପମା ଦାଶଙ୍କ ସହ ଜମନକିରା ମୁକ୍ତେଶ୍ୱର ମନ୍ଦିରକୁ ଖବର ସଂଗ୍ରହ ପାଇଁ ଗତ ୧୯ତାରିଖ ମଧ୍ୟାହ୍ନରେ ଯାଇଥିଲେ। ମୁକ୍ତେଶ୍ୱର ବାବାଙ୍କ ଦର୍ଶନ ଓ ଖବର ସଂଗ୍ରହ ପରେ ନିଜ ବାଇକ ଗାଡି ନମ୍ବର(ଓଡି୧୫ୟୁ-୦୮୯୯) ଯୋଗେ ଫେରୁଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥରେ ଅପରାହ୍ନରେ ଦୁର୍ଘଟଣାଗସ୍ତ ହୋଇଥିଲେ। ଗୌଡପାଲି ଫାଣ୍ଡି ଅନ୍ତର୍ଗତ ପତରଫଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ଗାଡି ନମ୍ବର( ଓଡି୧୭ଏଡି-୮୯୦୫) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସପନୀଙ୍କ ସହ ନବୀନ ଓ ବରଗଡ ଜିଲ୍ଲା ଅମ୍ବାବନା ବ୍ଲକର ଶାନ୍ତନୁ ଭୋଇ ଓ ସରୋଜ ବୁଡେକ ଗୁରୁତର ଆହତ ହୋଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ପ୍ରଥମେ ସରୋଜଙ୍କ ମୃତ୍ୟୁ ହୋଇଥିଲା। ନବୀନ ଗୁରୁତର ଅବସ୍ଥାରେ ଭିମସାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଦୁର୍ଘଟଣାର ୯ଦିନ ପରେ ମଧ୍ୟ ତାଙ୍କର ଚେତା ଫେରିନଥିଲା। ରବିବାର ପୂର୍ବାହ୍ନ ୧୧ଟା୧୫ରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସେ ବାପା ପ୍ରହ୍ଲାଦ, ମାଆ ସୁରେଶ୍ୱରୀ, ଧର୍ମପନୀ ନିରୁପମା ଓ ୫ମ ଶ୍ରେଣୀ ପଢୁଥିବା ନାବାଳକ ପୁଅ ବିକାଶକୁ ଛାଡି ଯାଇଛନ୍ତି।

# ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆଇଡି ହ୍ୟାକ୍

ଭୁବନେଶ୍ୱର(ସବ୍ୟୁ): ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆଇଡି ଓ୍ୱେବସାଇଟ ହ୍ୟାକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । କେହି ଦୁର୍ବୃତ୍ତ ଓ୍ୱେବସାଇଟକୁ ହ୍ୟାକ୍ କରି ଦେଇଥିବା ଦେଖିବାକୁ ମିଳିଛି । ଉଚ୍ଚଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିବା ସହ ଏହି ସମ୍ବନ୍ଧୀୟ ଏକ ଏଫ୍‌ଆଇଆର୍ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଉଚ୍ଚ ଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଥିଲା । ପେଜରେ କେହି ଅଶ୍ଳୀଳ ଭିଡିଓ ଅପଲୋଡ୍ କରି ଦେଇଥିବା ଜଣାପଡ଼ିଛି । ମାତ୍ର କିଛି ସମୟ ପରେ ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ପୂର୍ବଭଳି ଠିକ୍ ହୋଇ ଯାଇଥିଲା । ତେବେ କେମିତି ଏହି ଆକାଉଣ୍ଟ ହ୍ୟାକ୍ ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଉଚ୍ଚଶିକ୍ଷା ବିଭାଗର ଇନ୍‌ଷଫାଗ୍ରାମ୍ ଆକାଉଣ୍ଟ ଆଜି ସକାଳେ କିଛି ସମୟ ପାଇଁ ହ୍ୟାକ୍ ହୋଇଥିବାର ଜଣାପଡିଛି । ବିଭାଗର କାର୍ଯ୍ୟକଳାପ ସହ ସମ୍ପୃକ୍ତ ନଥିବା କିଛି ପୋଷ୍ଟ ଇନ୍‌ଷଫାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ ହୋଇଥିଲା । ଉକ୍ତ ଘଟଣାଟି ବିଭାଗର ନଜରକୁ ଆସିବା ପରେ, ଇନ୍‌ଷଫାଗ୍ରାମ୍ ଆକାଉଣ୍ଟକୁ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଉଚ୍ଚଶିକ୍ଷା ବିଭାଗ ତରଫରୁ ଇନ୍‌ଷଫାଗ୍ରାମ୍ ଆକାଉଣ୍ଟକୁ ପୁନରୁଦ୍ଧାର କରାଯିବା ସହିତ ବିଭାଗ ସହ ସମ୍ପୃକ୍ତ ନଥିବା ପୋଷ୍ଟଗୁଡ଼ିକୁ ହଟାଇ ଦିଆଯାଇଛି ।

## ବିପଜ୍ଜନକ ବୁଲେଟ ଗାଡି ଚାଳନା ପଡ଼ିଲା ମହଙ୍ଗା

# ୧୬ ହଜାର ଟଙ୍କା ଜରିମାନା କଲେ କଟକ ଆରଟିଓ

କଟକ,(ସବ୍ୟୁ): ବୁଲେଟ ଧରି ବିପଜ୍ଜନକ ଭାବେ ଗାଡି ଚଲାଇବା ପଡ଼ିଛି ମହଙ୍ଗା । ସେଥିପାଇଁ ୧୬ ହଜାର ଟଙ୍କା ଦଣ୍ଡ ଦେବାକୁ ପଡ଼ିବ ଗାଡି ମାଲିକଙ୍କୁ। ବୁଲେଟର ତେଲ ଟାଙ୍କୀ ଉପରେ ପତ୍ନୀଙ୍କୁ ବସାଇ ସ୍ୱାମୀ ଚଲାଉଥିଲେ ଗାଡି। ମୋବାଇଲ୍‌ରେ ପତ୍ନୀ କରୁଥିଲେ ରିଲ୍ସ । ଏହି ଭିଡିଓ ଚାରିଆଡେ ଭାଇରାଲ ହୋଇଗଲା। ବିପଦପୂର୍ଣ୍ଣ ଭାବେ ସଡ଼କରେ ଗାଡ଼ି ଚଲାଇବାକୁ ନେଇ ଜନୈକ ବ୍ୟକ୍ତି ଏହି ଭିଡିଓକୁ କଟକ ଜିଲ୍ଲାପାଳ, ପୁଲିସ୍ କମିସନର, କଟକ ଆରଟିଓ ପ୍ରମୁଖଙ୍କୁ ଟ୍ୟାଗ୍ କରି ଏକ୍ସ ରେ ପୋଷ୍ଟ କରିଦେଲେ। ଏହି ଏକ୍ସ ପୋଷ୍ଟକୁ ଆଧାର କରି କଟକ ଜିଲ୍ଲାପାଳ, କଟକ ଆରଟିଓଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦେଇଥିଲେ ନିର୍ଦ୍ଦେଶ। କଟକ ଆରଟିଓ ମଧ୍ୟ ଏହି ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଗାଡ଼ି ଉପରେ ୧୬ ହଜାର ଟଙ୍କା ଜରିମାନା କରାଯାଇଛି । ଏ ସଂକ୍ରାନ୍ତରେ ବାହାନ ପୋର୍ଟାଲ ଜରିଆରେ ଗାଡ଼ି ମାଲିକ ତଥା ମୋହନ ସାହୁଙ୍କ ମୋବାଇଲ୍‌କୁ ଏହି ଜରିମାନା ସଂକ୍ରାନ୍ତ ମେସେଜ୍ ପଠାଯାଇଛି। ମୋହନ ସାହୁଙ୍କ ଗାଡ଼ି ନମ୍ବର ରହିଛି ଓଡି୦୫ବିଇ-୮୦୫୯। ଏହି ଗାଡ଼ିରେ ଉଭୟ ପତି-ପତ୍ନୀ କଟକର ଏକ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଲାଉଥିବାର ଅଭିଯୋଗରେ ସେମାନଙ୍କ ଉପରେ ୫ ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ଗାଡ଼ି ଚଲାଉଥିବାବେଳେ ହେଲମେଟ୍ ପିନ୍ଧିନଥିବାରୁ ୧ ହଜାରଟଙ୍କା ଜରିମାନା। ପ୍ରଦୂଷଣ ସାର୍ଟିଫିକେଟ ନଥିବାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି ।କଟକ ଆରଟିଓ ବିରଞ୍ଚି ନାରାୟଣ ଅଧିକାରୀଙ୍କ କହିବାନୁଯାୟୀ ବିପଦପୂର୍ଣ୍ଣ ଭାବେ ରାସ୍ତାରେ ଗାଡ଼ି ଚଲାଇବା ଅପରାଧ ଅଟେ । ଏଭଳି ଗାଡି ଚଳାଇ ଚାଳକ ନିଜପାଇଁ ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ପରୋକ୍ଷରେ ଅନ୍ୟଜଣଙ୍କୁ ମଧ୍ୟ ବିପଦ ମଧ୍ୟକୁ ଟାଣି ଆଣୁଛନ୍ତି। ତେଣୁ ରାସ୍ତାରେ ଏଭଳି ବିପଦପୂର୍ଣ୍ଣ ଭାବେ କେହି ଗାଡ଼ି ଚଲାଇଲେ ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମାଣ ହେବ ଆଉ ଏକ ସିନେମା

ଭୁବନେଶ୍ୱର, (ସବ୍ୟୁ): ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣର ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ ‘ମାଳତୀ’ ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଫିଲ୍ମର ପ୍ରଯୋଜକ ପୁରୀର। ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ସିନେମା ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ତାଙ୍କର ଆଗାମୀ ଫିଲ୍ମ ପାଇଁ ଗୁରୁଜୀ ଗୋଟିଏ ଗୀତ ଲେଖିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ବିପୁଳ ସଫଳତା ଲାଭ କରିବା ପଛରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା ଏହାର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ ଗଣମାଧ୍ୟମକୁ କହିଥିଲେ। ଏ ସମ୍ପର୍କରେ ଗୁରୁଜୀଙ୍କ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି ବି କାର୍ଯ୍ୟ ତାଙ୍କୁ ଭଲ ଲାଗେ। ‘ଶ୍ରୀଜଗନ୍ନାଥଙ୍କ ନବକଳେବ ର’ ସିନେମାଟି ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏଥିରେ ସଂଶ୍ଳିଷ୍ଟ ହେଲେ। ଏଭଳି ମୁଭି ତାଙ୍କର ପସନ୍ଦ ବୋଲି ଗୁରୁଜୀ କହିଛନ୍ତି।

“ଜଗନ୍ନାଥ ସଂସ୍କୃତି ଆମର ମାଟି ସହିତ ଜଡ଼ିତ। ପ୍ରତ୍ୟେକ ଓଡ଼ିଆ ଜନ୍ମରୁ ଜଗନ୍ନାଥଙ୍କର ଭକ୍ତ’ ବୋଲି ଗୁରୁଜୀ କହିଛନ୍ତି। ଚଳିତବର୍ଷ ଗୁରୁଜୀଙ୍କ ମାର୍ଗଦର୍ଶନରେ ଗୁରୁଗ୍ରାମରେ ନୂଆଦିଲ୍ଲୀର ସବୁଠାରୁ ବଡ଼ ରଥ ତିଆରି ହୋଇଥିବାବେଳେ ଗୁରୁଜୀଙ୍କ ପ୍ରେରଣାରେ ଦିଲ୍ଲୀ, ନୋଇଡ଼ା ପ୍ରଭୃତି ଏକାଧିକ ସ୍ଥାନ ସହ ଯୁକ୍ତରାଷ୍ଟ୍ର ଆମେରିକାର ଡଲାସ ଓ ହଷ୍ଟନରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ନିକଟରେ ଉତ୍ତରପ୍ରଦେଶର ବରେଲିଠାରେ ଗୁରୁଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସ୍ଥାପନ କରିଥିବାବେଳେ ଲକ୍ଷ୍ନୌଠାରେ ମଧ୍ୟ ଗୁରୁଜୀଙ୍କ ପ୍ରେରଣାରେ ଏକ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି।

# ଚାଷୀ ପଞ୍ଜିକରଣ ଅବଧି ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରୀୟ ଥିବାରୁ ଚାଷୀ ଚାଷ କାର୍ଯ୍ୟରେ ସମ୍ପୁର୍ଣ୍ଣ ବ୍ୟସ୍ତ । ଖରିଫ୍ ଅମଳ ଧାନକୁ ମଣ୍ଡିରେ ଦେବାକୁ ଟୋକନ ପାଇଁ ଇ-କେଓ୍ୱାଇସି କରିବାକୁ ବାଧ୍ୟ ବୋଲି ସରକାର ଘୋଷଣା କରିଛନ୍ତି । ଏହି ବ୍ୟବସ୍ଥାରେ ଏବେ ଚାଷୀ ଘୋର ଆଶଙ୍କାରେ । କାରଣ ସୋସାଇଟିଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଠିକ୍ ଭାବରେ ଚାଲୁନାହିଁ । ଅଧିକାଂଶ ସମୟରେ ଇଂଟରନେଟରେ ଲିଙ୍କ ରହୁନାହିଁ । ଏହାଦ୍ୱାରା ଚାଷୀ ପଞ୍ଜିକରଣ ଧିମେଇ ଚାଲିଛି । ସବୁସ୍ଥାନରେ କର୍ମଚାରୀର ଅଭାବ । ଚାଷୀ ବିଭିନ୍ନ ମୌଜାରେ ଥିବା ଅଲଗା ଅଲଗା ସୋସାଇଟକୁ ଯାଇ ତା’ର ଧାନ ବିକିବାପାଇଁ ଇ-କେଓ୍ୱାଇସି କରିବା କଷ୍ଟ । ସରକାର ଚଳିତବର୍ଷ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ନିୟମକୁ ବଦଳାଇ ପୂର୍ବବର୍ଷ ତୁଳନାରେ ଅଧିକ ଦସ୍ତାବିଜ୍ ମଗାଉଛନ୍ତି । ବିଶେଷ କରି ଇ-କେଓ୍ୱାଇସି ଦାଖଲ ବେଳକୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ ପଟା ସଂଶୋଧନ କରିବା ଚାଷୀଙ୍କ ପାଇଁ ଏବେ କାଠିକର ପାଠ । ଅଧିକାଂଶ ଜମିର ପଟା ମୃତ ବ୍ୟକ୍ତିଙ୍କ ନାମରେ ଥିବାରୁ ଏହାର ସତ୍ୱାଧିକାରୀଙ୍କ ପ୍ରମାଣପତ୍ର ସଂଗ୍ରହ କରିବାରେ ବିଳମ୍ବ ହେଉଛି । ପରିବାରର ଅନ୍ୟ ସଦସ୍ୟଙ୍କୁ ଏକାଠି କରି ଆର.ଆଇ. ଅନୁମୋଦନ ରିପୋର୍ଟ ଆଣିବା କଷ୍ଟ । ଭୂଲେଖ ରେକର୍ଡ ଅପଲୋଡ଼ କରିବାରେ ବହୁ ଅସୁବିଧା । ଯାହା ଫଳରେ ଅଦ୍ୟାବଧି ଲକ୍ଷ ଲକ୍ଷ ଚାଷୀ ଖରିଫ୍ ଧାନ ବିକିବାକୁ ସେମାନଙ୍କ ନାମ ପଞ୍ଜିକରଣ କରି ପାରୁନାହାନ୍ତି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଏକ ପ୍ରେସ ଇସ୍ତାହାରରେ ଅଭିଯୋଗ କରିଛନ୍ତି । କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଅଭିଯୋଗ ଜାଣିବା ପରେ ଏହାର ଆଶୁ ନିରାକରଣ ଓ ଖରିଫ୍ ଧାନ କ୍ରୟ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୨୦ ପରିବର୍ତ୍ତେ ସେପେଟମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ଏବଂ ଧାନ କ୍ରୟ ପାଇଁ ନାମ ପଞ୍ଜିରଣ ବ୍ୟବସ୍ଥାର ସରଳୀକରଣ, ଆବଶ୍ୟକ ସ୍ଥଳେ କେବଳ ଆଧାର କାର୍ଡ଼ ମାଧ୍ୟମରେ ଚଳିତ ବର୍ଷ ନାମ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି । ଯଦି ସରକାର ତୁରନ୍ତ ଏହି ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ କରିନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ ଓ ଚାଷୀନେତା ସାନନ୍ଦ ମିଶ୍ର, ସୁବାଷ ରାଉତ, ଉମେଶ ସାହୁ, ସନରାଜ ଗଣ୍ଡ, ଭବାନୀ ସଙ୍କର ତ୍ରିପାଠୀ, ପି. ଦେବେନ୍ଦ୍ର କୁମର ରାଓ, ରଘୁନାଥ ପଲିଆ, ପଦ୍ମ ଚରଣ ସାହୁ, ବୃନ୍ଦାବନ ଖଟେଇ, ଧ୍ରୁବ ଚରଣ ପରିଡ଼ା, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ଦୟାସାଗର ମେଣ୍ଡଲୀ, ଗୋବିନ୍ଦ ପଟେଲ, ପ୍ରଶନ୍ନ ପାଲ, ଦାଶରଥି ସାହୁ, ନୂତନ ତ୍ରିପାଠୀ, ଗୋବିନ୍ଦ ମିଶ୍ର, ନିରଞ୍ଜନ ବେହେରା, ଜୟନ୍ତ ମହାପାତ୍ର, ଦୀପକ ଦାସ ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି ।

# ଶାରୀରିକ ସମ୍ପର୍କ ପରେ ବିବାହ ପାଇଁ ରାଜି ନହେବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ପରେ ବିବାହ ପାଇଁ ରାଜି ନହେବାରୁ ଜଣେ ଯୁବକକୁ ମହିଳା ଥାନା ପୋଲିସ ଗିରଫ କରିଛି । ଯୁବତୀଙ୍କୁ ହୋଟେଲକୁ ଡାକି ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କଠାରୁ କିଛି ଟଙ୍କା ମଧ୍ୟ ନେଇଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି ।

୩ବର୍ଷ ତଳେ ଅଭିଯୋଗକାରୀଙ୍କ ସହ ଅଭିଯୁକ୍ତ ଯୁବକଙ୍କ ସହ ପରିଚୟ ହୋଇଥିଲା । ପରସ୍ପର ମୋବାଇଲ ନମ୍ବର ଆଦାନ ପ୍ରଦାନ କରି ନିୟମିତ ଭାବେ ଯୋଗାଯୋଗରେ ଥିଲେ । କିଛିଦିନ ପରେ ଅଭିଯୁକ୍ତ ଭୁବନେଶ୍ୱରର ଏକ ହୋଟେଲକୁ ଆସିବାକୁ ଯୁବତୀଙ୍କୁ କହିଥିଲା । ଯୁବକଙ୍କ କଥା ରକ୍ଷାକରି ଅଭିଯୋଗକାରିଣୀ ହୋଟେଲକୁ ଆସିଥିଲେ । ହୋଟେଲରେ ଅଭିଯୋଗକାରିଣୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । କେବଳ ଶାରୀରିକ ସମ୍ପର୍କ ନୁହେଁ, ତାଙ୍କଠାରୁ କିଛି ଟଙ୍କା ମଧ୍ୟ ନେଇଥିଲା ବୋଲି ପୀଡ଼ିତା ଅଭିଯୋଗ କରିଥିଲେ ।

ମାର୍ଚ୍ଚ ୨୭ ତାରିଖ ଦିନ ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ପୁନର୍ବାର ହୋଟେଲକୁ ଆସିବାକୁ ଡାକିଥିଲା । ଅଭିଯୋଗକାରିଣୀ ସେହି ହୋଟେଲକୁ ଯାଇ ପହଞ୍ଚିବା ପରେ ଅଭିଯୁକ୍ତ ଯୁବକ ତାଙ୍କୁ ଟଙ୍କା ମାଗିଥିଲା । ଟଙ୍କା ଦେବାକୁ ପୀଡ଼ିତା ମନା କରିଥିଲେ । ବିବାହ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ହୋଇଥିଲା । ଉପାୟଶୂନ୍ୟ ହୋଇ ପୀଡ଼ିତା ଯୁବତୀ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରିୟାଂଶୁ ଜେନା (୨୪)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପ୍ରିୟାଂଶୁ ଘର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ଧଉଳି ଅଞ୍ଚଳରେ ଏବେ ରହୁଥିବା ପୋଲିସ କହିଛି ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ପୂର୍ବାହ୍ନରେ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିଲା । ସେଥିରୁ ୫୩ ଗୋଟି ବ୍ୟକ୍ତି ଗତ, ୨୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୪ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୨ ଗୋଟିର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୌମ୍ୟ



ରଞ୍ଜନ ମଲ୍ଲିକ, କୃଷ୍ଣ ପସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା ,ଭାରପ୍ରାପ୍ତ ତହସିଲଦାର ବିକାଶ ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଅଗଷ୍ଟ ମାସ ୪ ତାରିଖରେ ଜିଲ୍ଲା ସଦର ମହକୁମା ଠାରେ, ୧୧ ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ, ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

# କ୍ୟାପିଟାଲ ହାଇସ୍କୁଲ ୮୩ ବ୍ୟାଚ ଛାତ୍ରଙ୍କ ଦ୍ୱାରା ବୃକ୍ଷ ରୋପଣ




ଭୁବନେଶ୍ୱର (ସବ୍ୟୁ): କ୍ୟାପିଟାଲ ହାଇସ୍କୁଲ୍ ର ୮୩ ମସିହା ପୁରାତନ ଛାତ୍ର ମାନଙ୍କ ଦ୍ୱାରା ଗଠିତ ସିଏଚ୍‌ଏସ୍ ୮୩ ୱେଲଫ୍ୟାୟାର ସୋସାଇଟ୍ ଦ୍ୱାରା ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବୃକ୍ଷ ରୋପଣ ଅଭିଯାନ କରାଯାଇଥିଲା । ଏଥିରେ କ୍ୟାପିଟାଲ ହାଇସ୍କୁଲ୍ ସହିତ ଭୌମ ନଗର ପ୍ରାଥମିକ ବିଦ୍ୟାଳୟ, ଖାରବେଳ ନଗର ପ୍ରାଥମିକ ବିଦ୍ୟାଳୟ ଏବଂ ମଦନ ପୁର ନିକଟସ୍ଥ ଦେଉଳିଆ ପାଟଣା ଠାରେ କାମ୍ୟା ଫୁଡ୍ ର ମିଳିତ ସହଯୋଗ ରେ ପ୍ରାୟ ୧୨୦ ଟି ଫଳ ଗଛ ରୋପଣ କରାଯାଇଛି। ବିଶ୍ୱ ପରିବେଶ ଓ ଉତ୍ତାପ ବୃଦ୍ଧି କୁ ପତିହତ କରି ପରିବେଶ କୁ ନିୟନ୍ତ୍ରଣ କୁ ଆଣିବା ପାଇଁ ଆଗାମୀଦିନରେ ଏହା ଚାଲୁ ରଖିବା ସହିତ ବିଭିନ୍ନ ବ୍ୟକ୍ତି ବିଶେଷ, ସଂଗଠନ କୁ ଏଥିରେ ସାମିଲ ହେବାପାଇଁ ସଂଗଠନ ତରଫରୁ ନିମନ୍ତ୍ରଣ କରାଯାଉଛି ।

## ଫେମିନା ୱିମେନ୍ ଆଚିଭର୍ସ, ଓଡ଼ିଶା ୨୦୨୫ ସମ୍ମାନ

# ସୋଆର ମହିଳା ୱାର୍କଫୋର୍ସକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ୱର୍କଫୋର୍ସକୁ ଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି। ଶନିବାର ଭାରତର ଅଗ୍ରଣୀ ମହିଳା ଭିତିକ ପ୍ରତ୍ରିକା ଫେମିନା ପକ୍ଷରୁ ଆୟୋଜିତ ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ପ୍ରଦାନ ଉତ୍ସବରେ ସୋଆର ମହିଳା ୱର୍କଫୋର୍ସକୁ ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେତୃତ୍ୱ ନେଇ ସୋଆର ୱିମେନ୍ ୱର୍କଫୋର୍ସକୁ ‘ଏକ୍ସିଲେନ୍ସ ଇନ୍ ଏଜୁକେସ୍ନାଲ ଲିଡରସିପ୍’ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର




ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସି କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଡିସ୍ନାଲ୍ ଡିନ୍ (ଷ୍ଟୁଡେଂଟସ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଓ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ ‘ଆଉଟଷ୍ଟାଣ୍ଡିଙ୍ଗ କଂଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଂଟ ଇନ୍ ଏଜୁକେସନ ଆଣ୍ଡ ହେଲ୍‌ଥ କେୟାର’ ସମ୍ମାନ ପ୍ରଦାନ କରାଯାଇଛି।

ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କଳା, ସାହିତ୍ୟ, ବିଜ୍ଞାନ, ଗବେଷଣା, ବ୍ୟବସାୟ, କ୍ରୀଡ଼ା, ଫ୍ୟାଶନ୍, ସାମାଜିକ ନେତୃତ୍ୱ, ସମାଜ ସେବା, ଚଳଚ୍ଚିତ୍ର, ସାମ୍ବାଦିକତା, ସଂଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ପ୍ରାୟ ୨୫ ଜଣ ମହିଳାଙ୍କୁ ଫେମିନା ଆଚିଭର୍ସ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମେୟର ଶ୍ରୀମତି ସୁଲୋଚନା ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏସ୍.ଏନ୍.ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜ୍ୟାକ୍ ଅଲିଭଲ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜର୍ଷୀ ଦାସ, ନିର୍ଦ୍ଦେଶିକା ଶ୍ରୀମତି ତପତି ଦାସ, ଫେମିନାର ମ୍ୟାନେଜିଂ ଏଡିଟର ପ୍ରିମ୍‌ରୋଜ ମଂଟେରିଓ ଡି’ସୁଜା ତଥା ଟାଇମ୍ସ ଗ୍ରୁପର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ତଥା ରିଜିଓନାଲ୍ ହେଡ୍ (ଇଷ୍ଟ) ବିମାନ ଦତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଲିଉଡ୍ ଅଭିନେତା ଅମୋଲ୍ ପରାଶର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ୱିମେନ୍ ଆଚିଭର୍ସଙ୍କୁ ଅନ୍ୟ ଅତିଥି ମାନଙ୍କ ସହ ସମ୍ମାନିତ କରିଥିଲେ।

## ଗଜପତି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା

# ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ଦେଢ଼ କି.ମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା ଦେଖା ଦେଇଛି । ରାସ୍ତାର ଦୁରାବସ୍ଥା ଯୋଗୁଁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ । ଗାଁ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରଖି ଚାଲି ଚାଲି ଯାଇ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ମହାକୂପା ଗାଁରେ । ଶନିବାର ମଧ୍ୟାହ୍ନରେ ଗାଁର ମଥୁରା ଶବରଙ୍କ ପନି ରଶ୍ମିତା ଶବରଙ୍କ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା । ପରିବାର ଲୋକେ ଓ ଆଶା କର୍ମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ତେବେ ବର୍ଷାରେ ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଥିବା ଯୋଗୁଁ ଗାଁ ଠାରୁ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା । ବାଧ ହୋଇ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ଡ୍ରାଇଭର ସୁନୀଲ ମଣ୍ଡଳ ଓ ସହଯୋଗୀ ଜୟାବ ଦଳବେହେରା ଚାଲି ଚାଲି ଯାଇଥିଲେ ମହାକୂପା ଗାଁକୁ । ପରିବାର ଲୋକଙ୍କ ସହାୟତାରେ ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ବୋହି ଆଣିଥିଲେ ଆମ୍ବୁଲାନ୍ସ କର୍ମଚାରୀ । ଏହାପରେ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ରଶ୍ମିତା । ଉଭୟ ମା ଓ ଶିଶୁ ସୁସ୍ଥ ଅଛନ୍ତି । ଆମ୍ବୁଲାନ୍ସ କର୍ମଚାରୀମାନେ ମହାନତାର ପରିଚୟ ଦେଇ ଗର୍ଭବତୀ ରଶ୍ମିତାଙ୍କୁ ବୋହି ଆଣିଥିବା ଯୋଗୁଁ ଅଞ୍ଚଳବାସୀ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଗୋପାଳପୁର ବେଳାଭୂମି ଗଣ ବଳାତ୍କାର ମାମଲା

# ୪୩ ଦିନରେ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣବଳାତ୍କାର ମାମଲା ୪୩ ଦିନରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ । ସୋମବାର କ୍ରାଇମ୍‌ବ୍ରାଞ୍ଚ ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁର ସିଏସ୍‌ଇ ଅଫିସରେ ପହଞ୍ଚିଥିଲେ । ସିଏସ୍‌ଆଇଙ୍କ ଜରିଆରେ କ୍ରାଇମ୍‌ବ୍ରାଞ୍ଚ ୫୭୪ ପୃଷ୍ଠାର ଚାର୍ଜସିଟ୍ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ଦାଖଲ କରିଛନ୍ତି । ଚାର୍ଜସିଟ୍ ପରେ ଏହି ମାମଲାର ଚାର୍ଜଫ୍ରେମ ହେବ ଏବଂ ଶୀଘ୍ର ବିଚାରଣା ଆରମ୍ଭ ହେବ ବୋଲି ଜଣାପଡିଛି । କ୍ରାଇମବ୍ରାଞ୍ଚ ଏହି ମାମଲାରେ ୪ଜଣ ନାବାଳକ ସହ ୧୦ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା । ଦାଖଲ କରିଥିବା ଚାର୍ଜସିଟ୍‌ରେ ଜଣେ ସାବାଳକଙ୍କୁ ବାଦ୍ ଦିଆଯାଇଥିବା ଜଣାପଡିଛି । ତେବେ ଏନେଇ କ୍ରାଇମ୍‌ବ୍ରାଞ୍ଚ ମୁହଁ ଖୋଲୁନଥିବା ବେଳେ କାହାକୁ ଓ କାହିଁକି ବାଦ୍ ଦିଆଯାଇଛି ତାହା ପରବର୍ତ୍ତୀ ସମୟରେ ଜଣାପଡିବ । ଅଭିଯୁକ୍ତଙ୍କ ଠାରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ଏବଂ ସାଇଣ୍ଟିଫିକ୍ ପରୀକ୍ଷା କରିଥିବା ବିଭିନ୍ନ ନମୁନାର ରିପୋର୍ଟ ମଧ୍ୟ ଏଥିରେ ସଂଲଗ୍ନ କରାଯାଇଥିବା ଜଣାପଡିଛି । ୨୦୨୫ ଜୁନ୍ ୧୫ ତାରିଖରେ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିବା ଯୁବତୀଙ୍କୁ ୧୦ଜଣ ଅଭିଯୁକ୍ତ ବଳାତ୍କାର କରିଥିଲେ । ଘଟଣାର ପରଦିନ ଗୋପାଳପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ହୁଣ୍ତତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଦୁରୁପଡ଼ା ଗ୍ରାମର ବାବୁରାଓ ଦଳାଇ, ବେଲଗାଁ ଥାନା ପାଟପୁର ଗ୍ରାମର କୁନାଲ ପ୍ରଧାନ, ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ଲକ୍ଷ୍ମଣ ପ୍ରଧାନ ଓ ଶିକିରି ଗ୍ରାମର ଦୀପକ ଡରାଇଙ୍କୁ କୋର୍ଟ ଚାଲାଣ କରିଥିଲା ଏବଂ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା । ସଙ୍ଗେ ସଙ୍ଗେ ଏହି ମାମଲାକୁ କ୍ରାଇମ୍ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ ସରକାର । ବର୍ତ୍ତମାନ ଅଭିଯୁକ୍ତମାନେ ବିଚାରବିଭାଗୀୟ ହାଜତରେ ଥିବା ବେଳେ ଚାର୍ଜସିଟ୍ ଦାଖଲ ହୋଇଛି । ଯୁବତୀ (ଯୁକ୍ତ ତିନି ଛାତ୍ରୀ) ଓ ତାଙ୍କ ପୁରୁଷବନ୍ଧୁ ଘଟଣାଦିନ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ସେମାନେ ପାନ୍ଥନିବାସ ପଛ ଏକ ନିର୍ଜନ ସ୍ଥାନରେ ବସିଥିଲେ । ରାତି ପ୍ରାୟ ୮ଟାରେ ଅଭିଯୁକ୍ତମାନେ ଆସି ଯୁବତୀ ଓ ତାଙ୍କ ପୁରୁଷବନ୍ଧୁଙ୍କ ଭିଡ଼ିଓ କରି ଘର ଲୋକଙ୍କୁ ପଠାଇ ଦେବେ କହି ବ୍ଲାକ୍‌ମେଲିଂ କଲେ ଏବଂ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ଯୁବତୀଙ୍କୁ ବଳାତ୍କାର କରିଥିଲେ । ସମ୍ବେଦଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ଏହା ହସ୍ତାନ୍ତର କରାଯାଇଥିଲା ।

# ଅପହରଣ ଧମକ, ମାଲିକ ଗିରଫ

ଭଞ୍ଜନଗର, (ସବ୍ୟୁ): କାମ କରୁଥିବା ଶ୍ରମିକକୁ ଅପହରଣ କରି ଲକ୍ଷାଧିକ ଟଙ୍କା ମାଗିବା ସହ ହତ୍ୟା ଧମକ ଅଭିଯୋଗରେ ମାଲିକ ଗିରଫ ହୋଇଛି । ୨୭ତାରିଖରେ ତାରସିଂ ଗ୍ରାମର ଯୁବରାଜ ନାୟକଙ୍କ ପନୀ ପ୍ରତୀମା ନାୟକ ତାରସିଂ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳର ମନୋଜ କୁମାର ସାହୁ, ନିଜ ମାଲିକାନାରେ ଥିବା ଲୀଲା ଫାଉଣ୍ଡେସନରେ ତାଙ୍କ ସ୍ୱାମୀ ଯୁବରାଜ ନାୟକ କାମ କରୁଥିଲେ ଏବଂ କିଛି ଦିନ ପୂର୍ବେ ସେ ନିଜ ଗ୍ରାମ ତାରସିଂ କୁ ଫେରିଥିଲେ । ମାଲିକ ମନୋଜ କୁମାର ତାଙ୍କ ସ୍ୱାମୀଙ୍କୁ ଭୁବନେଶ୍ୱର କର୍ମକ୍ଷେତ୍ରକୁ ଫେରି ଆସିବାକୁ ଫୋନରେ କହିଥିଲେ ଏବଂ ଯଦି ସେ ନଆସନ୍ତି ତେବେ ତାଙ୍କୁ ଅପହରଣ କରିବାକୁ ଧମକ ମଧ୍ୟ ଦେଇଥିଲେ । ଗତ ୨୬ତାରିଖ ରାତି ପ୍ରାୟ ସାଢେ ଦଶଟା ସମୟରେ, ଅଭିଯୋଗକାରୀଙ୍କ ସ୍ୱାମୀ ଯୁବରାଜ ଏବଂ ଅନ୍ୟ ଜଣେ ଗ୍ରାମବାସୀ ପରମେଶ୍ୱର ନାଏକ ତାଙ୍କ ଗାଁର ଆରମ୍ଭରେ ଠିଆ ହୋଇଥିଲେ । ସେହି ସମୟରେ ୨ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ଉଭୟଙ୍କୁ ଅପହରଣ କରି ନେଇଥିଲେ । ଏହା ପରେ ଗରୁଡପଥର ଗ୍ରାମର ଏକ ମୋଡ଼ ନିକଟରେ ସେମାନେ ପରମେଶ୍ୱର ନାଏକଙ୍କୁ ଛାଡି ଯୁବରାଜଙ୍କୁ ଏକ କାରରେ ନେଇ ଯାଇଥିଲେ । ପରମେଶ୍ୱର ନାଏକଙ୍କୁ ଏସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ କହିଥିଲେ ଯଦି କାହାରିକୁ କହିବ ତାହେଲେ ସେମାନେ ଯୁବରାଜ ନାଏକଙ୍କୁ ହତ୍ୟା କରିବେ । ଏହା ପରେ ଅଭିଯୋଗକାରୀ ପ୍ରତିମା ନାଏକଙ୍କ ବଡ଼ ଭାଇ ଦିଲୀପ ନାଏକ ମନୋଜ ସାହୁଙ୍କୁ ଏସମ୍ପର୍କରେ ଫୋନରେ ଜଣାଇବା ପରେ ମାଲିକ ମନୋଜ କହିଥିଲେ ଯେ ଯଦି ସେମାନେ ଦେଢ଼ ଲକ୍ଷ ଟଙ୍କା ଦିଅନ୍ତି ତେବେ ସେମାନେ ଯୁବରାଜ ନାଏକଙ୍କୁ ଛାଡିଦେବେ । ଅଭିଯୋଗ ଆଧାରରେ ତାରସିଂ ମାମଲା ରୁଜୁ କରିଥିଲା ପୋଲିସ । ଅଭିଯୁକ୍ତ ମନୋଜ କୁମାର ସାହୁ ଓରଫ ସୁନୀଲ (୩୬) ସ୍ୱୀକାର କରିଛନ୍ତି ଯେ, ସେ ପୀଡିତ ଜୁବରାଜ ନାୟକଙ୍କୁ ତାରାସିଂରୁ ଭୁବନେଶ୍ୱର ଅପହରଣ କରିବା ପାଇଁ ବାଇକ୍ ଓ ମହିନ୍ଦ୍ରା ସ୍କୋର୍ପିଓ ବ୍ୟବହାର କରିଥିଲେ । ଗିରଫ ହୋଇଥିବା ବ୍ୟକ୍ତି ଅଭିଯୁକ୍ତ ମନୋଜ କୁମାର ସାହୁଙ୍କ ଠାରୁ ଗୋଟିଏ ପରିଚୟ ପତ୍ର, ଦୁଇଟି ମୋବାଇଲ୍ ଫୋନ୍ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କ ବିଷୟରେ ସୂଚନା ଦେଇଛନ୍ତି । ପୀଡିତ ଯୁବରାଜ ନାଏକଙ୍କୁ ଆଜି ଭୁବନେଶ୍ୱରରୁ ଉଦ୍ଧାର କରାଯାଇଛି ବୋଲି ତାର ସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

## ଉକିଳ ସାମ୍ବାଦିକ ମୟୂରଭଞ୍ଜ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କା ବୃଦ୍ଧି ଓ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ



ବାରିପଦା, (ସବ୍ୟୁ) : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କହିଲେ ସାମ୍ବାଦିକ ମାନଙ୍କୁ ବୁଝାଏ। ଦେଶର ବିକାଶ ଦିଗରେ ସାମ୍ବାଦିକଙ୍କ ଅବଦାନ ଅତୁଳନୀୟ ଅଟେ । ସମାଜରେ ଲୋକଙ୍କୁ ଦିଗଦର୍ଶନ ଦେବା ସହ ଅନେକ କ୍ଷେତ୍ରରେ ଘଟୁଥିବା ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ସଚେତନ କରୁଥିବା ସାମ୍ବାଦିକ ଆଜି ଅସୁରକ୍ଷିତ । ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଜୀବନରୁ ମାରିଦେବା ଭଳି ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଥିବାବେଳେ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ପ୍ରତି ସଜାଗ ହେଉନଥିବା ଅତି ଦୁଃଖର ବିଷୟ । ଅନ୍ୟ ରାଜ୍ୟରେ ସାମ୍ବାଦିକ ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ବର୍ଷବର୍ଷ ଧରି ଅଣଦେଖା କରି ଆସୁଛନ୍ତି ସରକାର । ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ଅନେକ ଦାବି ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ଆଜି ସାରା ଓଡ଼ିଶା ସାମ୍ବାଦିକ ମାନଙ୍କ ସୁରକ୍ଷା ଆଇନ, ପେନସନ ଓ ବିଭିନ୍ନ ଦାବି ନେଇ ସରକାରଙ୍କ ଦ୍ୱାରସ୍ଥ ହୋଇଛି ଉକିଳ ସାମ୍ବାଦିକ ସଂଘ । ଉକିଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଶାଖା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମ୍ବାଦିକ ସମର୍ଥନ ଜଣାଇଥିଲେ । ଆସନ୍ତା ୨୦୨୫-୨୬ ବର୍ଷ ପାଇଁ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ପ୍ରକାଶଯୋଗ୍ୟଯେ ଉକ୍ତ ଯୋଜନାରେ ପ୍ରତିବର୍ଷ ହାରାହାରି ୬୦୦ରୁ ଉର୍ଦ୍ଧ୍ୱର୍ ହିତାଧିକାରୀ ଉପକୃତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ବର୍ଷରୁ ଉର୍ଦ୍ଧ୍ୱର୍ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଇ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ଲକ୍ଷକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଉଭୟ ଯୋଜନାର (ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା) ସୁବିଧା ଉପଲବ୍ଧ ରହୁ । ଅନ୍ୟପକ୍ଷରେ ଦେଶର ୧୮ଗୋଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ୧୫ହଜାର ଟଙ୍କା ପେନସନ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । ଅତଏବ ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ଦାବି ପରାପ୍ରେକ୍ଷୀରେ ଉକିଳ ସାମ୍ବାଦିକ ସଂଘ ପକ୍ଷରୁ ଉପସ୍ଥାପିତ ଉପରୋକ୍ତ ବିଷୟରେ ସହୃଦୟତା ପୂର୍ବକ ବିଚାର କରି, ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ସାମାଜିକ ଓ ଅର୍ଥନୈତିକ ଦୃଢ଼ତା ଦେବାରେ ଆପଣ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛି ସଂଘ । ଦାବି ଉପସ୍ଥାପନ ସମୟରେ ସାମ୍ବାଦିକ ଦୋଳଗୋବିନ୍ଦ ବାରିକ, ଲକି ଜେନା, ଦିନେଶ ସେଠୀ, ଭକ୍ତି ପଣ୍ଡା, ରାଜ କିଶୋର ବାରିକ, ଲଳିତ ବାରିକ, ସୁମିତ ନାଏକ ଓ ଚାନ୍ଦରାଇ ହାଁସଦା ପ୍ରମୁଖଙ୍କ ସହ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଞ୍ଜାମ ନୂତନ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଜି କାର୍ଯ୍ୟରେ ଯୋଗଦାନ କରି ୧୧୨ଟି ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣିରେ ବ୍ରହ୍ମପୁର ଏସପି ଡ଼ ଶର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଭାରପ୍ରାପ୍ତ ଉପ ଜିଲ୍ଲାପାଳ ତଥା ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଭତା, ଜମି, ଶ୍ରମିକ କାର୍ଡ, ରାସନ କାର୍ଡ ଇତ୍ୟାଦି ଉପରେ ସମୁଦାୟ ୧୧୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୫ଟି ଓ ଗ୍ରାମ ଭିତିକ ସମସ୍ୟା ୮ଟି ରହିଥିବାବେଳେ ୫ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ୪ଜଣଙ୍କୁ ୧୨୦୦୦ ଟଙ୍କା ସହାୟତା ରାଶି ଚେକ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ କୀର୍ତ୍ତି ଭାସନ ଆଜି କାର୍ଯ୍ୟରେ ଯୋଗ ଦାନ କରିଥିବା ହେତୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାର ଉନ୍ନତି ଓ ସରକାରଙ୍କ ବିଭିନ୍ନ ଯୋଜନା ଲୋକ ଲୋଚନକୁ ପହଞ୍ଚାଇବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମସ୍ତେ ମିଳିମିଶି କାମ କରିବା ବୋଲି କହିଥିଲେ । ଏହି ଶୁଣାଣିରେ କନିସି ତହସିଲଦାର କବିରାଜ ପ୍ରଧାନଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ ।

## ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ହୃଦଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ଜଣଙ୍କ ପଶ୍ଚିମବଙ୍ଗ ହୁଗୁଳି ଜିଲା ପାଣ୍ଡୁଆ ଥାନା ଅନ୍ତର୍ଗତ କମଟାଇ ଗ୍ରାମର ଅନିମେଶ ଦାସ(୫୧) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୪୨୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଘଟଣାରୁ ପ୍ରକାଶ ଯେ, ଅନିମେଶ ଦାସ ତାଙ୍କ ପରିବାର ସହ ଗତ ୨୬ ରେ ଗୋପାଳପୁର ଆସିଥିଲେ । ସେମାନେ ସେଠାରେ ଏକ ହୋଟେଲରେ ରହୁଥିଲେ । ସେମାନେ ସନ୍ଧ୍ୟାରେ ବେଳାଭୂମିରେ ବୁଲୁଥିବା ବେଳେ ହଠାତ ସେ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ଏମେକେସିଜି ମେଡିକାଲ ନିଆଯାଇଥିଲା ହେଲେ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ବିଧୂଭୂଷଣ ମିଶ୍ରଙ୍କ କାର୍ଯ୍ୟରେ ଯୋଗଦାନ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରଫେସର ବିଧୂଭୂଷଣ ମିଶ୍ର ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସର୍ବପ୍ରଥମେ କୁଳପତି ପ୍ରଫେସର ମିଶ୍ର ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, କୁଳସଚିବ ସୁଶ୍ରୀ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ଓ ଅନ୍ୟ କର୍ମକର୍ତ୍ତାଗଣ ପୁଷ୍ପଗୁଚ୍ଛ ଦେଇ କୁଳପତି ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସଭାପତି ପ୍ରଫେସର ଏମ୍. ହିମବିନ୍ଦୁ ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ତାପରେ କୁଳପତି କ୍ୟାମ୍ପସ ପରିଭ୍ରମଣ କରିବା ସହ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଭାବ ବିନିମୟ କରି ନିଜ ବକ୍ତବ୍ୟରେ ଗତ ୧୦ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଭୁତ ପୂର୍ବ ଉନ୍ନତି ସାଧନ କରିଛି ବୋଲି କହିବା ସହ ଆଗାମୀ ଦିନରେ ଏହି ଉନ୍ନତିର ଧାରାକୁ ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଗଞ୍ଜେଇ ବିକ୍ରି : ଅଭିଯୁକ୍ତକୁ ନେଲା ହରିୟାଣା ପୋଲିସ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ମୋହନା ଥାନା ପୁଇପଡ ଗାଁରୁ ଜଣେ ଗଞ୍ଜେଇ ଅଭିଯୁକ୍ତକୁ ହରିୟାଣା ପୁଲିସ ଗିରଫ କରିନେଇଛି । ଗଞ୍ଜେଇ ଅଭିଯୁକ୍ତ ଜଣକ ସେହି ଗାଁର ସୁବିତ କୁମାର ନାୟକ(୪୨) । ଗିରଫ ପରେ ମୋହନା କୋର୍ଟରେ ହାଜର କରି ପୋଲିସ ହରିଆଣା ନେଇଯାଇଛି । ଗତ ୨୩ ତାରିଖ ଦିନ ହରିଆଣାର ଜିନ ଗାଁରୁ ୨୪ କିଲୋ ଗଞ୍ଜେଇ ଜବତ ସହ ହରିୟାଣାର ବର୍ଥା ଗାଁର ରିତିକ କୁମାର (୨୩)କୁ ପୋଲିସ ଗିରଫ କରିଥିଲା । ଉକ୍ତ ଗଞ୍ଜେଇର ମୂଲ୍ୟ ତିନି ଲକ୍ଷ ଟଙ୍କା । ତଦନ୍ତ ପରେ ଗିରଫ ରିତିକର ସୂଚନା ଆଧାରରେ ହରିୟାଣା ପୁଲିସର ୪ ଜଣିଆ ଟିମ ମୋହନାରେ ପହଞ୍ଚିଥିଲେ । ମୋହନା ଥାନା ପୁଲିସ ସହାୟତାରେ ପୁଇପଡ ଗାଁରେ ପହଞ୍ଚି ସୁବିତକୁ ଗିରଫ କରିଛି ହରିଆଣା ପୁଲିସ । ସୁବିତ ଗଞ୍ଜେଇ ନେଇ ଛତ୍ରପୁର ରେଳ ଷ୍ଟେସନକୁ ଯାଇଥିଲା । ସେଠାରୁ ରିତିକ ଗଞ୍ଜେଇ ନେଇ ହରିଆଣା ଯାଇଥିଲା ବୋଲି ହରିୟାଣା ପୁଲିସ ଏସଆଇ ବିନୋଦ କୁମାର କହିଛନ୍ତି ।

## ବିଜେପି ପକ୍ଷରୁ ବଡସାହି ଓ କପ୍ତିପଦା ମଣ୍ଡଳର ସଭାପତିଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ) : ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମହୋନ ସାମଲଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ୨ଟି ମଣ୍ଡଳର ସଭାପତି ଯଥା ବଡସାହି ମଣ୍ଡଳ ପାଇଁ ଭବାନୀ ଶଙ୍କର ସାହୁ ଓ କପ୍ତିପଦା ପାଇଁ ସୁମନ୍ତ ରାହୁଲଙ୍କ ନାମ ଘୋଷଣା କରିଛନ୍ତି। ଏନେଇ ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀନ୍ କୁମାର ପାତ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## କନ୍ଧମାଳର ନୂତନ ଜିଲ୍ଲାପାଳ ଭାବେ ଶ୍ରୀବେଦ ଭୂଷଣଙ୍କ ଦାୟିତ୍ୱ ଗ୍ରହଣ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଶ୍ରୀବେଦ ଭୂଷଣ ଆଜି ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତ । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ନିଜ ନିଜ ବିଭାଗରେ ଚାଲିଥିବା କାର୍ଯ୍ୟକ୍ରମ ମାନ ଜିଲ୍ଲାପାଳ ମହୋଦୟଙ୍କୁ ଅବଗତ କରାଇବା ସହିତ ଆଲୋଚନା କରିଥିଲେ । ଅପରାହ୍ନରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ଅଟାଶାମ୍ବୁ ଗ୍ରାମରେ ଥିବା ଆଇଟିଡିଏର ଡ୍ରାଗନ୍ ଫଳ ବଗିଚାକୁ ଯାଇଥିଲେ । ସେଠାରେ ଡବ୍ଲ୍ୟୁଏସଏଚସି ସଦସ୍ୟ ଏବଂ ସ୍ଥାନୀୟ ପିଆରଆଇ ସଦସ୍ୟମାନଙ୍କ ସହିତ ବଗିଚା ଏବଂ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ । ପରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ନେଡିପଦର ଗ୍ରାମରେ ମନୋରେଗା ଅଧୀନରେ ନିର୍ମୀତ ୨ଟି ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ । ଫିରିଙ୍ଗିଆ ବ୍ଲକର କାସିନିପଦର ପଞ୍ଚାୟତର ଥିବା ସ୍ୱାସ୍ଥ୍ୟ ସବ୍ ସେଣ୍ଟର ପରିଦର୍ଶନ କରିଥିଲେ ଏବଂ ପିଏଚ୍‌ଓଙ୍କ ସହିତ ଆଇଏମଆର, ଏମ୍‌ଏମ୍‌ଆର, ଅନୁଷ୍ଠାନିକ ପ୍ରସବ ବିଷୟରେ ଆଲୋଚନା କରିଥିଲେ । କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଫୁଲବାଣୀ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିଥିଲେ । ଫୁଲବାଣୀ ଡିଆରଟି ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ପୋକ୍ଷ ଏବଂ ଏସିସ ଏସଟି ଅତ୍ୟାଚାର ଆଇନ ଉପରେ ସଚେତନତା ଶିବିରରେ ଯୋଗ ଦେଇଥିଲେ ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ''ଚରକାୟତନ' ଉଦ୍‌ଘାଟିତ




କଟକ, (ସ୍ୱପ୍ର): ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ । ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ । ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ । ସୋମବାର ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଛଅ ଦିନିଆ ଆୟୁର୍ବେଦ ସମ୍ମିଳନୀ ''ଚରକାୟତନ'ର ଉଦ୍‌ଘାଟନୀ ଉତ୍ସବରେ କିଛି ଏହିପରି କହିଛନ୍ତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର । ୬ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ସାରା ଦୁନିଆଁ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେକଥା କହିଥିଲେ । ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠରେ ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ବର୍ଣ୍ଣନା କରିଥିଲେ । ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । ''ଚରକାୟତନ' ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱର୍ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ଆସନ୍ତା ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରଛାତ୍ରୀ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା ''ଚରକାୟତନ' ଆୟୋଜିତ ହେଉଥିବା ବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାସନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନସିଆଇଏସ୍‌ଏମ୍) ର ଅଧ୍ୟକ୍ଷ ଡ. ବି. ଏଲ୍. ମେହେରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍) ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀଶ୍ରୀ ତ%ର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀଙ୍କ ସମେତ ବହୁ ଦିଗ୍‌ଦର୍ଶୀ ଯୋଗ ଦେଇଛନ୍ତି । ସୁରୁଖୁରୁରେ ସମ୍ମିଳନୀଟିର ସମାପନ ନିମନ୍ତେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି । ଏହି ଅବସରରେ ସମଗ୍ର ବିଶ୍ୱରେ ଏକ ନିରାମୟ ସମାଜ ଗଠନ ସହ ଚଳିତ ଶତାବ୍ଦୀରେ ଯୋଗ ଭଳି ଆୟୁର୍ବେଦକୁ ମଧ୍ୟ ଉପଯୁକ୍ତ ମାନ୍ୟତା ମିଳିବ ବୋଲି ମତ ପ୍ରକାଶ ପାଇଛି ।

## ଶିବ ଦର୍ଶନ କରିବାକୁ ଯାଇଥିଲେ, ଶବ ହୋଇ ଫେରିଲେ

ନାଉଗାଁ,(ସବ୍ୟୁ) : ଶ୍ରାବଣ ମାସର ସୋମବାର ଇଚ୍ଛା ଥିଲା ଶିବ ଦର୍ଶନ କରିବେ । ସେଥିପାଇଁ ସୁଦୂର ପୁରୀ ଓ ବ୍ରହ୍ମଗିରିରୁ ରାତି ଅଧାରୁ ଆସିଥିଲେ ଜଗତସିଂହପୁର ପ୍ରଭୁ ଗୋରେଖନାଥଙ୍କ ପୀଠକୁ । ଭୋର ସମୟରେ ଦର୍ଶନ ସାରି ନାଉଗାଁ ଦେଇ ଫେରିବା ବାଟରେ ବାଟରେ ଜଗି ବସିଥିଲା ମୃତ୍ୟୁର ଯନ୍ତା ଆଉ ଶବ ହୋଇ ଗଲେ ଦୁଇ ସାଙ୍ଗ । ଏଭଳି ଅଭାବନୀୟ ଘଟଣା ଘଟିଛି ନାଉଗାଁ ବ୍ଲକ ପାଳସାହି ନିକଟରେ । ଚାରି ଜଣ ସାଙ୍ଗ ଦୁଇଟି ବାଇକ ଯୋଗେ ପ୍ରଭୁ ଗୋରେଖନାଥଙ୍କ ଦର୍ଶନ ସାରି ପୁରୀ ଅଭିମୁଖେ ଫେରୁଥିବାବେଳେ ବିପରୀତ ପଟୁ ଆସୁଥିବା ସାଇକ୍ରିଷ୍ଟା ବସ ସହ ସେମାନଙ୍କର ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଅମିତ ସାହୁ ପୁରୀ ବାସେଳୀ ସାହିଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମଗିରି ଛୋଟପୁରୀ ଅଞ୍ଚଳର ଚିତ୍ତରଞ୍ଜନ ରାଉତରାୟଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ମେଡିକାଲକୁ ନିଆଯାଇଥିଲା । କିନ୍ତୁ ଦୁଃଖର ବିଷୟ ସେଠାରେ ତାଙ୍କର ମୃତ୍ୟୁ ହୋଇଗଲା । କେତେ ଶ୍ରଦ୍ଧାରେ ଭକ୍ତିଭାବରେ ପୁରୀ ଜିଲ୍ଲାରୁ ରାତି ଅଧାରୁ ଉଠି ଭାଗବାନଙ୍କର ଦର୍ଶନ କରିବାକୁ ଆସିଥିଲେ ଆଉ ଶେଷରେ ଦୁଇ ସାଙ୍ଗଙ୍କର ମୃତ୍ୟୁ ହୋଇଗଲା, ଯାହା ଏବେ ସମସ୍ତଙ୍କୁ ଦୁଃଖ ଦେଇଛି । ସ୍ଥାନୀୟ ଲୋକେ ରାସ୍ତା ଉପରେ ଶବ ରଖି ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିବା ବେଳେ ପୋଲିସ ସେମାନଙ୍କୁ ବୁଝାସୁଝା କରି ହଟାଇବାରେ ସକ୍ଷମ ହୋଇଥିଲ ।

# ଟେଣ୍ଡର କାର୍ଯ୍ୟକାରୀ ଦାବିରେ ଧାରଣା ଦେଲେ କାଉନସିଲର

ବ୍ୟାସନଗର,(ଜିପ୍ର): ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଦାବିରେ ବ୍ୟାସନଗର ପୌର କାଉନସିଲ କାର୍ଯ୍ୟାଳୟ ସମ୍ମୁଖିରେ ଧାରଣାରେ ବସିଛନ୍ତି । କାଉନସିଲର ବିଜୟ କୁମାର ଜେନା, ଶିବାନନ୍ଦ ନାୟକ, କୁନି ହାସଁଦା, ବୁଦ୍ଧୁନୀ ଦରାଇ, ମୋନାଲିସା ସାହୁ, ଅରୁନ୍ଧତୀ ପରିଡ଼ା, ସିଦ୍ଧାର୍ଥ ଶଙ୍କର ସାମଲ, ଅନ୍ନପୂର୍ଣ୍ଣା ତରାଇ, ସରୋଜୀନୀ ନାୟକ, ସରିତା ଜେନା, ରଶ୍ମିତା ଖୁଂଟିଆ, ଊର୍ମିଳା ପରିଡ଼ା, ସୁଜାତା ପ୍ରୀୟଦର୍ଶନୀ ପରିଡ଼ା, ରବିନ୍ଦ୍ର ରାଉତ୍, ସରୋଜିନୀ ନାୟକ, ଦିଲୀପ ସେଠୀ, ଅଶୋକ ଦାସ, ସନ୍ତୋଷ ବରାଳ, କୁମୁଦୁନି ରାଉତ, ପାର୍ଥସାରଥୀ ନାୟକ ପ୍ରମୁଖ ଆଜି କାର୍ଯ୍ୟାଳୟ ଖୋଲିବା



କ୍ଷଣି ହାତରେ ଫ୍ଲାଗକାର୍ଡ଼ ଧରି ଧାରଣାରେ ବସିଥିଲେ । ଧାରଣାସ୍ଥଳରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ଏମଇ ବିଚିତ୍ରାନନ୍ଦ ପୁହାଣ ପହଁଚି ଆଲୋଚନା କରିଥିଲେ । ଆଲୋଚନା କାଳରେ ନିର୍ବାହୀ ଅଧିକାରୀଙ୍କୁ କାଉନସିଲର ଟେଣ୍ଡର ପ୍ରକ୍ରିୟା କାହିଁକି କରାଯାଉନି ବୋଲି ପଚାରିବାରେ ଅଧିକାରୀ ତାହା ପୌର ଆଇନ ଭିତିରେ ହୋଇନି ବୋଲି କହି ଏକ ସ୍ୱତନ୍ତ୍ର ବୈଠକ ଡ଼ାକିବାକୁ କହିଥିଲେ । ଯାହାକୁ ନେଇ କାଉନସିଲର ଅସନ୍ତୋଷ ବ୍ୟକ୍ତ କରିବା ସହ ତା୪।୭।୨୫ରେ ଦୃଢ଼ିକରଣ ହୋଇଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ନିର୍ବାହୀ ଅଧିକାରୀ ଏକଥା ସେ ଜାଣିନଥିବା କହି ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଥିଲେ । ନିର୍ବାହୀ ଅଧିକାରୀ ପାରିଷଦକୁ ପୌର ଆଇନ ପାଠ ବଢ଼ଇବା ବେଳେ ପାରିଷଦ ପୌର ଆଇନକୁ ପ୍ରଶାସନ ହିଁ ଉଲ୍ଲଘନ କରୁଛି ବୋଲି ଅଭିଯୋଗ ରଖିଥିଲେ । ବିଭିନ୍ନ ପ୍ରକାର ନାରା ଦେଇ କାଉନସିଲର ଧାରଣାରେ ବସିଥିଲେ ।

## ଏମ୍ସ ଅସଦାଚରଣ ମାମଲା : ଅଭିଯୁକ୍ତ ନାନୁରାମ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏମ୍ସରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଥିଲା। ସେହି ମାମଲାରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ ନାନୁରାମ ଚୌଧୁରୀକୁ ସୋମବାର ରାତିରେ ଗିରଫ କରିଛି। ସେ ଅର୍ଥୋପେଡିକ୍ ବିଭାଗର ନର୍ସିଂ ଅଫିସର। ସେ ଚାମ୍ବରକୁ ଡାକି ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ କରିଥିଲା। ଏ ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ହୋଇଥିଲେ ମଧ ସେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଥିଲେ। ଯାହା ଫଳରେ ପୀଡ଼ିତା ନ୍ୟାୟ ପାଇଁ ଖଣ୍ଡଗିରି ଥାନାରେ ଏତଲା ଦାୟର କରିଥିଲେ। ପୋଲିସର କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରାଥମିକ ଭାବରେ ବିଳମ୍ବ ହେବାରୁ ଏମ୍ସ ମୁଖ୍ୟ ଫାଟକ ଆଗରେ ପୀଡ଼ିତା ଓ ତାହାର ସହଯୋଗୀ ଆଟେଣ୍ଡାଣ୍ଟମାନେ ଧାରଣାରେ ବସିଥିଲେ। ଅଭିଯୁକ୍ତ ଗିରଫ ହେବାପରେ ଆଟେଣ୍ଡାଣ୍ଟଙ୍କ ଆନ୍ଦୋଳନ ବନ୍ଦ ହୋଇଥିବା କୁହାଯାଉଛି।

## ଫଟୋ ଭାଇରାଲ ଧମକ ଦେଇ ବନ୍ଧାହେଲା ଯୁବକ

ରାଜକନିକା,(ସବ୍ୟୁ) :ନା ବାଳିକାକୁ ପ୍ରେମ କରି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପରେ ଅନ୍ତରଙ୍ଗ ସମୟରେ ଫଟୋ ରଖି ଭାଇରଲ ଧମକ ବାଳିକାକୁ ଦେଇ ଆସୁଥିବା ବେଳେ ସମ୍ପୃକ୍ତ ଯୁବକର ଅତ୍ୟାଚାର ସହି ନପାରି ନାବାଳିକା ଥାନାରେ ଅଭିଯୋଗ କରିବା ପରେ ବନ୍ଧା ହେଲା ଯୁବକ । ସୂଚନା ଅନୁଯାଇ ରାଜକନିକା ଥାନା ଅନ୍ତର୍ଗତ ସିହୋପଡା ଗାଁର ଜଣେ ନାବାଳିକା ତାଙ୍କ ମାଉସୀ ଘରକୁ ଆସୁଥିବା ବେଳେ ତାହାର ସୁଯଗ ନେଇ ସମ୍ପୃକ୍ତ ଯୁବକ ଉକ୍ତ ନାବାଳିକାକୁ ପ୍ରେମ ଜାଲରେ ଫସେଇବା ପରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ତାଙ୍କର କିଛି ଅନ୍ତରଙ୍ଗ ଭିଡିଓ ଓ ଫଟୋ ସମ୍ପୃକ୍ତ ଯୁବକ ମୋବାଇଲରେ କଏଦକରି ନାବାଳିକାକୁ ବାରମ୍ବାର ହଇରାଣ ହରକତ କରିଥିଲେ । ଫଳରେ ନାବାଳିକା ଏହି କଥା ଘରେ ଜଣାଇବା ପରେ ପରିବାର ଲୋକେ ରାଜକନିକା ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ପୋଲିସ ଛଦେଶ ଗାଁର ସୁଶାନ୍ତ ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶିକ୍ଷକ ଅଭାବ, ବିଦ୍ୟାଳୟ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା

ନାଉଗାଁ ,(ସବ୍ୟୁ) : ଆମକୁ ଶିକ୍ଷକ ଦିଅ, ଆମେ ପାଠ ପଢିବୁ , ବିନା ଶିକ୍ଷକରେ ଆମେ ଆଉ କେତେଦିନ ଏପରି ସ୍କୁଲ ଆସି ବସି ବସି ଯିବୁ । ଆମ ଭବିଷ୍ୟତ ନେଇ କଣ ପାଇଁ ଖେଳ ଖେଳୁ । ସରକାରୀ ସ୍କୁଲରେ ଆମେ ପାଠ ପଢି କଣ ପାପ କରିଛୁ । ଏଭଳି ନାରା ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ବିଦ୍ୟାଳୟର ଗେଟ ବନ୍ଦ କରି ଆନ୍ଦୋଳନକୁ ଓଲହଇ ଆସିଥିଲେ । ଏଭଳି ଘଟଣା ଆଜି ଦେଖିବାକୁ ମିଳିଛି ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡାଂଶ ବାସୁଦେବ ଉଚ୍ଚ ବିଦ୍ୟାଳୟରେ । ୧୯୭୬ ମସିହାରୁ ସ୍ଥାପିତ ଏହି ବିଦ୍ୟାଳୟ ପ୍ରଥମରୁ ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ବେଶ ଖ୍ୟାତି ଲାଭ କରିଥିବା ବେଳେ ଗତ ୨୦୧୯ ଅଗଷ୍ଟ ମାସରୁ ଏହା କେବଳ ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା । ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣି ପର୍ଯ୍ୟନ୍ତ ମୋଟ ୫୪ ଜଣ ଛାତ୍ରଛାତ୍ରୀ ଥିବାବେଳେ ଏଠାରେ ଦୁଇଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଅଛନ୍ତି । ବିଦ୍ୟାଳୟରେ ଗଣିତ ଶିକ୍ଷକ, ସଂସ୍କୃତ ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ମୋଟେ ନଥିବା ବେଳେ ଅନ୍ୟ ବିଦ୍ୟାଳୟରୁ ଏଠାକୁ ଦୁଇ ଦିନିଆ ସଂସ୍କୃତ ଶିକ୍ଷକ ଓ ତିନି ଦିନିଆ ଗଣିତ ଶିକ୍ଷକ କେତେବେଳେ ଆସନ୍ତି ତ କେତେବେଳେ ଛୁଟିରେ ରହିଲେ



ପାଠପଢା ବନ୍ଦ । ବାରମ୍ବାର ସରପଞ୍ଚ ନିହାର ରଞ୍ଜନ ବସ୍ତିଆ ବିଦ୍ୟାଳୟରେ ଶିକ୍ଷକ ଅଭାବ ପାଇଁ ଶିକ୍ଷାଦାନରେ ବ୍ୟାଘାତ ହେଉଥିବା ଜିଲ୍ଲା ତଥା ରାଜ୍ୟ ପ୍ରଶାସନକୁ ଅବଗତ କରାଇ ଥିବାବେଳେ କେହି ଦୃଷ୍ଟି ଦେଇ ନଥିବା ଓ ଆଗକୁ ନିଜେ ଆନ୍ଦୋଳନକୁ ଓଲ୍ହଇବେ ବୋଲି ପ୍ରକାଶ କରିଛନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ବିଦ୍ୟାଳୟକୁ ପ୍ରବେଶ ନକରି ବିଦ୍ୟାଳୟର ଫାଟକ ବନ୍ଦ କରିବା ସହ ଆମକୁ ଶିକ୍ଷକ ଦିଅ ଆମେ ପାଠ ପଢିବୁ ବୋଲି ନାରା ଦେଇ ପ୍ରାୟ ଚାରିଘଣ୍ଟା ଧାରଣାରେ ବସିଥିଲେ । ଅନେକ ବୁଝାସୁଝା ପରେ ଛାତ୍ରଛାତ୍ରୀ ମାନେ ଧାରଣାରୁ ଓହରିଥିଲେ ସୁଦ୍ଧା ଯଦି ପନ୍ଦରଦିନ ମଧ୍ୟରେ ଆମକୁ ଶିକ୍ଷକ ନମିଳେ ତେବେ ପୁଣି ରାଜରାସ୍ତାକୁ ବାହାରି ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ।

# ଦୁର୍ନୀତିର ଗନ୍ତାଘର ପାଲଟିଛି ବଡଚଣା ଏମ ଆଇ ସବଡିଭିଜନ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ଠାରେ ଥିବା କ୍ଷୁଦ୍ର ଜଳସେଚନ (ଏମ ଆଇ) ବିଭାଗ ସବଡିଭିଜନ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ସ୍ଥାନରେ ଆଡିବନ୍ଧ ନିର୍ମାଣ ଓ କେନାଲ ସଫେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ସାଙ୍ଗକୁ ଲକ୍ଷଲକ୍ଷ ଟଙ୍କାର ହେରାଫେରୀ ହେଉଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟ ଅଧିନରେ ଜଗତପୁର-ଜେନାପୁର ହାଇଲେଭଲ କେନାଲ ସହ ଅନ୍ୟ କେତେକ କେନାଲ ଓ ନାଳର ସଫେଇ କାର୍ଯ୍ୟ ହେଉଛି। ଏଥିସହ ସବଡିଭିଜନ ଅଧିନରେ ଥିବା ବିଭିନ୍ନ କେନାଲ ଓ ନାଳରେ ଆଡିବନ୍ଧ ନିର୍ମାଣ ଚାଲିଛି। କେତେ କେନାଲ ଓ ନାଳ ସଫେଇ କାର୍ଯ୍ୟରେ ବ୍ୟାପକ ଅର୍ଥ ତୋଷରପାତ ହେବା ସାଙ୍ଗକୁ ଅତି ନିମ୍ନ ମାନର କାମ କରାଯାଇ ପୁରା ମଞ୍ଜୁରୀ ଅର୍ଥ ବିଲ କରାଯାଉଛି! ସେହିପରି ଉକ୍ତ ସବଡିଭିଜନର ବଡଚଣା ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏକାଧିକ ନାଳରେ ଆଡିବନ୍ଧ ନିର୍ମାଣ ଚାଲିଛି। କୌଣସି ଗୋଟିଏ ବି ସ୍ଥାନରେ ଅଧିନରେ ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଯାଇ ନଥିବା ସହ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଆଡିବନ୍ଧ ନିର୍ମାଣରେ ନିମ୍ନମାନର କଞ୍ଚାମାଲ ବ୍ୟବହାର କରାଯିବା ହସ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା ଚୁକ୍ତି ଖିଲାପ କରାଯାଇ କାର୍ଯ୍ୟ ଚାଲିଛି। ନିଯୁକ୍ତ ଠିକାଦାରଙ୍କ ସହ ସଲାସୁତୁରା କରି ଏହି କାର୍ଯ୍ୟାଳୟର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ କାର୍ଯ୍ୟ ସ୍ଥଳକୁ ନଯାଇ ଅଫିସରେ ବସି ବିଲପାସ କରାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ! ଧର୍ମଶାଳା ବ୍ଲକର ଦନ୍ତାନାଳର କଉଣୀ ପାହାଡ ତଳେ ନନ୍ଦିଗ୍ରପୁର ମୌଜାରେ ଚାଲିଥିବା ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଅତିନିମ୍ନ ମାନର ହେଉଥିବା ଓ ନିର୍ମାଣ କାର୍ଯ୍ୟରେ ଅତି ନିମ୍ନମାନର ସିମେଣ୍ଟ,ଚିପ୍ସ,ରଡ ଇତ୍ୟାଦି ବ୍ୟବହାର ହେଉଥିବା ଅଭିଯୋଗ ହୋଉଥିଲେ ମଧ ତାହାକୁ ତନଖି କରିବାକୁ ନିର୍ବାହୀ ଯନ୍ତ୍ରୀ ଅନିଚ୍ଛା ପ୍ରକାଶ କରିବା ଘଟଣା ତର୍ଜମା ବିଷୟ ପାଲଟିଛି। ନିର୍ମାଣ କାର୍ଯ୍ୟରେ ଏପରି ଅଖାଡୁଆ ଦୁର୍ନୀତି ହେଉଥିବାରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଆଡିବନ୍ଧର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ଭାବଙ୍ଗ ଏମ ଆଇ ପି ପାଇଁ ମଞ୍ଜୁର ହୋଇଥିବା ଅର୍ଥ ବ୍ୟାପକ ଦୁରୁପୋଯୋଗ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତ । ରାଧେରାଧେ ଓ ଅଧେଅଧେ ନିତିରେ ଏଠାରେ ଠିକାଦାର ଓ ଯନ୍ତ୍ରୀ ତୁଷ୍ଟିକରଣ ଚାଲିଥିବା ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚ କତ୍ତୃପକ୍ଷ ଏହାଉପରେ ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛ ।

## ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା

ସାଲେପୁର,(ସବ୍ୟୁ) :ସ୍କୁଲ ଶିକ୍ଷକ ଅଭାବକୁ ନେଇ ତାତିଛନ୍ତି ଅଭିଭାବକମାନେ । ଏଭଳି ସମସ୍ୟା ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ଶିକ୍ଷା ମଣ୍ଡଳ ଅଧିନ କୁକୁଡାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ । ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପ୍ରଯ୍ୟନ୍ତ ପାଠ ପଢା ହେଉଥିବା ବେଳେ ଆବଶ୍ୟକୀୟ ଶିକ୍ଷକ ନଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ଶିକ୍ଷା ବିଭାଗଙ୍କୁ ଜଣାଇ ଆସୁଥିଲେହେଁ ସ୍କୁଲ ପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେଉନଥିବାରୁ ଶେଷରେ ବାଧ ହୋଇ ସ୍କୁଲରେ ତାଲା ପକାଇ ଧାରଣାକୁ ଓହ୍ଲାଇଛନ୍ତି ଅଭିଭାବକ ଏବଂ ଛାତ୍ରଛାତ୍ରୀ । ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢ଼ାଉ ଥିବା ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯାଇଥିବାରୁ ସେଥେ ଅନ୍ୟ ଜଣେ ଶିକ୍ଷକ ଟ୍ରେନିଂରେ ଯାଇଥିବାରୁ ବର୍ତ୍ତମାନ ଶିକ୍ଷାଦାନରେ ଅସୁବିଧା ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଆଷାଢ଼ ତିରିଶ ତାରିଖରେ ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିବେ ବୋଲି ଜଣାପଡିଛି । ଏଣୁ ବର୍ତ୍ତମାନ ଶିକ୍ଷକଙ୍କ ସଂଖ୍ୟା ଆବଶ୍ୟକ ଠାରୁ କମ ଅଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତ । ଅନ୍ୟପଟେ ଆଗକୁ ଦଶମ ପରୀକ୍ଷା ରହିଛି । ଶିକ୍ଷକ ନଥିବାରୁ ପାଠପଢ଼ାରେ ବହୁ ସମସ୍ୟା ଉପୁଜୁଛି । ସେଥିରେ ପୁଣି ଦୁଇ ଜଣ ଶିକ୍ଷକଙ୍କୁ ବଦଳି କରାଯାଇଥିବାରୁ ତୁରନ୍ତ ଦୁଇ ଶିକ୍ଷକଙ୍କ ବଦଳିକୁ ବାତିଲ କରିବାକୁ ଦାବି କରିଛନ୍ତି ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ । ତେବେ ଯେତେବେଳ ଯାଏଁ ସ୍କୁଲକୁ ଶିକ୍ଷକ ଅଭାବ ପୂରଣ ନହୋଇଛି ସେଯାଏଁ ଏଭଳି ଧାରଣା ଚାଲିବ ବୋଲି କହିଛନ୍ତି ଅଭିଭାବକମାନେ । ଅପର ପକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଖୁବ ଶୀଘ୍ର ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଦିବ୍ୟାଙ୍ଗ କାଉଡ଼ିଆଙ୍କ ଜଳାଭିଷେକ

କେନ୍ଦ୍ରପଡା,(ସବ୍ୟୁ) : ଏବେ ଶ୍ରାବଣ ମାସ ଚାଲିଛି। ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ମାନଙ୍କ ହାତରେ ଶ୍ରାବଣର କାଉଡ଼ି ଭାର। ଗୋଟିଏ ଲକ୍ଷ୍ୟ ଜଳାଭିଷେକ କରିବା ଓ ମାନସିକ ପୂରଣ କରିବା। ଭିନ୍ନ ଭିନ୍ନ ଭାବରେ କାଉଡ଼ିଆ ମାନେ ବାବା ଶଙ୍କରଙ୍କୁ ଜଳ ଲାଗି କରିଥାଆନ୍ତି। ଏଥିରୁ ଟିକିଏ ଭିନ୍ନ ଚିନ୍ତା କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତାଗଣ ଦିବ୍ୟାଙ୍ଗ ଭାଇ ମାନଙ୍କୁ ଏକତ୍ରିତ କରି ଜଳାଭିଷେକ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ଅନ୍ତର୍ଗତ ନାଉପାଳ ଗ୍ରାମ ନିକଟ ଗୋବରୀ ନଦୀରୁ ପାଣି ଉଠାଇ ବାବା ବିଲେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ କରିଛନ୍ତି। ସେମାନଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। ସେମାନେ ତାଙ୍କର ତିନି ଚକିଆ ଯାନରେ ବସି କାଉଡ଼ି ଭାର ଧରିଥିଲେ। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତାମାନେ ମିଶି ତାଙ୍କ ଯାନକୁ ଠେଲି ଠେଲି ନେଇ ବିଲ୍ଲେଶ୍ୱର ମନ୍ଦିରରେ ପହଞ୍ଚି ଥିଲେ। ଏହା ପରେ ସେମାନଙ୍କ କାନ୍ଧରେ କାନ୍ଧ ମିଳାଇ ଦିବ୍ୟଙ୍ଗମାନଙ୍କୁ ଟେକି ନେଇ ବାବାଙ୍କ ଦର୍ଶନ କରାଇଥିଲେ। ନନା ମାନେ ତାଙ୍କ ନାମ ଓ ଗୋତ୍ର ବୁଝି ଜଳାଭିଷେକ କରିଥିଲେ। ଦିବ୍ୟାଙ୍ଗ ପୁତ୍ର ଆଜି ଜଳାଭିଷେକ କରିବା ପରେ ତାର ମା କହିଥିଲା ଆଜି ମୋର ଦୀର୍ଘ ୨୮ ବର୍ଷର ଆଶା ପୂରଣ ହେଲା। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କୋଷାଧକ୍ଷ ବିଭୁ :ପ୍ରସାଦ ସାହୁ, ଡାକ୍ତର ବିରେନ୍ଦ୍ର କୁମାର ଦାଶ, ଦିଲ୍ଲିପ କୁମାର ନାଥ, ଶାନ୍ତନୁ ମଲ୍ଲିକ, ବାବାଜୀ ବାରିକ, ସିନୁ କୁମାର ରାଓ, ବିଭୁ ପ୍ରସାଦ ପତି, ଧିରେନ୍ ସାହୁ, ଦେବାଶିଷ ମହାପାତ୍ର, ତାପସ ପରିଡା, ଅକ୍ଷୟ କୁମାର ଭଳ, ଶଶିକାନ୍ତ ନାଥ, ରମାକାନ୍ତ ସାହୁ, ସୁକୁନି ନାୟକ, ଆଶିଷ ବିଶ୍ୱାଳ ଓ ସଚେତନ୍ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ସହାୟତା କରିଥିଲେ।

## ନାବାଳିକା ଜନ୍ମଦେଲା ମୃତ ସନ୍ତାନ : ଜଣେ ଅଟକ

ପାରାଦୀପ,( ଜି. ପ୍ର ) :ଅତ୍ୟନ୍ତ ସରଳ ପିଲାଟିଏ ସେ, ଚଳିତବର୍ଷ ମଧ୍ୟ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ଗରିବ ପରିବାର , ଗତବର୍ଷ ହୋଇଥିଲେ ଦୁଷ୍କର୍ମର ଶିକାର ଆଉ ଗତକାଲି ବିଳମ୍ବିତ ରାତ୍ରିରେ ଜଗତସିଂହପୁର ଜିଲ୍ଲା ମେଡିକାଲରେ ଜନ୍ମ ଦେଲେ ଗୋଟିଏ ମୃତ ପୁତ୍ର ସନ୍ତାନ । କୁଜଙ୍ଗ ବ୍ଲକ ଅଞ୍ଚଳରେ ଗତ ଚାରିଦିନ ତଳେ ଜୈନିକା ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସମସ୍ତଙ୍କ ମନରୁ ନଲିଭୁଣୁ ପୁଣି ଆଉ ଏକ କୁମାରୀ ମାତୃତ୍ୱ କଥା ସାମ୍ନାକୁ ଆସିଛି । ଜୈନିକା ନାବାଳିକା ଗତବର୍ଷ ନବମ ଶ୍ରେଣି ଛାତ୍ରୀ ଥିବାବେଳେ ସେ ଦୁଷ୍କର୍ମର ଶିକାର ହୋଇଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରି ଜଣେ ନାବାଳକକୁ ମଧ୍ୟ ଗିରଫ କରି ଜୁଭେନାଇଲ କୋର୍ଟକୁ ପଠାଇଥିଲା ଆଉ ଏବେ ପୁଣି ସମ୍ପୃକ୍ତ ନାବାଳିକା ଗତକାଲି ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମେଡିକାଲକୁ ନିଆଯାଇଥିବା ବେଳେ ସେ ସେଠାରେ ଏକ ମୃତ ପୁତ୍ର ସନ୍ତାନ ଜନ୍ମ ଦେଲେ । ନାବାଳିକାର ବୟାନ ଅନୁଯାଇ ପୋଲିସ ଜଣଙ୍କୁ ଅଟକ ରଖିଛି । ତେବେ ପ୍ରଶ୍ନ ଉଠୁଛି ସମ୍ପୃକ୍ତ ନାବାଳିକା ପାଞ୍ଚ ଛଅ ମାସର ଗର୍ଭବତୀ ଥିବାବେଳେ ସେହି ଅଞ୍ଚଳର ଆଶା ଦିଦି ଓ ଅଙ୍ଗନୱାଡ଼ି ଦିଦି ତଥା ମହିଳା ସ୍ୱାସ୍ଥ୍ୟକର୍ମୀ ଜାଣି ପାରିଲେନାହିଁ କିପରି । ନିୟମ ମୁତାବକ କିଶୋରୀ ବାଳିକା ତଥା ଗର୍ଭବତୀଙ୍କ ଯତ୍ନ ନିମନ୍ତେ ସରକାର ଅନେକ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ସେମାନଙ୍କ ଦେଖାରଖା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ **ଅବସ୍ଥା** ଜାଞ୍ଚ କରିବା ପାଇଁ ସରକାର ଅନେକଙ୍କୁ ନିଯୁକ୍ତି ଦେଇ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି । ଡାକ୍ତରଙ୍କ କହିବା ମୁତାବକ ନାବାଳିକା ଏକ ମୃତ ପୁତ୍ର ସନ୍ତାନ ଜନ୍ମ ଦେଲେ । ତେବେ ତାଙ୍କର ଏତେ ମାସର ଗର୍ଭ ଧାରଣ କରିବାର ସୂଚନା କାହା ପାଖରେ ରହିଲା ନାହିଁ କିପରି । ଯଦି ସେଠାକାର ଆଶା, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡି ଦିଦି ଜାଣିଥିଲେ ତେବେ କଣ ପାଇଁ ସରକାରୀ ଭାବେ ଏହି ତଥ୍ୟ ପ୍ରଦାନ କଲେ ନାହିଁ । ଯଦି ଏମାନେ ତଥ୍ୟ ପ୍ରଦାନ କରିଥିଲେ ତେବେ ତାହାକୁ ଗୁରୁତର ସହ ପ୍ରଶାସନ ନେଲାନାହିଁ କଣ ପାଇଁ । ଏସବୁ ଘଟଣା ଏବେ ତଦନ୍ତ ସାପେକ୍ଷ ଥିବାବେଳେ ଗୋଟିଏ ସପ୍ତାହରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ଏବେ **ସ୍ଥାନୀୟ** ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ପୀଡିତାଙ୍କର ବୟାନ ଆଜି ରେକର୍ଡ କରାଯାଇଥିବା ବେଳେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମେଡିକାଲରେ ଚିକିତ୍ସିତ କରାଯାଉଛି ଅଟକ ଥିବା ଯୁବକକୁ ପୋଲିସ ଅଧିକ ପଚରାଉଚରା ଚଳାଇଛି । କିଭଳି ଭାବେ ସେ ନାବାଳିକାଙ୍କ ସଂସ୍ପର୍ଶରେ ଆସିଲେ ଓ ତାଙ୍କୁ କେଉଁ ପ୍ରଲୋଭନ ଦେଖାଇ ଗର୍ଭବତୀ କରାଇଲେ , ସେନେଇ ଏବେ ଖୋଳତାଡ ଆରମ୍ଭ କରିଛି ପୋଲିସ ।

# ଧର୍ମଶାଳା ମିଡିଆ କ୍ଲବର ତୃତୀୟ ସ୍ୱନକ୍ଷତ୍ର ଦିବସ

ଧର୍ମଶାଳା, ( ସ ବ୍ୟୁ): ଧର୍ମଶାଳା ମିଡିଆ କ୍ଲବର ତୃତୀୟ ସ୍ୱନକ୍ଷତ୍ର ଦିବସ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ସୁଧାକର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ , ସମ୍ମାନିତ ଅତିଥି ଭାବେ ଓଡ଼ିଆ ପ୍ରଫେସର ତଥା ରାଜଧାନୀ କଲେଜର ଅବସରପ୍ରାପ୍ତ ଅଧକ୍ଷା ଶକୁନ୍ତଳା ବଳିୟାରସିଂ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲ୍ଲୀପ କୁମାର ବିଷୋଇ ପ୍ରମୁଖରେଯାଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ବସନ୍ତ ନାୟକ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତି ରେ ଗଣ ମାଧ୍ୟମ ର ଭୂମିକା ' ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ସାଂପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନଙ୍କ



ଭୂମିକାକକୁ ନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ମନୋନିତ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ , କଟକ ,ଚୌଦ୍ୱାରା ଏସ୍.ଡି.ପି.ଓ ଉମାକାନ୍ତ ନାୟକ , ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ବିଶ୍ୱରଞ୍ଜନ କର , ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ମହାନ୍ତି , ଯୁବ ଉଦ୍ୟୋଗୀ ତଥା ଜଗନ୍ନାଥ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ପରିଚାଳକ ପ୍ରଦୀପ୍ତ କୁମାର କୁମାର ସ୍ୱାଇଁ ଙ୍କୁ ଏହି ଅବସର ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ଖବରଦାତା ବିମଳ ପତି, ଆନନ୍ଦ ଚନ୍ଦ୍ର ମହାରଣା,ପ୍ରଫୁଲ୍ଲ କୁମାର ରାଉତ, ସେକ୍ ଆଲାଉଦିନ, ତ୍ରିଲୋଚନ ବେହେରା, ଗୟାଧର ନାୟକ, ଦୀପକ ଦାସ, ଶୁଶାନ୍ତ ନାୟକ, ଗଗନ ଦାସ, ଅଶୋକ ଦାସ, ଶୁଶାନ୍ତ ଗୋଚ୍ଛାୟତ , ଶିବପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ସାମ୍ବାଦିକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଜିବି ବ୍ୟାଙ୍କ ସ୍କାଏଲାଇଟ ତାଡି ଦୁର୍ବୃତ୍ତଙ୍କ ଲୁଟ ଉଦ୍ୟମ

ମହାକାଳପଡ଼ା ,(ସବ୍ୟୁ ):ମହାକାଳପଡ଼ା ବ୍ଲକ ଜମ୍ବୁ ପଂଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ସ୍କାଏଲାଇଟ ତାଡି ଦୁର୍ବୃତ୍ତ ଲୁଟ ଉଦ୍ୟମ କରିଥିବାର ଜଣାପଡ଼ି)ଛି । ରବିବାର ରାତ୍ରିରେ ଦୁର୍ବୃର୍ତ୍ତ ସ୍କାଏଲାଇଟ ତାଡି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ । ସୋମବାର କର୍ମଚାରୀ ମାନେ ବ୍ୟାଙ୍କ ଖୋଲି ଦେଖିବାରୁ ଟ୍ୟୁବ ଲାଇଟ ଭାଙ୍ଗି ଯାଇଥିବା ବେଳେ କମ୍ପ୍ୟୁଟରଟି ତଳେପଡ଼ିଥିବା ବେଳେ କ୍ୟାସିୟର ଙ୍କ ଡ୍ର ଖୋଲାଥିବାର ଦେଖିବାକୁ ମିଳିଥିଲା । ଏନେଇ ଶାଖା ପରିଚାଳକ ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଟିମ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଅଧିକ ତଦନ୍ତ କରିଛି।

## ପାଠ ପଢା ବୟସରେ ଠିକାଦାର ସଜେଇଲେ ଶିଶୁ ଶ୍ରମିକ

ମଙ୍ଗଳପୁର,(ସବ୍ୟୁ) : ଶିଶୁ ମାନଙ୍କୁ କୌଣସି କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ନକରିବା ପାଇଁ ସରକାର ପ୍ରତେକ ଦିନ ସଚେତନତା କରାଉଥିବା ବେଳେ ମାନୁନାହାନ୍ତି ଠିକାଦାର ଆଉ ଯନ୍ତ୍ରୀ । ବାଲି ବସ୍ତାରେ ପୁରାଇଲେ ଆଉ ବସ୍ତା ମୁଣ୍ଡାଇଲେ ତିନି ଜଣ ଶିଶୁ ଆନୁମାନିକ ବୟସ ୧୧ ରୁ ୧୩ ହୋଇଥିବା ବେଳେ ଶିଶୁ ମାନଙ୍କୁ ବସ୍ତାରେ ବାଲି ପୁରେଇବା କାମରେ ନିୟୋଜିତ କରାଉଛନ୍ତି ଠିକାଦାର । ବାଲି ବସ୍ତାରେ ପୁରାଇଲେ କାଳେ ବନ୍ଧରେ ପଡିବ ଆଉ ପୁରାଇବା ବାବଦକୁ ଠିକାଦାର ତାଙ୍କୁ ବସ୍ତା ପିଛା ଦୁଇ ଟଙ୍କା ଦେବ ଏଭଳି କହିଛନ୍ତି । କାର୍ଯ୍ୟରେ ନିୟୋଜିତ ଥିବା ଶିଶୁ ମାନେ ଜଣେ ଅଖା ଦେଖାଉଛି ଆଉ ଜଣେ ଫାଉଡା ଧରି ବାଲି ପୁରାଉଛି ଆଉ ଜଣେ ବସ୍ତାର ମୁହଁ ବାନ୍ଧୁଛି । ଏପରି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ କସପା ପଞ୍ଚାୟତ ଅନ୍ତର୍ଗତ ପଚ୍ଛପଡା ଗ୍ରାମରେ । ସୂଚନା ମୁତାବକ ପଚ୍ଛପଡା ଗ୍ରାମ ନିକଟ ଦେଇ ପ୍ରବାହିତ ହେଉଥିବା କାଣୀ ନଦୀରେ ବନ୍ୟା ଆସିବା ଫଳରେ ନଦୀ ବନ୍ଧ ଦୁର୍ବଳ ହୋଇ ଘଳିଆ ପଡିବାରୁ ପ୍ରଶାସନ ଜଳ ନିଷ୍କାସନ ବିଭାଗ ତରଫରୁ ବଲ୍ହ ,ବାଲି ବସ୍ତା ଦେବାର ବ୍ୟବସ୍ଥା କରାଯାଇଥିଲା ହେଲେ ଏହାକୁ ଏକ ସ୍ଥାନୀୟ ମୁଷ୍ଟିମେୟ ଠିକାଦାରଙ୍କ ହାତରେ ଦାୟିତ୍ୱ ଦେଇଥିଲା ଜଳ ନିଷ୍କାସନ ବିଭାଗ । ହେଲେ କମ୍ ଖର୍ଚ୍ଚରେ ଅଧିକ ମୁନାଫା ଲାଭ ଆଶାରେ ପାଠ ପଢା, ଖେଳ ବୁଲ କରିବା ବୟସରେ ଛୋଟ ଶିଶୁଙ୍କୁ ଆଣି କାମରେ ଲଗାଇ ଅଧିକ ଲାଭବାନ ହେବାକୁ ମନସ୍ଥ କରିନେଲେ ଠିକାଦାର । ସେଥିପାଇଁ ଛୋଟ ଛୋଟ ଛୁଆଙ୍କୁ ବସ୍ତା ପିଛା ଦୁଇ ଟଙ୍କା ହିସାବରେ କାମରେ ଲଗାଇ ଦେଲେ । ଶିଶୁ ଶ୍ରମିକ ବନ୍ଦ ପାଇଁ ଜନସାଧାରଣଙ୍କ ପ୍ରତିବାଦ ହେଉଛି । ସେଥିପ୍ରତି ଯାଜପୁର ଜିଲ୍ଲାପାଳ, ଶିଶୁ ମଙ୍ଗଳ ଅଧିକାରୀ, ଶ୍ରମ ଅଧିକାରୀ ଏବଂ ଯାଜପୁର ଜିଲ୍ଲା ପ୍ରଶାସନ ଠିକାଦାରଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା ।

## ଅଧ୍ୟାପିକା ଅସଦାଚରଣ ମାମଲା

ପାଣିକୋଇଲି,(ସବ୍ୟୁ) : ନଅ ବର୍ଷ ତଳେ ଘଟିଥିବା କୋରେଇ କାହ୍ନଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଅସଦାଚରଣ ମାମଲାରେ ଦେଖିବାକୁ ମିଳିଛ ନୂଆଁମୋଡା ସୋମବାର ଭୁବନେଶ୍ୱର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଲଲେଜରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ଦ୍ଦେଶକ ରଣଜିତ୍ ପ୍ରଧାନ ପୂର୍ବାହ୍ନ ୧୦ଟାରେ ଡିଗ୍ରୀ କଲେଜ କାର୍ଯ୍ୟାଳୟରେ ପହଂଚି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶନୀ ସହମିଶି ମିଳିତ ତଦନ୍ତ ଆରମ୍ଭ କରିଥିଲେ। ପ୍ରଥମେ ଅଭିଯୋଗକାରିଣୀ ଗଣିତ ଅଧ୍ୟାପିକା ଉମା ମହାନ୍ତି ଏବଂ ଏହାପରେ ପୂର୍ବତନ ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏଠାରେ ସୂଚନାଯୋଗ୍ୟ ୨୦୧୬ ମସିହାରେ ଗଣିତ ଅଧ୍ୟାପିକା ଉମା ମହାନ୍ତି କଲେଜ ପିକନିକ୍ ଯିବା ସମୟରେ ତତ୍କାଳୀନ କଲେଜର ଅଧକ୍ଷ ଅକ୍ଷୟ କୁମାର ମହାନ୍ତି ବସ୍‌ରେ ଅସଦାଚରଣ କରିଥିବା କଥା ଅଭିଯୋଗ କରିଥିଲେ। ଏହାକୁ ନେଇ ସେତବେଳେ କୋରେଇ ଥାନାରେ କେଶ୍ ନଂ ୨୦/୨୦୧୬ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଘଟଣା ଘଟିବାର ୯ ବର୍ଷପରେ ଉଚ୍ଚଶିକ୍ଷା ବିଭାଗର ଏଭଳି ତତ୍ପରତାକୁ ନେଇ ପୁଣିଥରେ କଲେଜ ପରିସର ଉଷ୍ମ ହୋଇଉଠିଛି ।

## ବେଆଇନ ବଦଳି ପ୍ରତିବାଦରେ ଶିକ୍ଷକଙ୍କ ଧାରଣା

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବରାଦୋ ପଞ୍ଚାୟତ ପାଟପୁର ଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କି-ଡ଼ମପଡ଼ା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି । ଶିକ୍ଷାବିଭାଗ ପକ୍ଷରୁ ଆକ୍ରୋଶମୂଳକ ଭାବେ ଶିକ୍ଷକ ଜଣଙ୍କୁ ବେଆଇନ ଭାବେ ତାଙ୍କ କାର୍ଯ୍ୟରତ ସ୍କୁଲ ଠାରୁ ଏହି ବଦଳି ୨୦୦କିଲୋମିଟର ଦୂର ହୋଇଥିବାରୁ ସେ ଏହାକୁ ତୀବ୍ର ପ୍ରତିବାଦ କରିଛନ୍ତି । ବଦଳି ଆଦେଶ ପାଇବା ପରେ ଗତ ୨୫ତାରିଖରେ ଏହାକୁ ପୁନଃବିଚାର କରିବା ପାଇଁ ଶିକ୍ଷାବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସେ ଅବଗତ କରାଇଥିଲେ ମଧ ତାଙ୍କ ଅଭିଯୋଗକୁ ଶୁଣାଯାଇନଥିବାରୁ ସେ ସୋମବାର ପୂର୍ବାହ୍ନ ୧୧ଟା ଠାରୁ ନିଶ୍ଚିନ୍ତକୋଇଲି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ପରିବାର ସହ ଧାରଣାରେ ବସିଥିଲେ । ଶିକ୍ଷକଙ୍କ ସହିତ ତାଙ୍କ ସାନ ଭାଇ ରମାକାନ୍ତ ସାମଲ, ମାଆ କୌଶଲ୍ୟା ସାମଲ ମଧ ଏହି ଧାରଣାରେ ଯୋଗ ଦେଇଥିଲେ । ଶିକ୍ଷକ ଶ୍ରୀ ସାମଲ ଧାରଣାରେ ବସିବାରୁ କାର୍ଯ୍ୟାଳୟରେ ମଣ୍ଡଳ ଶିକ୍ଷାଧିକାରୀ ଏବଂ ତିନି ଜଣ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କର କୌଣସି ମତାମତ ମିଳିପାରିନଥିଲା । ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଧାରଣାରେ ବସିଥିବା ଶିକ୍ଷକ ଶ୍ରୀ ସୀତାକାନ୍ତ ସାମଲଙ୍କ ନିକଟକୁ ଏକ ସ୍ୱତନ୍ତ୍ର ପତ୍ର ପଠାଇ ମଙ୍ଗଳବାର ଦିନ ଏହି ବଦଳି ସମ୍ବନ୍ଧରେ ତାଙ୍କ କାର୍ଯ୍ୟାଳୟରେ ଆଲୋଚନାକୁ ଡ଼କାଇ ଏହାର ସମାଧାନ କରିବେ ବୋଲି କହି ଧାରଣା ପ୍ରତ୍ୟାହୃତ ପାଇଁ ଅନୁରୋଧ କରିଥିଲେ । ଅପରପକ୍ଷରେ ସାଲେପୁର ଏସଡ଼ିପିଓ ବିରଞ୍ଚିନାରାୟଣ ପତି ଘଟଣା ସ୍ଥଳରେ ପହଞ୍ଚି ଶିକ୍ଷକ ଶ୍ରୀ ସାମଲଙ୍କୁ ବୁଝାସୁଝା କରି ଧାରଣା ସ୍ଥଳରୁ ଉଠାଇଥିଲେ । ଡ଼ିଇଓଙ୍କ କାର୍ଯ୍ୟାଳୟରେ କରାଯିବାକୁ ଥିବା ବଦଳି ସଂକ୍ରାନ୍ତ ଆଲୋଚନା ଯଦି ସଫଳ ନହୁଏ ତାହେଲେ ବୁଧବାର ଠାରୁ ସମ୍ପୃକ୍ତ ଶିକ୍ଷକ ଜଣକ ପୁର୍ନବାର ଧାରଣାରେ ବସିବେ ବୋଲି ପୋଲିସ ଏସଡ଼ିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର

ଭୁବନେଶ୍ୱର, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମାଜିକ ସୁରକ୍ଷା ଆଇନ୍ ପ୍ରଣୟନ ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୨୦୨୫-୨୬ ବର୍ଷ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ନବୀକରଣ ନିମିତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହି ଯୋଜନାରେ ପ୍ରତିବର୍ଷ ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ହିତାଧିକାରୀ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀ ବୃଦ୍ଧି



କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ୍ ଥିବା ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତିର ପୁର୍ନବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢ଼ାଂଚାରେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଉଭୟ ଯୋଜନାର ସୁବିଧା ଉପଲବଧ କରାଯିବାକୁ ଅନୁରୂପ ଦାବୀ କରାଯାଇଛି । ଦେଶର ୧୮ ଗୋଟି ରାଜ୍ୟ ଭଳି ଓଡିଶାରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତିଗତ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବାକୁ ଦାବୀ କରାଯାଇଛି । ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସଂପାଦକ ଡ. ରଶ୍ମିରଂଜନ ମିଶ୍ର, ବିଜୟ ଦେବତା, ପ୍ରିୟମାଧବ ଦାସ, ଚିତରଂଜନ ପାଣି, କଷ୍ଟ ସାମଲ, ଦିବ୍ୟ ଶାନ୍ତନୁ ନାଥ ପ୍ରମୁଖ ଦାବୀପତ୍ର ପ୍ରଦାନ କରିଥିଲେ ।

## ନୂତନ ଜିଲ୍ଲାପାଳଙ୍କ ବନ୍ୟା ପରସ୍ଥିତି ସମୀକ୍ଷା

# ଯାଜପୁର ଓ ଦଶରଥପୁର ବ୍ଲକର ୧୩ ପଞ୍ଚାୟତ, ୨୪ ଗାଁ ପ୍ରଭାବିତ

ଯାଜପୁର/ ଯାଜପୁର ସଦର,(ସବ୍ୟୁ) : ଯାଜପୁରରେ ନୂତନ ଜିଲ୍ଲାପାଳ ଭାବେ ଯୋଗଦେଇଥିବା ଅମ୍ବର କୁମାର କର ଜିଲ୍ଲା କାର୍ଯ୍ୟାଳୟ ର ଓସ୍ୱାନ ଭି.ସି. କକ୍ଷରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ । ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାଜପୁର ଓ ଦଶରଥପୁର ଦୁଇଟି ବ୍ଲକର ୧୩ ଟି ପଞ୍ଚାୟତ, ୨୪ ଟି ଗାଁ ପ୍ରଭାବିତ ହୋଇଅଛି । ୬୫୯୪ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣ ଲୋକଙ୍କୁ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛ । ଦୁଇଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ଚାରୋଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରୀନାରୀ ଟିମ୍ ପ୍ରଭାବିତ ଅଂଚଳରେ ନିୟୋଜିତ କରାଯାଇଛି । ବର୍ତ୍ତମାନ ବୈତରଣୀ ନଦୀରେ ଜଳସ୍ତର କମୁଛି । ଜିଲ୍ଲାପାଳ ବନ୍ୟାଜଳରେ ପ୍ରଭାବିତ ଲୋକମାନଙ୍କୁ ଆଶ୍ରୟସ୍ଥଳୀ ରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଣି ଛାଡ଼ିଲା ପରେ ଦିନ ବେଳା ଯେଉଁମାନେ ଚାହିଁବେ ଘରକୁ ଯାଇପାରିବେ । ଜିଲ୍ଲାର ଦଶାସ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଲା ଓ ଅନ୍ୟାନ୍ୟ ଜାଗାରୁ ଆଜି ଓ କାଲି ସକାଳେ ବୋଲବମ୍ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସଟ ସର୍କିଟ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ ରେ କଲ କଲେ ସମସ୍ୟା ର ତୁରନ୍ତ ସମାଧାନ କରାଯିବ । ପରେ ଜିଲ୍ଲାପାଳ ଓ ଅତିରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଦୟନୀୟ ଅବସ୍ଥାରେ ବେଗୁନିଆ-ସିକୋ ପ୍ରାଣୀଧନ ଚିକିତ୍ସା ବ୍ୟବସ୍ଥା

ବୋଲଗଡ଼,(ସବ୍ୟୁ) : ବେଗୁନିଆ ଓ ସିକୋ ପ୍ରାଣୀଧନ ଚିକିତ୍ସାଳୟ ଅଧିନରେ ୮ ଗୋଟି ସହାୟକ କେନ୍ଦ୍ର ଓ ୪ ଗୋଟି ଅଣ ଅନୁଦାନ ପ୍ରାପ୍ତ ସହାୟକ କେନ୍ଦ୍ର ରହିଛି । ସେହି ୪ ଗୋଟି ଅଣ ଅନୁଦାନ ପ୍ରାପ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ୨୦୧୯ ମସିହାରେ ପ୍ରାଣୀଧନ ଗଣନା ଅନୁଯାୟୀ ୩୦ ହଜାରରୁ ଊର୍ଦ୍ଧ୍ୱ ଗୃହ ପାଳିତ ପଶୁ ରହିଥିବାରୁ ସଦର ମହକୁମା,ସିକୋର ପ୍ରାଣୀଧନ ଚିକିତ୍ସାଳୟର ୫ ଜଣ ଅଧିକାରୀଙ୍କ ପରିବର୍ତ୍ତେ ୩ ଜଣ କାର୍ଯ୍ୟରତ ଥିବା ବେଳେ ବିଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡ଼ାକ୍ତର ଅପରାଜିତା ସାମନ୍ତରାୟ ଭୁବନେଶରରେ ଡେପୁଟେସନରେ କାର୍ଯ୍ୟ କରୁଛନ୍ତି ।

ତେବେ ସାରୁଅ,ବଡ଼ବେରଣା,ବୋତଳମା ଓ ପଙ୍ଗାରସିଂହ ଅଣ ଅନୁଦାନପ୍ରାପ୍ତ ସହାୟକ କେନ୍ଦ୍ର ଅବହେଳିତ ହୋଇ ଦୁର୍ଦ୍ଦିନ ଅବସ୍ଥାରେ ପଡ଼ି ରହିଥିବା ବେଳେ ସୁରକ୍ଷା ପ୍ରାଚୀର, ବିଦ୍ୟୁତ ସଂଯୋଗୀ କରଣ ଓ ଜଳ ଯୋଗାଣ ଆଦି ସୁବିଧା ଉପଲବ୍ଧ ନାହିଁ । ଏହି କେନ୍ଦ୍ର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇ ନ ଥିବାରୁ କର୍ମଚାରୀ ମାନେ କେବଳ ଅସ୍ଥାୟୀ ଭାବେ କାମ ଚଳାଇ ଆସୁଛନ୍ତି । ଲାଇଭ ଷ୍ଟକ ଇନିସପେକ୍ଟରଙ୍କ ଆବଶ୍ୟକତା ଦୃଷ୍ଟିରୁ ୮ ଜଣଙ୍କ ଭିତରୁ ୪ ଜଣ କାର୍ଯ୍ୟ କରୁଛନ୍ତି । ତେବେ ଡିଙ୍ଗର ଡାଲତୋଳା, ଗୁଡୁମ, ନିଧିପୁର ଓ ଲାଇଭଷ୍ଟକ ଇନିପେକ୍ଟର ନ ଥିବାରୁ ପ୍ରାଣୀ ଚିକିତ୍ସା ପାଇଁ ଜନ ସାଧାରଣ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

ଡିଙ୍ଗରର ଅଧିବାସୀ ମାନେ ନିଜର ଗୃହପାଳିତ ପଶୁକୁ ୫ କିଲୋମିଟର ଅର୍ଥାତ ବେଗୁନିଆ ପଶୁ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ୧୦ ଜଣ ପରିଚାରକ ଭିତରୁ ୭ ଜଣ ପରିଚାରକ କାର୍ଯ୍ୟ କରୁଛନ୍ତି । ଏଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ମରୁଡି ଯୋଗୁଁ ପଶୁ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖିନ ହେବା ସହ ତୁରନ୍ତ ପରିତ୍ୟକ୍ତ ଅବସ୍ଥାରେ ଥିବା ସହାୟକ କେନ୍ଦ୍ରର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରିବାକୁ କଂଗ୍ରେସ ଦଳର ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ସାମ୍ବାଦିକ ଭଗବାନ ପଣ୍ଡା, ଗଣେଶ୍ୱର ମହାପାତ୍ର, ଶିକ୍ଷାବିତ ଗୌର ଚରଣ ପ୍ରହରାଜ,ସମାଜସେବୀ ଅଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ପଣ୍ଡା,ସୂର୍ଯ୍ୟ ନାରାୟଣ ମିଶ୍ର ଓ ପୂର୍ବତନ ସରପଂଚ ନବ କିଶୋର ସାଇଁ, ଡିଙ୍ଗର ଗ୍ରାମ୍ୟ କମିଟିର ସଂପାଦକ ଶେଷଦେବ ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ମାନେ ଦାବୀ କରିଛନ୍ତି ।

# ଟ୍ରେନ୍ ଧକ୍କାରେ ଟ୍ରାକ୍ଟର ଚୁର୍‌ମାର୍



ସାକ୍ଷୀଗୋପାଳ, (ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ବୀର ରାମଚନ୍ଦ୍ର ପୁର ପଞ୍ଚାୟତର ମାଦେଲା ଗହୀର ନିକଟରେ ବୁଧଙ୍ଗ କେନାଲ ଉପରେ ନିର୍ମିତ ରେଳବାଇ ପୋଲ ଉପରେ ଏକ ଦୁର୍ଘଟଣା ଘଟିଅଛି ଯେ ରେଳ ଧକ୍କାରେ ଏକ ଟ୍ରାକ୍ଟର ଚୁରମାର ହୋଇଯାଇଛି । ସାକ୍ଷୀଗୋପାଳ ରେଳ ଷ୍ଟେସନ ଓ ବୀର ପୁରୁଷୋତ୍ତମପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ମାଦେଲା ପୋଲ ନିକଟରେ ଏକ ଟ୍ରାକ୍ଟର ରେଳ ଧାରଣା ପାର ହେବା ସମୟରେ ରେଳ ଧାରଣା ପାର୍ଶ୍ୱରେ ପାଉଁଦ ଲାଇନ ପକାଇବା ନିମନ୍ତେ ଖୋଳା ଯାଇଥିବା ଗାତରେ ଟ୍ରାକ୍ଟରଟି ଅଟକି ରହିଥିଲା ।

ଅପରାହ୍ନ ୩ ଟା ୧୬ ମିନିଟରେ ପୁରୀରୁ ଆସୁଥିବା ପୁରୀ ବୈଦ୍ୟନାଥ ଧାମ ଏକ୍ସପ୍ରେସ ଟ୍ରେନ ରେଳ ଧାରଣା ଉପରେ ଅଟକି ରହିଥିବା ଟ୍ରାକ୍ଟରକୁ ଧକ୍କା ଦେଇଥିଲା । ଟ୍ରାକ୍ଟରଟିର ଆଗଚକା ଦୁଇ ଓ ଟ୍ରାକ୍ଟର ଇଞ୍ଜିନ ପ୍ରାୟ ୨୦୦ ମିଟର ଦୂରରେ ପଡ଼ିଥିଲା । ରେଳ ଡ୍ରାଇଭର ରେଳ ଧାରଣା ଉପରେ ଟ୍ରାକ୍ଟରଟିକୁ ଦେଖିକରି ରେଳର ଗତି କମାଇ ଦେଇଥିଲେ । ରେଳ ଡ୍ରାଇଭରଙ୍କର ଏହି ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଧରଣର ରେଳ ଦୁର୍ଘଟଣାରୁ ରେଳ ଓ ରେଳ ଯାତ୍ରୀମାନେ ବର୍ତ୍ତି ଯାଇଥିଲା । ଖବର ପାଇ ରେଳବାଇ ଥାନା,ପୁରୀ ଆଇ ଆଇ ସି ହରିଦର୍ଶନ ଶର୍ମା, ଏସ ଆଇ ସୁର୍ଚ୍ଚିରେଖା ଦଣ୍ଡ, ଆସିଷ୍ଟାଣ୍ଟ ସିକ୍ୟୁରିଟି ଅଫିସର, ଖୋର୍ଦ୍ଧା ପ୍ରେମଦୀପ ସଞ୍ଜୟ ଓ ଜିଆରପି ଥାନା ଆଇ ଆଇ ସି ସନ୍ତୋଷ କୁମାର ବାହିନୀପତିଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀ ମାନେ ଦୁର୍ଘଟଣା ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ଦୁର୍ଘଟଣା ସମ୍ପର୍କରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କୁ ପଚରା ଉଚରା କରିଥିଲେ ।ଏକ କେରିବି ସାହାଯ୍ୟରେ ଦୁର୍ଘଟଣା ସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରଟିକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଦୁର୍ଘଟଣା ରେ ପୁରୀ ହରିଦ୍ୱାର ଏକ୍ସପ୍ରେସ ଟ୍ରେନ ମଧ କ୍ଷତିଗ୍ରସ୍ତ ହୋଇଅଛି ବୋଲି ରେଳବାଇ ଥାନା, ପୁରୀ ଆଇ ଆଇ ସି ହରିଦର୍ଶନ ଶର୍ମା ପ୍ରକାଶ କରିଥିଲେ ।

# ଦୟାନଦୀ ବନ୍ଧର ଗାଡ୍‌ୱାଲ ଅଧାପନ୍ତରିଆ



କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ଦୟା ନଦୀର କେତକ ବୁଲାଣି ସ୍ଥାନରେ ନଦୀ ବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସିମେଣ୍ଟ କଂକ୍ରିଟ ମାଧ୍ୟମରେ ଗାଡଓ୍ୱାଲ ନିର୍ମାଣ ଓ ପଥର ପ୍ୟାକିଂ କରିବା କଥା ହେଲେ କେତେକ ସ୍ଥାନରେ ଅଧାପନ୍ତରିଆ ଭାବେ କେବଳ ଗାଡଓ୍ୱାଲ ନିର୍ମାଣ କରି ଛାଡ଼ିଦେଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ବନ୍ୟା ବାତ୍ୟା ଆସିଲେ ସେହିସ୍ଥାନ ଗୁଡ଼ିକ ପ୍ରଭାବିତ ହେବାର ଲୋକମାନେ ଆଶଙ୍କା କରୁଛନ୍ତି ।କଣାସ ଠାରୁ ଗଡିଶାଗୋଦା ପର୍ଯ୍ୟନ୍ତ ନଦୀ ବନ୍ଧର ଅନେକ ସ୍ଥାନ ଖାଲ ଖମା ସୃଷ୍ଟି କରିଛି ସାଧାରଣ ଲୋକମାନେ ଯାତାୟାତ କହିପାରୁନାହାନ୍ତି । ଜଳସମ୍ପଦ ବିଭାଗ ପକ୍ଷରୁ କେତେକ ସ୍ଥାନରେ ତାଳିପକା କାମ କରି ଠିକାଦାର ପୋଷାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

କଣାସ ଅଞ୍ଚଳରେ ଅନେକ ସମୟରେ ବନ୍ୟା ବାତ୍ୟାରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ନଜିର ରହିଥିବା ବେଳେ ନଦୀବନ୍ଧ ଗୁଡ଼ିକର ସଠିକ ଭାବେ ମରାମତି କରାଯାଉନଥିବାରୁ ଲୋକମାନଙ୍କ ଧାନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ।

# ବଳଙ୍ଗା ଘଟଣା : ପୀଡ଼ିତାଙ୍କ ପରିବାର ସୁରକ୍ଷାରେ ୬ ପୋଲିସ

ବଳଙ୍ଗା, (ସବ୍ୟୁ): ବଳଙ୍ଗା ନାବଳିକା ପୋଡ଼ି ଘଟଣାକୁ ୧୦ ଦିନ ବିତି ଯାଇଥିଲେ ବି ଜଣାପଡ଼ିନି ନାବାଳିକା ଦେହରେ କିଏ ନିଆଁ ଲଗାଇଥିଲା । ହେଲେ ସୋମବାର ଦିନ ପୀଡ଼ିତାଙ୍କ ପରିବାରକୁ ପୋଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି । ତାଙ୍କର ଘର ସାମ୍ନାରେ ପୋଲିସ ମୁତୟନ ହୋଇଛନ୍ତି । କଡାକଡ଼ି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ଦିନ ରାତି ୨୪ ଘଣ୍ଟା ୬ ଜଣ ପୋଲିସ ଜଗି ରହିବେ । ଆଗରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମଙ୍କ ପରିବାରକୁ ବଳଙ୍ଗା ପୋଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆ ଯାଇଥିଲା । ଗତ ଶନିବାର ପୁରୀ ଜିଲ୍ଲା ବଳଙ୍ଗା ଥାନା ବାୟାବର ଗାଁର ଜଣେ ନାବାଳିକାଙ୍କ ଦେହରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା । ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ । ତେବେ ତାଙ୍କ ଘରଆଗରେ ପୋଲିସ ମୁତୟନ ହେବା, ଘଟଣାକୁ ନୂଆ ମୋଡ଼ ଦେଇଛି ।

# କଟକସଦର ଡେଭଲପମେଣ୍ଟ ସଂଗଠନର ଚା’ ଖଟି

ଫୁଲନଖରା ,(ସବ୍ୟୁ) : ୟୁନିୟନ ଫର କଟକସଦର ଡେଭଲପମେଂଟ ସାମାଜୀକ ସଂଗଠନ ଦ୍ୱାର ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ବିଭିନ୍ନ ପଞ୍ଚାୟତରେ ଚା ଖଟିରେ ଅଂଚଳର ସମସ୍ୟାକୁ ସିଧାସଳଖ ଅଂଚଳବାସୀଙ୍କ ଠାରୁ ଶୁଣି ପ୍ରଶାସନ ସହିତ ଲଢି ତାର ତ୍ୱରିତ ସମାଧାନ କରାଯିବ । ଏହି କ୍ରମରେ ସୋମବାର ଦିନ ପ୍ରଥମ କରି କଳପଡା ପଞ୍ଚାୟତର କଳପଡା ବଜାର ଏକ ଚା ଦୋକାନରେ ଏହି ଚା ଖଟି ଆୟୋଜନ ହୋଇଥିଲା ।

ସଂଗଠନର ସଭାପତି ପ୍ରଫେସର ମନୋଜ ନାୟକଙ୍କ ସହିତ ଅଂଚଳର ବହୁ ବରିଷ୍ଠ ମୁରବୀ ଯୋଗ ଦେଇ ଅଂଚଳର ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା କରିଥିଲେ । ବୟାଳିଶମୌଜାକୁ ନାକେଦମ କରିଥିବା ବିଦୁ୍ୟତ ସମସ୍ୟା ସମାଧାନ ପାଇଁ ଅଂଚଳବାସୀ ଦାବି କରିଥିବା ବେଳେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇ ସ୍ଥାୟୀ ସମାଧାନ କରାଯୀବ ବୋଲି ସଭାପତି ମତଭ୍ୟକ୍ତ କରିଥିଲେ । ସିଧାସଳଖ ସାଧାରଣ ଜନତାଙ୍କ ସହିତ ମିଶିବା ଏବ ସେମାନଙ୍କର ସମସ୍ୟାକୁ ଶୁଣି ତାର ସମାଧାନ ବାଟ ଫିଟାଇବାର ଏ ପ୍ରୟାସ ପାଇଁ ନାଟ୍ୟକାର ସମରେନ୍ଦ୍ର ମହାପାତ୍ର ମନୋଜ ନାୟକଙ୍କୁ ଧନ୍ୟବାଦ ଦେଇଥିଲେ । ନିକଟ ଭବିଷ୍ୟତରେ ଅଣ୍ୟ ପଞ୍ଚାୟତରେ ଏଭଳି ଚା ଖଠିର ଆୟୋଜନ କରାଯାଇ ଅଂଚଳର ସମସ୍ୟାକୁ ମାଧାନ କରିବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ସଂଗଠନର ସଭାପତି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି । ସଂଗଠନର ସମସ୍ତ କର୍ମକର୍ତାଙ୍କ ସହିତ ବହୁ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ ।

# ଟ୍ରକ୍ ଧକ୍କାରେ ଯୁବକ ଗୁରୁତର : ୧୭ ଘଣ୍ଟା ନୂଆ ଜଗନ୍ନାଥ ସଡକ ଅବରୋଧ

## ରେଡକ୍ରସରୁ ୧୫ ହଜାର, ଗାଡି ମାଲିକ ଦେଲେ ୨୦ ହଜାର

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୁ ଛକରେ ରବିବାର ଅପରାହ୍ନ ୫ ଟା ବେଳେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଯୁବକ ଗୁରୁତର ହୋଇ ଭୁବନେଶ୍ୱର ଏକ ହସ୍ପିଟାଲରେ ଭର୍ତ୍ତିହୋଇଛନ୍ତି । କ୍ଷତି ପୂରଣ ଦାବି କରି ଉତ୍ୟକ୍ତ ଗ୍ରାମବାସୀ ମାନେ ଲେଣ୍ଡୁ ଛକ ନିକଟ ନୂଆ ଜଗନ୍ନାଥ ସଡକରେ ରବିବାର ସନ୍ଧ୍ୟା୭ଟା ଠାରୁ ଟାୟାର ଜାଳି ନୂଆ ଜଗନ୍ନାଥ ସଡକ ଅବରୋଧ କରି ଥିଲେ । କିନ୍ତୁ କୌଣସି ସଠିକ ପ୍ରତିଶ୍ରୁତି ନ ମିଳିବାରୁ ଗୁରୁତର ଯୁବକର ପରିବାର ଲୋକଙ୍କ ସମେତ ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟି ନଥିଲେ । ଫଳରେ ଗତକାଲି ରାତି ତମାମ ରାସ୍ତା ଅବରୋଧ ହୋଇଥିବାବେଳେ ସୋମବାର ଦିନ ୧୧ ଟା ପର୍ଯ୍ୟନ୍ତ ଅବରୋଧ ଚାଲିଥିଲା । ଏହି ସମୟର ଶହ ଶହ ଗାଡିମଟର ପୁରୀ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ରହିଥିଲା । ଯାତ୍ରୀମାନେ ବହୁ ହଇରାଣ ହୋଇ ଏପାଖ ସେପାଖ ରୁ ନିଜର ଜିନିଷ ଧରି ଚାଲିଚାଲି ବହୁ କଷ୍ଟ ଅନୁଭବ କରିଥିଲେ । ବହୁ ଗାଡି ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନ ଯାଇ ଫେରିଯାଇଥିଲେ । ପରେ ଘଟଣାସ୍ଥଳକୁ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶାନ୍ତନୁ ମଲ୍ଲିକ ଆସି ଗୁରୁତର ଯୁବକ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଦେଇଥିଲେ ବି ସେମାନେ ଅଧିକ କ୍ଷତି ପୂରଣ ଦାବି କରି ଅବରୋଧ ଚାଲୁ ରଖିଥିଲେ । ଶେଷରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଆସି ଘଟଣା ଘଟାଇଥିବା ଗାଡି ମାଲିକ ସହିତ ଯୋଗାଯୋଗ କରି ଚିକିତ୍ସା ପାଇଁ ପ୍ରାଥମିକ ଭାବେ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ । ପରେ ଗାଡି ବୀମା ବାବଦକୁ କ୍ଷତି ପୂରଣ ମିଳିବାରେ ସହଯୋଗ , ମେଡ଼ିକାଲରେ ସହଯୋଗ ସହିତ ପୋଲିସ ତରଫରୁ କାଗଜ ପତ୍ରରେ ସମସ୍ତ ସହଯୋଗ କରାଯିବାର ପ୍ରତିଶ୍ରୁତି ପରେ ଦିନ ୧୨ ଟାରେ ଅବରୋଧ ହଟିଥିଲା ।

ପ୍ରକାଶ ଥାଉ କି ରବିବାର ଅପରାହ୍ନ ସମୟରେ ଲେଣ୍ଡୁ ହନୁମାନ ସାହିର ପ୍ରଶାନ୍ତ କୁମାର ସାହୁ (୨୬) ଏକ ବାଇକ ଯୋଗେ ନିରାକାରପୁର ରୁ ବଜାର କାମ ସାରି ଘରକୁ ଫେରୁ ଥିବାବେଳେ ପୁରୀ ଆଡୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା । ଉକ୍ତ ଦୁର୍ଘଟଣାରେ ଯୁବକ ଜଣକ ଗୁରୁତର ହୋଇପଡ଼ିଥିଲେ । ତାର ଡାହାଣ ଗୋଡ ଉପରେ ଗାଡି ଚକା ଚଢିବା ଯୋଗୁ ଗୋଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡିଥିଲା । ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଯୋଗୁଁ ଜନସାଧାରଣ ଯେଉଁ ଅସୁବିଧାରେ ପଡ଼ିଥିଲେ ସେଥିପାଇଁ ପୋଲିସ ତରଫରୁ ରାସ୍ତା ଅବରୋଧ କରିଥିବା ୫୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ପୋଲିସ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ଜଣାପଡିଛି ।

# ଚାଷୀ ପଞ୍ଜିକରଣ ପାଇଁ ସଚେତନତା ରଥର ଶୁଭାରମ୍ଭ

ଆଠଗଡ, (ସବ୍ୟୁ) : ନରସିଂହ ପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ୨୦୨୫-୨୬ ଖରିଫ ଋତୁ ରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଚାଷୀ ମାନଙ୍କ ନାମ ପଞ୍ଜିକରଣ ପାଇଁ ଏକ ସଚେତନତା ରଥ ଆଠଗଡ ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ସୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଆଗାମୀ ଖରିଫ ଋତୁରେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସରକାରଙ୍କର ଦାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଚାଷୀ ମାନେ ଆବଶ୍ୟକୀୟ ନଥିପତ୍ର ନେଇ ନିକଟସ୍ଥ ସମାୟ ସୋ ସମିତି, ଅଧିକୃତ ମହିଳା ସୟଂସହାୟକ ଗୋଷ୍ଠୀ,ପାଣି ପଞ୍ଚାୟତ ରେ ନିଜ ନାମ ପଞ୍ଜିକରଣ ଅଗଷ୍ଟ ୨୦ ତାରିଖ ମଧ ରେ କରି ପାରିବେ।ଚାଷୀ ପଞ୍ଜିକରଣ କୁ ଅଧିକରୁ ଅଧିକ କରିବା ପାଇଁ ସରକାରୀ ନୀତି କୁ ଗ୍ରହଣ କରି ଚାଷୀମାନଙ୍କ ପାଇଁ ସରକାରୀ ସୁିଧା ଉପଲବ୍ଧ କରାଇବେ ଏହି ସଚେତନତା ରଥ ର ଉଦ୍ଦେଶ୍ୟ। ଏହି ରଥ ଆଠଗଡ ଏନଏସି ସମେତ ଆଠଗଡ ଉପଖଣ୍ଡ ର ୪ଟି୍ଲକ ଆଠଗଡ,ତିଗିରିଆ, ବଡ଼ମ୍ବା, ନରସିଂହପୁର ଆଦି୍ଲକର ବିଭିନ୍ନ ଗ୍ରାମରେ୍ଲି, ସରକାରୀ ନିୟମାବଳୀ ଆଦି ସମନ୍ଧରେ ସଚେତନତା କରିବା ସହିତ ଅଧିକରୁ ଅଧିକ ଚାଷୀ ପଞ୍ଜିକରଣ ପାଇଁ ସଚେତନତା କରାଇ ଚାଲି ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ସଂମ୍ପାଦକ ରାମନାରାୟଣ ମଲ୍ଲିକ ସୂଚନା ଦେଇଛନ୍ତି ।

# ଶିକ୍ଷକ ବଦଳି ବାତିଲ ଦାବିରେ ବିଦ୍ୟାଳୟ ଆଗରେ ଧାରଣା



ବାଙ୍କୀ, (ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ସିମିଳିପୁର, ଢ଼ସର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀ ମାନେ ଗତ ଶନିବାର ଦିନ ବିଦ୍ୟାଳୟ ଫାଟକ ଆଗରେରେ ଧାରଣାରେ ବସି ଥିବା ବେଳେ ଡେମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ସ୍ଥିତ ଗୋବିନ୍ଦ ରଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକଙ୍କ ବଦଳି ଦାବିରେ ସୋମବାର ପୂର୍ବାହ୍ନ ୧୦ଟାରେ ସ୍କୁଲ ଖୋଲିବା ମାତ୍ରେ ମୁଖ୍ୟ ଫାଟକରେ ତାଲା ପକାଇ ଶତାଧିକ ଛାତ୍ର ଛାତ୍ରୀ ବିଦ୍ୟାଳୟ ଅଗେରେ ଧାରଣାରେ ବସି ରହିଥିଲେ ।

ଛାତ୍ରଛାତ୍ରୀମାନଙ୍କୁ ଅଭିଭାବକମାନେ ସମର୍ଥନ କରିଥିଲେ । ଧାରଣା ଚାଲିଥିବାର କିଛି ସମୟ ପରେ ମାଜିଷ୍ଟ୍ରେଟ ତଥା ବାଙ୍କୀ ଅତିରିକ୍ତ ତହସିଲଦାର ସୋନମ ପ୍ରିୟଦର୍ଶିନୀ ପହଞ୍ଚି ବୁଝାସୁଝା କଲା ପରେ ଫାଟକରୁ ତାଲା ଖୋଲା ଯାଇ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଧାରଣା ସ୍ଥଳରେ ଉପସ୍ଥିତ ଥିବା ସହକାରୀ ଶିକ୍ଷକମାନଙ୍କୁ ଅତିରିକ୍ତ ତହସିଲଦାର ବିରକ୍ତି ପ୍ରକାଶ କରିଥିଲେ ।

# ପିତାମାତାଙ୍କ ପାଇଁ ପାଣି ଢ଼ାଳିଲେ କୁନି କାଉଡ଼ିଆ



ଅସ୍ତରଙ୍ଗ, (ସବ୍ୟୁ) : ପିତାମାତା ଓ ପରିବାର ଶୁଭ ମନାସୀ ଶ୍ରାବଣ ମାସ ତୃତୀୟ ସୋମବାର ଶବଙ୍କ ମସ୍ତକରେ ପାଣିଢ଼ାଳି ଛନ୍ତି ଅସ୍ତରଙ୍ଗର ପ୍ରତାପ ବିଶ୍ୱାଳଙ୍କ ୧୦ବର୍ଷର ପୁତ୍ର ସାଇରୋଶନ । ସେ ନିଜ ପାଇଁ କୌଣସି ମାନସିକ ନ କରି ମାନସିକ କରିଛନ୍ତି ନିଜ ବାପା ମାଆ ଏବଂ ସାନଭଉଣୀର ମଙ୍ଗଳ କାମନା କରି । ୧୦ ବର୍ଷର କୁନି ବାଳକ ସାଇରେଶନ କାକଟପୁର ପ୍ରାଚୀ ତଟ ବିଶାମିତ୍ର ଘାଟରୁ ପାଣିଆଣି ନିଷ୍ଠାର ସହ ୧୪ କିଲୋମିଟର ପାଖା ପାଖି ପଦଯାତ୍ରା କରି ଅସ୍ତରଙ୍ଗ ପ୍ରସିଦ୍ଧ ଶିବ ମନ୍ଦିର ଗ୍ରାମେଶ୍ୱରଙ୍କ ନିକଟରେ ଜଳଲାଗି କରିଥିଲେ । ତାଙ୍କର ଏପରି ମାନସିକତା ସମାଜ ପାଇଁ ଏକ ପ୍ରେରଣା ହେବା ସହିତ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି ।

# ବିଶିଷ୍ଟ ରାଜନେତା ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଶ୍ରାଦ୍ଧବାର୍ଷିକୀ

ଫୁଲନଖରା, (ସବ୍ୟୁ) : କଟକ ସଦରର ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ପରିବେଶବିତ ରାଜେନ୍ଦ୍ର ପ୍ରସାଦ ସିଂ ତୃତୀୟ ଶ୍ରାଦ୍ଧବାର୍ଷିକ ସମାଜସେବୀ ଶେଷଦେବ ପାତ୍ରଙ୍କ ଅଧକ୍ଷତାରେ ୪୨ ମୌଜା ସ୍ଥିତ ବଳିବାମନ ପୀଠରେ ପାଳିତ ହୋଇଯାଇଛି ।

ସ୍ୱର୍ଗତ ସିଂଙ୍କ ଅଞ୍ଚଳ ପ୍ରତି ଅବଦାନ, ନିଃସାର୍ଥପର ସେବା ,ଅଞ୍ଚଳକୁ ସବୁଜମୟ କରିବାର ସ୍ୱପ୍ନ ଆଜି ବି ଜୀବିତ ଅଛି ବୋଲି ମାନ୍ୟଗଣ୍ୟ ବ୍ୟକ୍ତି ମତ ପ୍ରକାଶ କରିଥିଲେ । ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ, ରାଜନେତା ପ୍ରଥମେ ସ୍ୱର୍ଗତଃ ସିଂ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟରେ ଯୋଗଦାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ସିଂ, ବନମାଳୀ ବିହାରୀ, ଦିଲ୍ଲୀପ ରାଉଳ, ପ୍ରଦ୍ୟୁମ୍ନ ପତି,ଚନ୍ଦ୍ରମଣି ପ୍ରଧାନ, ବିପ୍ରଚରଣ ପ୍ରଧାନ, ସୋମନାଥ ଦାସ, ପରମାନନ୍ଦ ଚୌଧୁରୀ, ସୁକାନ୍ତ ସାହୁ, କମଳାକାନ୍ତ ଦାସ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଏହିପରି ଭାବରେ କଟକ ସଦର ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ସ୍ୱର୍ଗତଃ ସିଂଙ୍କର ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା ।

# ବିଜେପିର ମନ୍ କି ବାତ୍ କାର୍ଯ୍ୟକ୍ରମ

ବାଲିପାଟଣା, (ସବ୍ୟୁ) :ଜୟଦେବ ବିଜେପି ତରଫରୁ ବସନ୍ତ ନାୟକଙ୍କ ନେତୃତ୍ୱରେ ୩୩ ଗୋଟି ଗ୍ରାମ ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବାଲିପାଟଣା ସ୍ଥିତ ଦୁର୍ଗା ମାଧବ କଲ୍ୟାଣ ମଣ୍ଡପ ଠାରେ ପ୍ରଥମେ ମା ପାଇଁ ଗଛ ଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇ ତାପରେ ପ୍ରିୟ ପ୍ରଧାନମନ୍ତ୍ରୀଙ୍କର ୧୨୪ ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ମାସରୁ ମନ କି ବାତକାର୍ଯ୍ୟକ୍ରମ ପ୍ରତ୍ୟେକ ବୁଥରେ ବସନ୍ତ ନାୟକ ନେତୃତ୍ୱରେ କରିବା ପାଇଁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମରେ ବାଲିପାଟଣା ମଣ୍ଡଳ ସଭାପତି ନାରାୟଣ ଖୁଣ୍ଟିଆ, ବାଲକାଟି ମଣ୍ଡଳ ସଭାପତି ବିଜୟ କୁମାର ମହାରଣା, ଚୌଧରୀ ଦାରିକାନାଥ ଦାଶ, ଶଶି ଭୂଷଣ ପାତ୍ର, ସାଂସଦ ପ୍ରତିନିଧି ଅଶୋକ ପଟ୍ଟନାୟକ, କ୍ଷେତ୍ରମୋହନ ବେହେରା, ସିଦ୍ଧେଶର ନାଥ, ଅକ୍ଷୟ ପରିଡା, ବସନ୍ତ କୁମାର ଭୋଇ, ପ୍ରସନ୍ନ କୁମାର ସେଠୀ, ପ୍ରଭାତ କୁମାର ସାଇଁ, ସୁନନ୍ଦ ମହାରଣା, ଦେବେନ୍ଦ୍ରନାଥ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଦିଗାମ୍ବର ମିଶ୍ର ଖଣ୍ଡପଡ଼ା ଏନଏସି ମଣ୍ଡଳ ସଭାପତି




ଖଣ୍ଡପଡ଼ା, (ସବ୍ୟୁ): ଶାସକ ବିଜେପି ଦଳର ଖଣ୍ଡପଡ଼ା ଏନଏସି ମଣ୍ଡଳ ସଭାପତି ଭାବେ ଖଣ୍ଡପଡ଼ା ଏନଏସି ୮ନଂ ୱାର୍ଡ଼ କାଉନସିଲର ଦିଗାମ୍ବର ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ଭାରତୀୟ ଜନତା ପାର୍ଟି ଓଡିଶା ପ୍ରଦେଶ ପକ୍ଷରୁ ଚିଠି ଜାରି କରାଯାଇଛି । ତେବେ ବିଜେପିର ଖଣ୍ଡପଡ଼ା ଏନଏସି ମଣ୍ଡଳ ସଭାପତି ପଦ ନିମନ୍ତେ ସହରର ବହୁ ବରିଷ୍ଟ, କନିଷ୍ଠ ବିଜେପି ନେତା ଓ ଯୁବ ସଂଗଠକଙ୍କ ନାମ ଜିଲ୍ଲା ଓ ରାଜ୍ୟ ବିଜେପି ନେତୃବର୍ଗଙ୍କୁ ସୁପାରିସ କରାଯାଇଥିବା ବେଳେ ସମସ୍ତ ଦିଗକୁ ଅନୁଧ୍ୟାନ କରି ଏନଏସି ମଣ୍ଡଳ ସଭାପତି ଆସନ ଶ୍ରୀ ମିଶ୍ରଙ୍କୁ ପ୍ରଦାନ କରାଯାଇଛି ।

ଶ୍ରୀ ମିଶ୍ର ବର୍ତ୍ତମାନ ଏନଏସି କାଉନସିଲର ଭାବେ ସୁଚାରୁ ରୂପେ କାର୍ଯ୍ୟ କରୁଥିବା ବେଳେ ଏବେ ଦଳ ପକ୍ଷରୁ ମଣ୍ଡଳ ସଭାପତି ଭାବେ ତାଙ୍କୁ ମନୋନୀତ କରଯାଇଥିବାରୁ ସେ ବେଶ ଖୁସି ବ୍ୟକ୍ତ କରିଛନ୍ତି । ଏଥିସହ ଆଗାମୀ ଦିନରେ ଖଣ୍ଡପଡ଼ା ସହରାଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବା ସହ ବିଜେପି ଦଳକୁ ତୃଣମୂଳ ସ୍ତରରେ ମଜବୁ କରିବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି । ତେବେ ବିଜେପି ଏନଏସି ମଣ୍ଡଳ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଏନଏସି ଅଧକ୍ଷା ଆରତୀ ପ୍ରଧାନ ଏବଂ ଯୁବ ସଂଗଠକ ତଥା ସୁପ୍ରିମକୋର୍ଟ ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏ ଅବସରରେ ଶନିବାର ଅପରାହ୍ଣରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅଧକ୍ଷାଙ୍କ ପ୍ରତିନିଧି ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ୱାର୍ଡ଼ର କାଉନସିଲର, ବିଜେପି କାର୍ଯ୍ୟକର୍ତ୍ତା ଏବଂ ବହୁ ଜନପ୍ରତିନିଧି ଉପସ୍ଥିତ ରହି ନୂତନ ମଣ୍ଡଳ ସଭାପତି ଦାୟିତ୍ୱ ପାଇଥିବା ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟପକ୍ଷେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ମଣ୍ଡଳ ସଭାପତି ଭାବେ ନିର୍ମଳା ବିଶାଳ, ବନମାଳୀପୁର ମଣ୍ଡଳ ସଭାପତି ଭାବେ ଜୟଶ୍ରୀ ବେହେରା, ବାଇଗୁଣିଆ ମଣ୍ଡଳ ସଭାପତି ଭାବେ ନବକିଶୋର ବରାଡ଼, କଣ୍ଟିଲୋ ମଣ୍ଡଳ ସଭାପତି ଭାବେ ଟିଟନ ସାହୁଙ୍କୁ ଦଳ ପକ୍ଷରୁ ମନୋନୀତ କରାଯାଇଥିବା ଚିଠିରେ ଦର୍ଶାଯାଇଛି ।

# ଜେଆର୍‌ଡି ଟାଟା : ଭବିଷ୍ୟତର ଦୂରଦ୍ରଷ୍ଟା

(୧୨୧ତମ ଜୟନ୍ତୀ ଉପଲକ୍ଷେ)



ଜେଆରଡି ଟାଟା ଭାବେ ପରିଚିତ ଜେହାଙ୍ଗୀର ରତନଜୀ ଦାଦାଭୋୟ ଟାଟା କେବଳ ଜଣେ ପ୍ରତିଷ୍ଠିତ ଉଦ୍ୟୋଗପତି ନଥିଲେ, ବରଂ ଜଣେ ଦୂରଦ୍ରଷ୍ଟା ବ୍ୟକ୍ତିତ୍ୱ ଥିଲେ । ସେ ଏକ ଏକ ସମନ୍ୱିତ ଭବିଷ୍ୟତର ସ୍ୱପ୍ନ ଦେଖିଥିଲେ ଯେଉଁଠାରେ ପ୍ରକୃତିଏବଂ ମାନବସମାଜ ମିଳିତ ଭାବେ ବିକଶିତ ହୋଇପାରିବ । ଟାଟା ଗ୍ରୁପ୍‌ର ମାର୍ଗଦର୍ଶକ ଭାବେ ସେ ଜଣେ ସାଧାରଣ ବ୍ୟବସାୟିକ ଲିଡର୍ ଠାରୁ ଆଗକୁ ବଢ଼ି ଜଣେ ମାନବତାବାଦୀ ଭାବରେ ଭାରତର ସ୍ଥାୟୀ ବିକାଶ, ସାମାଜିକ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ବିକାଶର ମାର୍ଗ ପ୍ରଶସ୍ତ କରିଥିଲେ ।

ଯେତେବେଳେ ଦୀର୍ଘସ୍ଥାୟୀତ୍ୱ ଏକ ପ୍ରଚଳିତ ଶବ୍ଦ ମଧ ନଥିଲା ସେତେବେଳେ ଜେଆରଡି ଏହାର ମୂଳ ଭାବନାକୁ ଜୀବନ୍ତ କରିଥିଲେ ଏବଂ ପରିବେଶ ସଚେତନତା, ନୈତିକ ନେତୃତ୍ୱ ଏବଂ ସମାଜ କୈନ୍ଦ୍ରୀକ ପ୍ରଥାକୁ ଟାଟା ସଂସ୍କୃତିରେ ଅବସ୍ଥାପନ କରିଥିଲେ । ଜେଆରଡି ଟାଟା ବିଶ୍ୱାସ କରୁଥିଲେ ଯେ ପ୍ରକୃତ ଔଦ୍ୟୋଗିକ ଉନ୍ନତି ପରିବେଶ ଏବଂ ସାମାଜିକ ଦାୟିତ୍ୱରୁ ଅଲଗା ହୋଇପାରିବ ନାହିଁ । ଏହି ବିଶ୍ୱାସ ତାଙ୍କ ଅନେକ ପ୍ରୟାସରେ ପ୍ରକାଶ ପାଇଥିଲା ତଥାସେହି ସମୟରେ ଅନ୍ୟମାନଙ୍କ ଚିନ୍ତାଧାରାକୁ ଅତିକ୍ରମ କରିଥିଲା । ଉଦାହରଣ ସ୍ୱରୂପ ପୁଣେ ସ୍ଥିତ ଟାଟା ମୋଟର୍ସ କାରଖାନାରେ ୨୪୫ ଏକର ଆର୍ଦ୍ରଭୂମି, ବର୍ଷା ଜଳଅମଳ ପ୍ରଣାଳୀ ଏବଂ ସବୁଜ ବଳୟ ରହିଥିଲା ଯାହା ଔଦ୍ୟୋଗିକ ବ୍ୟବସ୍ଥାରେ ପରିବେଶ ସନ୍ତୁଳନର ଏକ ଆଦର୍ଶ ପ୍ରତିଛବି ଥିଲା ।

ପରିବେଶ ସଚେତନତା ପ୍ରତି ତାଙ୍କର ପ୍ରତିବଦ୍ଧତା ୧୯୭୪ ମସିହାରେ ଟାଟା ଇଣ୍ଡିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ଟେରି) ପ୍ରତିଷ୍ଠା ସହିତ ଅଧିକ ବ୍ୟାପକ ରୂପ ନେଇଥିଲ । ଯେତେବେଳେ ଅନ୍ୟ କେହି ଏହା ବିଷୟରେ ଚିନ୍ତା କରୁ ନଥିଲେ ସେହି ସମୟରେ ତାହା ଅକ୍ଷୟ ଶକ୍ତି ଏବଂ ଜଳବାୟୁ ପରିବର୍ତନ ଉପରେ କେନ୍ଦ୍ରିତ ଥିଲା । ତାଙ୍କର ଦୃଷ୍ଟିକୋଣ ଶିକ୍ଷା ଏବଂ ସାମାଜିକ ସଶକ୍ତିକରଣ ପର୍ଯ୍ୟନ୍ତ ବ୍ୟାପିଥିଲା । ଫଳସ୍ୱରୂପ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ୍ ଷ୍ଟଡିଜ୍ ଭଳି ଅନେକ ଅନୁଷ୍ଠାନ ସ୍ଥାପନ ହୋଇଥିଲା । ଶିକ୍ଷାଗତ ଉତ୍କର୍ଷକୁ ସାମାଜିକ ବାସ୍ତବତା ଏବଂ ଜାତୀୟ ଆବଶ୍ୟକତା ସହିତ ସମନ୍ୱିତ କରି ସେହି ଅନୁଷ୍ଠାନଗୁଡ଼ିକୁ ଗଠନ କରାଯାଇଥିଲା ।

ଏକଦା ଏକ କାରଖାନା ପରିଦର୍ଶନ ସମୟରେ ସେ ସୁରକ୍ଷା ସ୍ଥିତି ଦେଖିବା ପରେ ତୁରନ୍ତ ଭିତିଭୂମିରେ ଉନ୍ନତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆନୁଷ୍ଠାନିକ ନିୟମ ପ୍ରଣୟନ ହେବା ପୂର୍ବରୁ ସେ ସେଭଳି ଚିନ୍ତା କରିପାରୁଥିଲେ । ଟାଟା ଷ୍ଟିଲରେ ସେ କର୍ମଚାରୀ କଲ୍ୟାଣ ପ୍ରଣାଳୀକୁ ମଜଭୁତ କରିଥିଲେ ।

ଜେଆରଡିଙ୍କ ରାଷ୍ଟ୍ର ନିର୍ମାଣର ଭାବନା ଅତ୍ୟନ୍ତ ବ୍ୟାପକ ଥିଲା । ୧୯୩୨ ମସିହାରେ ଭାରତର ପ୍ରଥମ ବାଣିଜ୍ୟିକ ବିମାନ ସେବା ପ୍ରତିଷ୍ଠାକରି ସେ କେବଳ ବିମାନ ଚଳାଚଳ ନୁହେଁ, ବରଂ ଦେଶର ଯୋଗାଯୋଗ, ଗର୍ବ ଏବଂ ବିଶ୍ୱ ମାନଚିତ୍ରରେ ଭାରତକୁ ସ୍ଥାପିତ କରିଥିଲେ ।

ଟାଟା ଷ୍ଟିଲରେ ଜେଆରଡି ଟାଟାଙ୍କ ଦୂରଦର୍ଶିତା ଏବେ ମଧ ପରିଲକ୍ଷିତ ହୁଏଏହାର ବିସ୍ତାର ଏବଂ ମୂଲ୍ୟବୋଧ ଉ ୟରେ । ସେ ବିଶ୍ୱସ୍ତରୀୟ ସହଯୋଗ ଏବଂ ପ୍ରଯୁକ୍ତିଗତ ବିକାଶକୁ ପ୍ରୋତ୍ସାହିତ କରୁଥିଲେ ଏବଂ ସର୍ବଦା ଭବିଷ୍ୟତକୁ ଦୃଷ୍ଟିରେ ରଖି ଚିନ୍ତା କରୁଥିଲେ । ସେ ଜାଣିଥିଲେ ଯେ ନବସୃଜନ ଏବଂ ଦକ୍ଷତା ବିକାଶ ପ୍ରତିଯୋଗିତା ଏବଂ ଦୀର୍ଘସ୍ଥାୟୀତ୍ୱ ପାଇଁ ଅତ୍ୟାବଶ୍ୟକ । ଅର୍ଥନୈତିକ ମନ୍ଦାବସ୍ଥା ବେଳେ ସେ ହ୍ରାସବୃଦ୍ଧି ପରିବର୍ତେ ଦୀର୍ଘମିଆଦୀ ଜାତୀୟ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ କହିଥିଲେ । ସେହି ନୀତି ଆଜି ମଧ କମ୍ପାନିର ରଣନୀତିକୁ ପରିଚାଳିତ କରୁଛି । ତାଙ୍କର ପଦ୍ଧତି ଥିଲା ସୁଚିତିନ୍ତ , ନୀତିନିଷ୍ଠ ଏବଂ ଦୂରଦୃଷ୍ଟିସମ୍ପନ୍ନ । ଟାଟା ଷ୍ଟିଲର ଅଭିବୃଦ୍ଧି ଭାରତର ଉନ୍ନତି ସହିତ ଜଡ଼ିତ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା ।

ତାଙ୍କର ସହାନୁଭୂତି କେବଳ କର୍ମଚାରୀମାନଙ୍କ ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ଟାଟାର କାର୍ଯ୍ୟକ୍ଷେତ୍ରଗୁଡ଼ିକର ଚାରିପାଖର ସମାଜ ପର୍ଯ୍ୟନ୍ତ ବ୍ୟାପିଥିଲା । ସେ ସ୍ୱାସ୍ଥ୍ୟ, ଆବାସ, ଶିକ୍ଷା ଏବଂ ସ୍ୱାସ୍ଥ୍ୟଗତ ପ୍ରକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ ଯାହା ବର୍ତମାନ ସମୟର ସିଏସ୍‌ଆର୍ (କର୍ପୋରେଟ ସାମାଜିକ ଦାୟିତ୍ୱବୋଧର ମୂଳଦୁଆ ପକାଇଥିଲା ।

ଜେଆରଡି ଜାତୀୟ ସଂସ୍କୃତି ପ୍ରତି ସମାନ ଭାବେ ପ୍ରତିବଦ୍ଧ ଥିଲେ । ନ୍ୟାସନାଲ ସେଂଟର ଫର ପରଫର୍ମିଂ ଆର୍ଟସ୍ (ଏନସିପିଏ) ଏବଂ ଅନ୍ୟାନ୍ୟ କଳାତ୍ମକ ପ୍ରୟାସଗୁଡ଼ିକୁ ତାଙ୍କ ସମର୍ଥନ ଥିଲା ତାହା ପ୍ରମାଣିତ କରେ ଯେ, ସେ କେବଳ ବିକାଶ ନୁହେଁ, ସାଂସ୍କୃତିକ ସମୃଦ୍ଧିକୁ ମଧ ସମାନ ଗୁରୁତ୍ୱ ଦେଉଥିଲେ ।

ଜେଆରଡି ଟାଟାଙ୍କ ନେତୃତ୍ୱରେ ଟାଟା ଆଣ୍ଡ ସନ୍ସ ୧୪ରୁ ୯୫ଟି କମ୍ପାନିରେ ପରିଣତ ହୋଇଥିଲା ଏବଂ ଗ୍ରୁପ୍‌ର ସମ୍ପତି ପ୍ରାୟ ୧୦୦ ନିୟୁତ ଡଲାରରୁ ଅଧିକ ହୋଇ ୫୦୦ କୋଟି ଡଲାରରେ ପହଂଚିଥିଲା । କିନ୍ତୁ ସଂଖ୍ୟାଗୁଡ଼ିକ ଠାରୁ ଅଧିକ ଥିଲା ତାଙ୍କ ଦ୍ୱାରା ସୃଷ୍ଟି ମୂଲ୍ୟବୋଧ ଯଥା ସହାନୁଭୂତି, ଦୂରଦୃଷ୍ଟି ଏବଂ ସଚ୍ଚୋଟତା । ସେହି ମୂଲ୍ୟବୋଧ ତାଙ୍କ ଶତ ବାର୍ଷିକୀକୁ ବ୍ୟାଖ୍ୟା କରୁଛି ।

ସେ କେବଳ ଏକ ଶିଳ୍ପସାମ୍ରାଜ୍ୟ ନିର୍ମାଣ କରିନଥିଲେ ବରଂ ଏକ ଦାୟିତ୍ୱଶୀଳ, ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାୟୀ ବିକାଶର ପ୍ରଣାଳୀ ଗଠନ କରିଥିଲେ । ଆଜି ଯେତେବେଳେ ସଂଗଠନଗୁଡ଼ିକ ନ୍ତଏକକ’ ଦୃଷ୍ଟିକୋଣକୁ ଗ୍ରହଣ କରୁଛନ୍ତି ତାଙ୍କ ଦର୍ଶନ ଆମକୁ ସ୍ମରଣ କରାଉଛି ଯେ ସତ୍ୟ ନେତୃତ୍ୱ ହେଉଛି ଲକ୍ଷ୍ୟ ଏବଂ କାର୍ଯ୍ୟକୁ ସମାନ୍ତରାଳ କରିବା ଏବଂ ନିଶ୍ଚିତ କରିବା ଯେ ବିକାଶର ଲାଭ ସମସ୍ତଙ୍କ ପାଖରେ ପହଂଚିବା ଦରକାର ।

ଜେଆରଡି ଟାଟାଙ୍କ ଜୀବନ ଆଜି ମଧ ପିଢ଼ି ପରେପିଢ଼ି ଧରି ଦୀର୍ଘମିଆଦୀ ଚିନ୍ତା କରିବା, ନୈତିକ ଭାବେ କାର୍ଯ୍ୟ କରିବା ଏବଂ ସହାନୁଭୂତି ସହିତ ନେତୃତ୍ୱ ନେବାକୁ ପ୍ରେରଣା ଦେଇଚାଲିଛି, କାରଣ ଏହାହିଁ ସତ୍ୟରସହ ସମନ୍ୱିତ ଭବିଷ୍ୟତର ଏକମାତ୍ର ପଥ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୧)

–ମୋକ୍ଷ ଯୋଗ–

(ଶ୍ରୀଭଗବାନୁବାଚ)

**ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ! ପୃଥକ୍ କେଶିନିଷୂଦନ ।।୧।।**

(ଅତ୍ର ଚ ''ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ'', ''ସନ୍ନ୍ୟାସଂ ଯୋଗମୁକ୍ତାତ୍ମା'', ଇତ୍ୟାଦିଷୁ କର୍ମାଦିଷୁ କର୍ମସନ୍ୟାସ ଉପଦିଷ୍ଟଃ ତଥା ''ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।'' ''ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍'' ଇତ୍ୟାଦିଷୁ ଚ ଫଳମାତ୍ରତ୍ୟାଗେନ କର୍ମାନୁଷ୍ଠାନମୁପଦିଷ୍ଟଂ ନ ଚ ପରସ୍ପରବିରୁଦ୍ଧଂ ସର୍ବଜ୍ଞଃ ପରମକାରୁଣିକୋ ଭଗବାନ୍ ଉପଦିଶେତ୍, ଅତଃ କର୍ମସନ୍ନ୍ୟାସସ୍ୟ ତଦନୁଷ୍ଠାନସ୍ୟ ଚ ଅବିରୋଧ ପ୍ରକାରଂ ଜିଜ୍ଞାସୁଃ) ।। ୧।।

# ବିରୋଧୀ ଦଳର ଏପରି ଆଚରଣ ସ୍ପୃହଣୀୟ ନୁହେଁ

ଏହି ୨୮ ତାରିଖ (୨୦୨୫ ଜୁଲାଇ)ରେ ଲୋକସଭାରେ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା କରିବାକୁ ସଂସଦର ବିରୋଧୀ ଦଳର ଦାବିକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରି ନଥିଲେ । ଲୋକସଭାରେ ୨୮ ତାରିଖରେ ଓ ରାଜ୍ୟସଭାରେ ୨୯ ତାରିଖରେ ଏହା ଉପରେ ଆଲୋଚନା ହେବା ପାଇଁ ସ୍ଥିର ହୋଇଥିଲା । ମାତ୍ର ୨୮ ତାରିଖରେ ଲୋକସଭାରେ ଏହି ଆଲୋଚନା ଆରମ୍ଭ ପୂର୍ବରୁ ବିରୋଧୀ ଦଳ ପ୍ରଶ୍ନୋତ୍ତର କାଳରେ ଏପରି ହଟ୍ଟଗୋଳ ଆରମ୍ଭ କରିଥିଲେ ଯେ ଲୋକସଭାର ଅଧିବେଶନକୁ ପ୍ରଥମେ କିଛି ସମୟ ପାଇଁ ମୁଲତବୀ ରଖିବାକୁ ବାଚସ୍ପତି ଶ୍ରୀ ଓମ୍ ପ୍ରକାଶ ବିର୍ଲା ବାଧ୍ୟ ହୋଇଥିଲେ । ସଂସଦରେ ହେଉ ବା ବିଧାନସଭାରେ ହେଉ ପ୍ରଶ୍ନୋତ୍ତର କାଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିରୋଧୀ ଦଳ ପ୍ରଶ୍ନୋତ୍ତର କାଳକୁ ଭଣ୍ଡୁର କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦୌ ଉଚିତ ନୁହେଁ । ଉଭୟ ବିରୋଧୀ ଓ ଶାସକ ଦଳ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା କରିଥା'ନ୍ତେ । ଫଳରେ ଅନେକ ବିଷୟ ସ୍ପଷ୍ଟ ହୋଇ ପାରିଥା'ନ୍ତା । ମାତ୍ର ଏହି ଆଲୋଚନା ଆରମ୍ଭ ହେବା ପୂର୍ବରୁ ତାହାକୁ ବାଧା ଦିଆଗଲା । ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲା ବିରୋଧୀ ଦଳକୁ ତାଗିଦ କରି ଦେଇଛନ୍ତି ଯେ ସଦନ କେବଳ ବିରୋଧୀ ଦଳଙ୍କର ନୁହେଁ, ୧୪୦ କୋଟି ଭାରତୀୟଙ୍କର ଏ ସଦନ । ସେମାନଙ୍କ ସମ୍ମାନକୁ ଚାହିଁ ବିରୋଧୀ ଦଳ ଅନ୍ତତଃ ଏପରି ହଟ୍ଟଗୋଳ ନ କରୁ ।

ସଂସଦର ସମୟ ଖୁବ୍ ମୂଲ୍ୟବାନ । ସଂସଦର ଆଲୋଚନା ସମୟରେ ସରକାର ଉତ୍ତର ଦିଅନ୍ତି, ପ୍ରଧାନମନ୍ତ୍ରୀ ବା ଅନ୍ୟ ମନ୍ତ୍ରିମାନଙ୍କ ଜରିଆରେ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ କିରଣ ରିଜ୍ଜୁ ମଧ୍ୟ ଆଜି ସଂସଦର ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ଯେ ବିରୋଧୀ ଦଳ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କୁ ସହଯୋଗ କରନ୍ତୁ ଓ ପାକିସ୍ତାନର ଭାଷା ନ କୁହନ୍ତୁ ।

ପାର୍ଲିଆମେଣ୍ଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ 'ଅପରେସନ ସିନ୍ଦୂର' ଆଲୋଚନା ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ଉପରେ ଆକ୍ରମଣ ଯଥାର୍ଥ ଥିଲା ଏବଂ ସେମାନେ ଆଡ୍ଡାସ୍ଥଳକୁ ଯେପରି ନିରାପତ୍ତାର ଭୂସ୍ୱର୍ଗ ବୋଲି ଭାବୁଥିଲେ, ତାହା ସେପରି ହୋଇ ପାରିଲା ନାହିଁ । ସେ ମଧ୍ୟ କହିଥିଲେ ଯେ ଜାତୀୟ ନିରାପତ୍ତାକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । 'ଅପରେସନ ସିନ୍ଦୂର' ଏକ ନୂଆ ଜାଗରଣ ସୃଷ୍ଟି କରିଛି ଏବଂ ସମସ୍ତଙ୍କୁ ଆତ୍ମବିଶ୍ୱାସ ଦେଇପାରିଛି । 'ଅପରେସନ ସିନ୍ଦୂର' ସମୟରେ ସାରା ବିଶ୍ୱ ଦେଖିଲା ଭାରତ ତାହାର ସାର୍ବଭୌମତ୍ୱର ସୁରକ୍ଷା ଲାଗି କିପରି ଦୃଢ଼ ପଦକ୍ଷେପ ନେଇପାରିଛି । ଭାରତରେ ଆତଙ୍କବାଦୀମାନେ ନିରାପତ୍ତାର ଭୂସ୍ୱର୍ଗ ଭାବି ଯେପରି କାର୍ଯ୍ୟ କରୁଥିଲେ, ସେମାନଙ୍କୁ ଠିକଣା ଜବାବ ଦିଆଯାଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ସାରା ଭାରତର ଅଧିକାଂଶ ସଚେତନ ନାଗରିକ ସଂସଦରେ ହେବାକୁ ଥିବା ଆଲୋଚନା ଦେଖିବାକୁ ଓ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ, ଜନସାଧାରଣଙ୍କ ବିଶ୍ୱାସକୁ ଭଙ୍ଗ କରି ଭାରତର କଂଗ୍ରେସ ସମେତ ଇଣ୍ଡିମେଣ୍ଟର ବିରୋଧୀ ଦଳମାନେ କିଛି ଭଲ କାମ କରିନାହାନ୍ତି । ସେମାନେ ନିଜ ନିଜର କର୍ତ୍ତବ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ।

ଲୋକସଭାରେ ଏହି 'ଅପରେସନ ସିନ୍ଦୂର' ଉପରେ ଯେଉଁ ଆଲୋଚନା ଅପରାହ୍ନରେ ହୋଇଥିଲା, ସେତେବେଳେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂ 'ଅପରେସନ ସିନ୍ଦୂର' ସପକ୍ଷରେ ବହୁତ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ । ସେ କହିଥିଲେ ଯେ ହନୁମାନ ଯେପରି ଲଙ୍କା ଯାଇ ଅସୁରମାନଙ୍କୁ ଦମନ କରିଥିଲେ, ଭାରତର ପ୍ରତିରକ୍ଷା ବାହିନୀ ସେହିପରି ଆତଙ୍କବାଦୀମାନଙ୍କୁ ଧ୍ୱଂସ କରିଥିଲେ । କାରଣ ପାକିସ୍ତାନର ଆତଙ୍କବାଦୀମାନେ ପ୍ରହଲଗାମରେ ଗତ ଏପ୍ରିଲ ୨୨ରେ ଆସି ଆମ ମାଆ ଓ ଭଉଣୀଙ୍କ ମଥାରୁ ସିନ୍ଦୂର ଲିଭାଇ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କର ଏହି 'ଅପରେସନ ସିନ୍ଦୂର' ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଛି ବୋଲି ସଂସଦରେ ସେ ଉତ୍ତର ରଖିଥିଲେ । ଆତଙ୍କବାଦୀଙ୍କୁ ଦମନ କରିବା କ୍ଷେତ୍ରରେ ଭାରତ ସଫଳ ହୋଇଥିଲେ ମଧ୍ୟ ବିରୋଧୀ ଦଳ ଏହାକୁ ସୈନ୍ୟବାହିନୀର ଦକ୍ଷତା ବୋଲି କହି ପ୍ରଶଂସା କରି ଆସୁଥିଲେ ମଧ୍ୟ ଆଜି ଲୋକସଭାରେ 'ଅପରେସନ ସିନ୍ଦୂର' ଆଲୋଚନାବେଳେ ତାହାକୁ ସଫଳ କରିବାକୁ ଉଦ୍ୟମ କରି ନଥିବା ଅତ୍ୟନ୍ତ ଦୁଃଖଦାୟକ କଥା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମର ପ୍ରକୃତ ପରିଚୟ



**ଡ. ନିରଞ୍ଜନ ସାହୁ**

କେବେ କେହି କୌଣସି ଦପ୍ତରକୁ ଗଲେ ସେଠାକାର ପିଅନ ଖଣ୍ଡିଏ କାଗଜଟୁକୁରା ବଢ଼େଇ ଦେଇ କହନ୍ତି ଆପଣ ନାଁ ଓ ପରିଚୟ ଲେଖି ଦିଅନ୍ତୁ ଆଉ ସାର୍‌ଙ୍କୁ ସେଇଟି ଦିଆଯିବ, ସେ ଚାହିଁଲେ ଆପଣଙ୍କୁ ଡାକିବେ । ଅନେକ ସରକାରୀ କିମ୍ବା କମ୍ପାନୀ ପଦସ୍ଥ ଅଧିକାରୀମାନେ ସର୍ବସାଧାରଣଙ୍କ ପାଇ ନିର୍ଦ୍ଧାରିତ କାଗଜ ଟୁକୁରାରେ ନାଁ ନ ଲେଖି ସେମାନେ ନେଇଥିବା ତାଙ୍କର ପରିଚୟ ପତ୍ର ବଢ଼େଇ ଦିଅନ୍ତି । କେତେକ ସେଥିରେ ନିଜର ନାଁ ସହିତ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଲେଖୁଥିବା ବେଳେ ଆଉ କେହି ତାଙ୍କର ପଦବୀ ବା ଅଭିଜ୍ଞତା ବିଷୟରେ ଲେଖିଥାନ୍ତି ।

ବେଳେବେଳେ ସନ୍ଦେହ ହୁଏ ସତରେ ଆମର ପରିଚୟ କ'ଣ ? ଏଇ ପରିବର୍ତ୍ତନଶୀଳ ପୃଥିବୀରେ କୌଣସି ପରିଚିତି ସ୍ଥାୟୀ ନୁହେଁ, ତେବେ ପରିଚୟକୁ ନେଇ କାହିଁକି ଏତେ ବ୍ୟଗ୍ରତା !

ଜଣେ ଯେତେବେଳେ ନିଜ ବିଷୟରେ ପରିଚୟ ଦେବାକୁ ଯାଆନ୍ତି, ସେତେବେଳେ ତାଙ୍କର ଭଲ ଗୁଣଗୁଡ଼ିକୁ ଏପରି ଦେଖାନ୍ତି – ମାଇକ୍ରୋସ୍କୋପ ତଳେ ଥିବା ଛୋଟ ଛୋଟ ଜୀବାଣୁମାନେ ଯେମିତି ବହୁଗୁଣିତ ହୋଇଯାଆନ୍ତି ଠିକ୍ ସେଇମିତି । ପ୍ରଖ୍ୟାତ ଲେଖକ ମାର୍କ ଟ୍ୱାଏନଙ୍କ ଭାଷାରେ–ପ୍ରତ୍ୟେକ ମଣିଷ ଜଣେ ଜଣେ ଚନ୍ଦ୍ରଟିଏ ପରି ଆଉ ସେମାନଙ୍କର ଗୋଟିଏ ଅନାଲୋକିତ ଅଞ୍ଚଳ ରହିଛି ଯାହା ସେ କାହାରିକୁ ଦେଖାଇବାକୁ ଚାହାନ୍ତି ନାହିଁ । ଏଇ ଦୁଇଟି ପରସ୍ପର ବିରୋଧୀ ଦିଗକୁ ଆପଣ ଯଦି ଅନୁସନ୍ଧାନପୂର୍ବକ ନିରୀକ୍ଷଣ କରିବେ, ତାହେଲେ ଅନୁଭବ କରିପାରିବେ ଯେ ପରିଚୟ ବ୍ୟାଖ୍ୟାନମାନେ ସତରେ କେତେ ପକ୍ଷପାତପୂର୍ଣ୍ଣ ବିବରଣୀ ।

ଆଜିକାଲି କ୍ଷମତାଶାଳୀ ବ୍ୟକ୍ତିମାନଙ୍କୁ ଆଉ ଆଗପରି ନିଜର ପରିଚୟ ଦେବାକୁ ପଡୁନାହିଁ । ସେମାନଙ୍କ ଦ୍ୱାରା ନିୟୋଜିତ କିମ୍ବା ପ୍ରାୟୋଜିତ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କ ଉପରେ ସେଇ ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ସେମାନେ ଶବ୍ଦ ଚାତୁରୀରେ ଏପରି ପରିଚୟ ଦିଅନ୍ତି ତାହା ଶ୍ରୋତୃମଣ୍ଡଳୀ ଭିତରେ କେତେବେଳେ ସୃଷ୍ଟି କରେ ପ୍ରେରଣା, କଦବା ଭ୍ରୁକୁଞ୍ଚନ । ଥରେ ଜଣେ ସାହିତ୍ୟିକ ଗୋଟିଏ ସଭାରେ ଯୋଗ ଦେଇଥିବା ବେଳେ ତାଙ୍କର ପରିଚୟ ପ୍ରଦାନ କରୁଥିବା ବ୍ୟକ୍ତିଜଣକ କହିପକେଇଲେ ଆମର ଅତିଥିଙ୍କ ପରି କବି କ୍ୱଚିତ ମହୀମଣ୍ଡଳରେ ଜନ୍ମନିଅନ୍ତି – ସାହିତ୍ୟିକ ଜଣକ ଜୀବନରେ କେବେ କବିତା ଲେଖିନଥିଲେ । ତାଙ୍କର ମାନସିକ ଭାରସାମ୍ୟ କିପରି ହୋଇଥିବ ଅନୁମେୟ । ଆଜିକାଲି ବହୁ ସାହିତ୍ୟ ସଭାରେ ସୁଦୃଶ୍ୟ ଫଟୋ ସମ୍ବଳିତ ମାନପତ୍ରମାନ ବହୁ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ଏକ ଧାରାରେ ପରିଣତ ହୋଇଛି । ଯଦି ଆପଣ କେବେ ନିଜେ ତାକୁ ପାଠ କରିବେ ତାହେଲେ ଲଜ୍ଜାରେ ଅବନତ ହୋଇପଡ଼ିବେ ।

ଜନ୍ମ ହେଲା ବେଳେ ଗୋଟିଏ ଶିଶୁର ପରିଚୟ କହିଲେ ବୁଝାଯାଏ କିଏ ତା'ର ପିତାମାତା–ମାତ୍ର ସେଇ ଶିଶୁଟି ବଡ଼ ହେଲେ କ୍ରମେ ତା'ର ଚରିତ୍ରର ବିକାଶ ବା ଅବକ୍ଷୟ ଘଟେ ଏବଂ କ୍ରମେ ସେ ନିଜର ଏକ ପରିଚୟ ସୃଷ୍ଟି କରେ ନିଜର ଗୁଣ ବା ଅବଗୁଣ ଯୋଗୁଁ । ପିଲାଟି ବଡ଼ ହେଲେ ଯଦି ଭଲ ପଦବୀରେ ଅଭିଷିକ୍ତ ହୁଏ କିମ୍ବା ତା'ର ବ୍ୟକ୍ତିତ୍ୱ ଯଦି ଆକର୍ଷଣୀୟ ହୁଏ କ୍ରମେ ବୁଢ଼ା ହୋଇ ଆସୁଥିବା ବାପା ମାଆ ପୁଅର ପରିଚୟରେ ପରିଚିତ ହୁଅନ୍ତି । ବିଶିଷ୍ଟ ହିନ୍ଦୀ ସାହିତ୍ୟ ଜଗତର ତାରକା ଓ କବି ଡକ୍ଟର ହରିବଂଶ ରାୟ ବଚ୍ଚନ ତାଙ୍କର ଏକ କବିତାରେ ଲେଖିଛନ୍ତି– 'ମୋର ଆଉ ନିଜର କିଛି ପରିଚୟ ନାହିଁ, ମୁଁ କାଳେ କେବଳ ଅମିତାଭର ବାପା' । ଅମିତାଭ ବଚ୍ଚନ ଲୋକପ୍ରିୟ ଅଭିନେତା ହେଲେ ବୋଲି ତାଙ୍କ ବାପାଙ୍କର ଦୁଃଖ ନ ଥାଇପାରେ । ହେଲେ ଯଦି କୌଣସି ବ୍ୟକ୍ତିଙ୍କର ପୁଅ ଝିଅ କିଛି ଅପକର୍ମ କରି ନିନ୍ଦିତ ହୁଅନ୍ତି, ସେ ପିତାମାତା କେତେ ଦୁଃଖରେ ରହୁଥିବେ, ଏହା ପୁତ୍ର କନ୍ୟାଙ୍କର ଦାୟିତ୍ୱ ନୁହେଁ କି ?

**ଥରେ ଜଣେ ସାହିତ୍ୟିକ ଗୋଟିଏ ସଭାରେ ଯୋଗ ଦେଇଥିବା ବେଳେ ତାଙ୍କର ପରିଚୟ ପ୍ରଦାନ କରୁଥିବା ବ୍ୟକ୍ତିଜଣକ କହିପକେଇଲେ ଆମର ଅତିଥିଙ୍କ ପରି କବି କ୍ୱଚିତ ମହୀମଣ୍ଡଳରେ ଜନ୍ମନିଅନ୍ତି – ସାହିତ୍ୟିକ ଜଣକ ଜୀବନରେ କେବେ କବିତା ଲେଖିନଥିଲେ । ତାଙ୍କର ମାନସିକ ଭାରସାମ୍ୟ କିପରି ହୋଇଥିବ ଅନୁମେୟ । ଆଜିକାଲି ବହୁ ସାହିତ୍ୟ ସଭାରେ ସୁଦୃଶ୍ୟ ଫଟୋ ସମ୍ବଳିତ ମାନପତ୍ରମାନ ବହୁ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ଏକ ଧାରାରେ ପରିଣତ ହୋଇଛି । ଯଦି ଆପଣ କେବେ ନିଜେ ତାକୁ ପାଠ କରିବେ ତାହେଲେ ଲଜ୍ଜାରେ ଅବନତ ହୋଇପଡ଼ିବେ ।**

**ଜଣେ ବନ୍ଧୁ ତାଙ୍କର ଦୁଃଖ ବଖାଣୁଥିଲେ ଏକ ଅନୌପଚାରିକ କଥାବାର୍ତ୍ତାରେ । ସେ ଏକଦା ଥିଲେ ଜଣେ ରାଜନେତା ମାତ୍ର ନିରହଂକାର । ଗତ କୋଡ଼ିଏ ବର୍ଷରୁ ଅଧିକ କାଳ ହେଲା କ୍ଷମତା ରାଜନୀତିଠାରୁ ଦୂରରେ ରହିଛନ୍ତି ମାତ୍ର ଜନସେବାରେ ଜଡ଼ିତ । ସେ ହୃଦ୍‌ରୋଗ ପୀଡ଼ିତ ବହୁ ଲୋକଙ୍କୁ ପୁଟ୍ଟପର୍ତ୍ତି ଠାରେ ଥିବା ସାଇବାବା ହସ୍‌ପିଟାଲକୁ ନେଇ ସେଠାରେ ବିନା ପଇସାରେ ଅସ୍ତ୍ରୋପଚାର କରାଇବାରେ ସାହାଯ୍ୟ କରନ୍ତି ।** ଥରେ ଜଣେ ନୂଆ ଡାକ୍ତର ତାଙ୍କୁ ସନ୍ଦେହ କଲେ ଜଣେ ଦଲାଲ ଭାବି– ତାଙ୍କୁ ପୋଲିସକୁ ହସ୍ତାନ୍ତର କଲେ ପୋଲିସ ତାଙ୍କୁ ପଚାରିଲେ ତାଙ୍କର ପରିଚୟ... ସେ କହିଲେ– 'ମୁଁ ଜଣେ ସାମାଜିକ କର୍ମୀ ।' ପୁଲିସ ତାଙ୍କୁ ହାଜତରେ ପୂରାଇଲେ – ତାଙ୍କର ଠିକଣା ନେଇ ଖବର ନେଲେ ଓଡ଼ିଶା ପୁଲିସଠାରୁ – ଖବର ମିଳିଲା ଯେ ସେ ଜଣେ ନିଃସ୍ୱାର୍ଥପର ସେବକ ଏବଂ ଜଣେ ପୂର୍ବତନ ବ୍ଲକ୍ ଚେୟାରମ୍ୟାନ – ଅଗତ୍ୟା ପୁଟପର୍ତ୍ତୀ ପୋଲିସ ତାଙ୍କୁ ବନ୍ଧନମୁକ୍ତ କଲେ ।

ପ୍ରଶ୍ନ ଉଠୁଛି– କ'ଣ ଜଣେ ସାଧାରଣ ସେବକର ପରିଚୟ ? ସମାଜରେ ଅନେକ କର୍ମୀ ଅଛନ୍ତି ଯେଉଁମାନେ ଭଲ କାମ ବି କରନ୍ତି – ମାତ୍ର ବହୁ ଭାଗ ସ୍ୱାର୍ଥକୈନ୍ଦ୍ରିକ ଓ କ୍ଷମତାକୈନ୍ଦ୍ରିକ ହୋଇଥିବାରୁ ଲୋକଙ୍କର ଦୃଷ୍ଟିକୋଣ ତାଙ୍କ ପ୍ରତି ଅଲଗା । ସେବାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାମ ସତରେ କିଛି ନାହିଁ–ମାତ୍ର ସେବକ ଜଣେ ଅବହେଳିତ ଚରିତ୍ର–ସମାଜସେବୀ କିମ୍ବା ସାହିତ୍ୟ ସେବା କହିଲେ ଲୋକେ ଭିତରେ ଭିତରେ ନାକ ଟେକନ୍ତି–ମାତ୍ର ସମାଜର ପରିବର୍ତ୍ତନ ତାଙ୍କ ଛଡ଼ା ଆଉ କେତେଜଣଙ୍କ ଦ୍ୱାରା ବା ହୁଏ?

ସମାଜର କିଛି ବିଶିଷ୍ଟ ଲୋକଙ୍କୁ ତାଙ୍କର ଯୋଗଦାନ ପାଇଁ ଶାସକମାନେ ବିଭିନ୍ନ ପଦବୀ ଅଜାଡ଼ି ଦିଅନ୍ତି – ବ୍ରିଟିଶ ଶାସନ କାଳରେ କିଛି ଲୋକଙ୍କୁ ରାୟବାହାଦୁର, ରାୟ ସାହେବ କିମ୍ବା ନାଇଟ୍ (ସାର୍) ଉପାଧି ଦିଆଯାଉଥିଲା । ଆଜିକାଲି ସେଇ ସ୍ଥାନ ନେଇଛି ପଦ୍ମଶ୍ରୀ ବା ପଦ୍ମଭୂଷଣ ପରି ମାନ୍ୟତା ।

ସେଇ ଏକା ଲୋକ ଥରେ ପଦ୍ମଶ୍ରୀ ଯୋଡ଼ିଗଲେ ସମାଜରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଅନ୍ତି ମାତ୍ର ସେଇ ପଦବୀ ପାଇବା ପୂର୍ବରୁ ତାଙ୍କର ଯେଉଁ ସାଧନା ଓ ସଂଗ୍ରାମ ତାହା କେତେ ଯନ୍ତ୍ରଣାପୂର୍ଣ୍ଣ ସେକଥା ସେତେବେଳେ ଅନ୍ୟ କେହି ଜାଣି ନ ଥାନ୍ତି । ତା'ର ଅର୍ଥ ବୋଧହୁଏ ଏଇଆ ଜଣେ ଲୋକଙ୍କର ନିଜସ୍ୱ ପରିଚୟ ସୃଷ୍ଟି ହେଲେ ସେ ବିଜ୍ଞାପିତ ହୋଇଯାନ୍ତି–ତାଙ୍କୁ ସଭାସମିତିରେ ମୁଖ୍ୟ ଅତିଥିର ଆସିନ ମିଳେ, ଖବରକାଗଜ ତାଙ୍କର ଜୟଗାନରେ ଶତମୁଖ ହୋଇ ପଡ଼ନ୍ତି, ମାତ୍ର ସେମାନଙ୍କ ସଂଗ୍ରାମ ଆଉ ସଂଘର୍ଷର ଦିନରେ ସେମାନେ ଥାଆନ୍ତି ଉପେକ୍ଷିତ ଓ ଅଜ୍ଞାତ ।

ବାସ୍ତବରେ ପରିଚୟ ସୃଷ୍ଟି କେବେ ହୁଏନାହିଁ କାହାଙ୍କର ଡିଗ୍ରୀ ବା ଉପାଧିରୁ କିମ୍ବା କିଏ କ'ଣ ପଦବୀ ହାସଲ କରିଛନ୍ତି– ପରନ୍ତୁ ଜଣକ ପ୍ରକୃତ ପରିଚୟ ହେଉଛି ତାଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱ । ଯାହା ତାଙ୍କୁ ସମସ୍ତ ବିପଦ ଓ ଅବଜ୍ଞା ସତ୍ତ୍ୱେ ନିଜ କାମରେ ଆଗେଇ ଯିବାକୁ ପ୍ରେରଣା ଯୋଗାଏ– ସେଇ ସଂକଳ୍ପ ଯାହା ବାରମ୍ବାର ପରାଜିତ ହେବା ସତ୍ତ୍ୱେ ବି ପରାଜୟ ସ୍ୱୀକାର ନ କରିବାକୁ ପ୍ରବର୍ତ୍ତାଏ ।

**ଆଜିକାଲିର ଦୁନିଆଁରେ ମିଛ ପରିଚୟ ଦେଇ ବହୁଲୋକ ଅନ୍ୟକୁ ଠକୁଛନ୍ତି । ସେମାନଙ୍କର ଠାଣି, ତାଙ୍କର ଚଳଣିରୁ ଫୁଟି ଉଠୁଥାଏ ଗୋଟେ ରକମର ସଂଭ୍ରାନ୍ତ୍ୟ ଯେ ଅନେକ ତାଙ୍କୁ ସନ୍ଦେହ କରନ୍ତି ନାହିଁ ଏବଂ ଶେଷରେ ତାଙ୍କ କବଳରେ ପଡ଼ନ୍ତି । କିଏ ପୋଲିସ ପୋଷାକ ପିନ୍ଧି ନିଜକୁ ପୋଲିସ ଅଧିକାରୀ ଭାବରେ ପରିଚିତ କରାଏ କିଏ ଉଚ୍ଚ ଅଧିକାରୀଙ୍କ ଖାସ୍ ଲୋକ ଭାବରେ ଦେଖେଇ ହୁଏ** – ସାଦାସିଧା ଲୋକେ ଶିକାର ହୁଅନ୍ତି ଛଳନାର– ଯେ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କର ଏକ ଅନୁଭୂତି ବେଶ ମନଛୁଆଁ । ଅଧ୍ୟାପନାରୁ ରାଜନୀତିକୁ ଆସିଥିଲେ ବି ପୂର୍ବତନ ଛାତ୍ରମାନଙ୍କୁ ସବୁବେଳେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲେ ଶ୍ରୀଯୁକ୍ତ ବେହେରା । ଛାତ୍ର ଶିକ୍ଷକର ସମ୍ପର୍କ କେତେ ପବିତ୍ର ଆପଣ ଭାବି ପାରୁଥିବେ– ନିଜକୁ ତାଙ୍କର ପୂର୍ବତନ ଛାତ୍ର ଭାବରେ ପରିଚିତ କରେଇ ମନ୍ତ୍ରୀଙ୍କ ଠାରୁ ବହୁ ସୁବିଧା ହାସଲ କଲେ କେତେଜଣ । ବାରମ୍ବାର ସେମାନେ ଆସିବାରୁ ତାଙ୍କର ସନ୍ଦେହ ହେଲା– ସେ ସେଇ ତଥାକଥିତ ପୂର୍ବତନ ଛାତ୍ରଙ୍କ ବିଷୟରେ ଅନୁସନ୍ଧାନ କରିବାକୁ ନିଜର ବ୍ୟକ୍ତିଗତ ସଚିବଙ୍କୁ ଦାୟିତ୍ୱ ଦେଲେ ମନ୍ତ୍ରୀ ମହୋଦୟ – ଅନୁସନ୍ଧାନରୁ ଜଣାଗଲା ସେମାନେ କେବେବି ମନ୍ତ୍ରୀଙ୍କର ଛାତ୍ର ନ ଥିଲେ । ଯଦି ପୁରାତନ କଥାକୁ ବାରମ୍ବାର ମନେପକେଇ କିମ୍ବା ତୃତୀୟ ପକ୍ଷଙ୍କ ସ୍ମୃତି ଜାଗ୍ରତ କରାଇ କେହି ଆପଣଙ୍କ ଠାରୁ ଅନୁଚିତ ସୁବିଧା ହାସଲ କରିବାକୁ ଚାହୁଁଛନ୍ତି ତାଙ୍କ ପ୍ରତି ସତର୍କ ରହିବା ନିମନ୍ତେ ଦରକାର । ତାଙ୍କ ସହିତ ପରିଚୟ ପର୍ବକୁ କୌଶଳରେ ସମାପ୍ତ କରିବା ବୁଦ୍ଧିମାନର କାର୍ଯ୍ୟ ।

**ମୋ– ୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ କଥାଶିଳ୍ପୀ)**

# ଚିତ୍ରକଳା ଓ ଜନଜାତିଙ୍କ କଳାକୃତି



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ । ପ୍ରାଗୈତିହାସିକ ଯୁଗରୁ ଅଲତାମୀରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲସକସ୍ ଗହ୍ୱର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ । ଏଥିରୁ ପ୍ରମାଣିତ ହୁଏ ଯେ ଗହ୍ୱର ମଧ୍ୟସ୍ଥିତ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି ।

ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସମିଶ୍ରଣରେ ଯେଉଁ ଉନ୍ନତ ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ । ଭାରତୀୟ ଚିତ୍ରକଳାରେ ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ଗୁଣାତ୍ମକ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା । କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହା ସୂଚନା ମିଳେ । ପ୍ରାଗୈତିହାସିକ ଯୁଗର କେତେକ ରେଖା ଚିତ୍ରର ସନ୍ଧାନ ଭାରତରେ ମିଳିଛି । ଏଥିରେ ଆଦିମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିକୁ ଆସେ । ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପୀ ଭାରତରେ ପ୍ରଚଳିତ ହୋଇ ଏକ ଉଚ୍ଚମାନର କଳା ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି ।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁଦୂର ପ୍ରସାରୀ । ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ । ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନା ଦିଏ । ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାର ମାଣିକଯୋଡ଼ା, ଉଷାକୋଠି, କଳାହାଣ୍ଡି ଜିଲ୍ଲାର ଉଲ୍ଲାପଗଡ଼ ଓ ବିକ୍ରମ ଖୋଲ ଅନ୍ୟତମ । ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ । ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ସୂଚନା ଦେଇଥାଏ ।

ହିନ୍ଦୁଧର୍ମର ଆରାଧ୍ୟ ଦେବତା ବିଶ୍ୱବିଖ୍ୟାତ ପ୍ରଭୁ ଜଗନ୍ନାଥଙ୍କ ପ୍ରତୀକ ଆଦିବାସୀ ସଂସ୍କୃତିର ମୂଳ ପିଣ୍ଡ ବୋଲି ପୃଥିବୀର ଅନେକ କଳା ଐତିହାସିକ ଏବଂ ଚିନ୍ତାଶୀଳ ସାଂସ୍କୃତିକ ବ୍ୟକ୍ତିଗଣ ସ୍ୱୀକାର କରିଛନ୍ତି । ଶିଳ୍ପୀଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟ୍ଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟ୍ଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଶିଳ୍ପୀ ଓ ଭାସ୍କରମାନେ ଏହି ମହାନ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି । ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଜୀବନରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି ।

ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ମଧ୍ୟ ପୂଜିତ । ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ଶତ ଶତବର୍ଷ ଧରି ପ୍ରଚଳିତ ହୋଇ ଆସୁଛି । ଚିତ୍ରକଳା ମାଧ୍ୟମରେ କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ପାଇଁ ସେମାନେ ବିଶେଷ ଆଗ୍ରହ ଦେଖାଇଥାନ୍ତି । ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମଜୀଙ୍କର ବେଜ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି । ଠିକ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ଶସ୍ୟ ଅମଳର ନୃତ୍ୟ' ଚିତ୍ରଟି ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ 'ନବ ବସନ୍ତ' ଜଳରଙ୍ଗର ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତ ଯୌବନା ପସ୍ଫୁଟିତ ପୁଷ୍ପକୁ ନିଜ ଗଭାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ । ଦୂରେ ଶାଳବଣ, ବୃକ୍ଷଲତା ଅନ୍ତରାଳରେ ଉଦୟ ହୋଇଥିବା ସୂର୍ଯ୍ୟରଶ୍ମୀ ସତେ ଯେପରି ଦେହରେ ବିଛାଡ଼ି ହୋଇ ଏକ ଜୀବନ୍ତ ଚିତ୍ର ଉଭା ହୋଇଛି । ଠିକ୍ ସେହିପରି ସ୍ୱର୍ଗତ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଦୁଇ ରୂପ ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜ୍ଜି ଯାଇଛନ୍ତି । ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକରମାନେ ସେମାନଙ୍କ ନିହାଣ ମୁନ ଓ ତୁଳା ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି ।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡକ୍ଟର ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଅନେକ ସାଙ୍କେତିକ ଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କଲକାତା ଏକାଡ଼େମୀ ଅଫ ଫାଇନ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡ଼େମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଦର୍ଶିତ ହୋଇଛି । ସେହିପରି ଗ୍ରାଫିକ ପ୍ରିସ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରାଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି । ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

ସୁଇଜରଲ୍ୟାଣ୍ଡର ଡକ୍ଟର ଏବାର ହାଡ଼ ଫିସର ଓ ଡକ୍ଟର ଦୀନନାଥ ପାଠୀଙ୍କ ମିଳିତ ଉଦ୍ୟମରେ ଉଚ୍ଚକୋଟୀର ଐତିହାସିକ ଗବେଷଣା ବିବରଣୀ ସହ ରଙ୍ଗୀନ ପୁସ୍ତକ ପ୍ରକାଶ ପାଇଛି । ବିଶିଷ୍ଟ କବି ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ ଆଦିବାସୀମାନଙ୍କ ଉପରେ କବିତା ଓ ବିଶିଷ୍ଟ ଚିନ୍ତାଶୀଳ ସମାଜସେବା 'ଦି ୟୁନିଭର୍ସ'ର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗୀୟ ଗିରିଜା ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ଆଦିବାସୀ ସଂସ୍କୃତିରେ ସାହିତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା ଉପରେ ପୃଥିବୀର ବିଶିଷ୍ଟ ଲେଖକଙ୍କ ସନ୍ନିବେଶିତ ଏକ ଗ୍ରନ୍ଥ ଅମୂଲ୍ୟ ସମ୍ପଦ ହୋଇ ରହିବ ।

ସେହିପରି ଭୁବନେଶ୍ୱରଠାରେ ୱାର୍କିଂ ଆଟିଷ୍ଟସ୍ ଏସୋସିଏସନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ଅନୁଷ୍ଠିତ ହୋଇଥାଏ । ଜନଜାତି ଜୀବନର ଏହି ଅମୃତମୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନମୁଗ୍ଧ କଳାକୃତି ଯୁଗେ ଯୁଗେ ସ୍ମରଣୀୟ ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ମୋ–୯୪୩୭୨୪୨୩୧୭**

## ସମ୍ପାଦକଙ୍କୁ ପତ୍ର

### ସମ୍ପାଦକୀୟ ବେଶ୍ ଉପାଦେୟ

ମହାଶୟ,
ମୁଁ ଆପଣଙ୍କ ସଂପାଦକୀୟ ରୀତିମତ ପାଠ କରିଆସୁଛି । ଆପଣଙ୍କ ସଂପାଦକୀୟଗୁଡ଼ିକ ବେଶ୍ ଉପାଦେୟ । ବାଲେଶ୍ୱର ପରି ଏକ ସଂସ୍କୃତିପୂର୍ଣ୍ଣ ସହରରେ ଘଟୁଥିବା ଘଟଣାବଳୀକୁ ନେଇ ଆପଣ ଦୁଃଖର ସହ କ୍ଷୋଭ ପ୍ରକାଶ କରିଛନ୍ତି ।

ଆମ ସମାଜ ଧୀରେ ଧୀରେ ନୈତିକତା ର ଆଧାରକୁ ବର୍ଜନ କରି ପଶ୍ଚିମୀ ଚିନ୍ତା ଧାରା, ବେଶଭୂଷା, ଆଚାର ବ୍ୟବହାର, ବିବାହ ନିଷ୍ପତ୍ତି ଓ ଷ୍ଟାଇଲ,ଏପରିକି ଖାଦ୍ୟ ଓ ପାନୀୟକୁ ଗ୍ରହଣ କରିବାକୁ ପସନ୍ଦ କରୁଛି ।

ଆମର ଜୀବନ ଶୈଳୀରେ ଆଧୁନିକତା ଅନେକ ପରିବର୍ତ୍ତନ ଆଣିବାର ପ୍ରୟାସ କରିଛି ।

ଆମର ପରବର୍ତ୍ତୀ ଜେନେରେସନ ଆଧୁନିକତା ଦ୍ୱାରା କିଛିମାତ୍ରାରେ ପ୍ରଭାବିତ ହୋଇ ଥିଲା । କିନ୍ତୁ ସଂପ୍ରତି ସମାଜ ଉଗ୍ର ଆଧୁନିକତାକୁ ଆପଣାଇ ନେବା ଦ୍ୱାରା ଏ ସବୁ ଅବକ୍ଷୟ ଦେଖିବାକୁ ମିଳୁଛି । ଶିକ୍ଷିତ ଓ ସଚେତନ ଲୋକେ ଏ ବିଷୟକୁ ଗୁରୁତର ଭାବେ ଚିନ୍ତା କରି କି ପ୍ରତିକାର କରିବେ, ସେ ବିଷୟରେ ବିଚାର ବିମର୍ଷ କରନ୍ତୁ । ଶେଷରେ ଲେଖୁଛି ମହାପ୍ରଭୁ ସଂସାରକୁ ରକ୍ଷା କରନ୍ତୁ ।

**ମାନସ ଦାସ,କଟକ**

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । (ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସଦରେ...

ପ୍ରତିନିଧିତ୍ୱ କରୁନାହାଁନ୍ତି । ପ୍ରଶ୍ନ ହେବା ଦରକାର ଭାରତ ଆତଙ୍କବାଦୀ ଠିକଣା ନଷ୍ଟ କରିଛି କି ? ଏହାର ପ୍ରଶ୍ନ ହେବ କି ? ଅପରେସନ୍ ସିନ୍ଦୁର ସଫଳ କି ନାହିଁ ତାହା ପ୍ରଶ୍ନ ହେବା ଉଚିତ୍ । ଯେ କୌଣସି ପରୀକ୍ଷାର ଫଳାଫଳ ଗୁରୁତ୍ୱପୂର୍ଣ୍ଣ । ପିଲା ପରୀକ୍ଷାରେ ଭଲ ନମ୍ବର ପାଇଛି ତେବେ ତାଙ୍କ ନମ୍ବର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ୍ । କେତେ ପେନ୍ସିଲ ଭାଙ୍ଗିଲା, କଲମ ହଜିଗଲା ତାହା ଚିନ୍ତା କରିବା ଆବଶ୍ୟକ ନୁହେଁ । ଅପରେସନ୍ ସିନ୍ଦୁର ସମୟରେ ଆମ ବାହିନୀ ଦ୍ୱାରା ଲକ୍ଷ୍ୟଭେଦ କରାଯାଇଥିବା ୨୨ ମିନିଟ୍ରେ ୯ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା । ପାକିସ୍ତାନ ଏହାର ଜବାବରେ ଶହ ଶହ ଡ୍ରୋନ୍ ଆକ୍ରମଣ କରିଥିଲା । ଏହାର ଜବାବ ଦେଇ ଭାରତ ପାକିସ୍ତାନର ନୂରଖାନ୍ ଏୟାରବେସ୍ ସମେତ ୧୧ ପ୍ରମୁଖ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା । ଭାରତର କ୍ଷତି ସହିବାରୁ ପାକିସ୍ତାନ ଯୁଦ୍ଧ ବିରତି ପାଇଁ ଆଗେଇ ଆସିଥିଲା । ମେ ୧୦ରେ ଭାରତୀୟ ବାୟୁସେନା ପାକିସ୍ତାନର ଏକାଧିକ ଏୟାରଫିଲ୍ଡକୁ ଟାର୍ଗେଟ କରିଥିଲା । ପାକିସ୍ତାନ ହାର ମାନିବା ପରେ ଉତ୍ତେଜନା ହ୍ରାସ ପାଇଁ ପ୍ରସ୍ତାବ ଦେଇଥିଲା । ସେମାନେ ଡିଜିଏମ୍ଓଙ୍କ ସହ କଥା ହେଲେ ଓ ଯୁଦ୍ଧ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହି ପ୍ରସ୍ତାବକୁ ଆମେ ଗ୍ରହଣ କରିଥିଲୁ । ଯଦି ଆଉ ଦୁଃସାହସ ଦେଖାଇବେ ତାହାର ଫଳ ଭୋଗିବ ବୋଲି ଶ୍ରୀ ସିଂହ କହିଥିଲେ ।

ବିରୋଧୀଙ୍କ ପକ୍ଷରୁ ପକ୍ଷ ରଖି କଂଗ୍ରେସ ସାଂସଦ ଶ୍ରୀ ଗୋଗୋଇ କହିଥିଲେ ଯେ ପହଲଗାମ୍କୁ ଆତଙ୍କବାଦୀ ଆସିଲେ କୁଆଡୁ ତାହା ଉଲ୍ଲେଖ କଲେନାହିଁ । ସିଡିଏସ୍ ଅନିଲ ଚୌହାନ ଏକ ସାକ୍ଷାତକାରରେ କହିଥିଲେ ଯେ ପ୍ରାରମ୍ଭିକ ଭାବେ ଭାରତର କ୍ଷତି ହୋଇଥିଲା । ଯଦି ସରକାର ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛନ୍ତି ତେବେ ସରକାର ପହଲଗାମ୍ ଆକ୍ରମଣର ୧୦୦ ଦିନ ପରେ ବି ସମସ୍ତ ଆତଙ୍କବାଦୀଙ୍କୁ କାହିଁକି ଧରିପାରିଲେ ନାହିଁ ? ଆମେ ଜାଣିବାକୁ ଚାହୁଁଛୁ ଯେ ଆମର କେତେ ଫାଇଟର ଜେଟ୍ ଖସିଛି । ଏହା ଲୋକଙ୍କୁ ନୁହେଁ, ଆମ ଯବାନଙ୍କୁ ମଧ୍ୟ ଜଣାଇବା ଆବଶ୍ୟକ । ପହଲଗାମ୍ ଆକ୍ରମଣରେ ଯେଉଁ ସୁରକ୍ଷା ତ୍ରୁଟି ହେଲା ତାହାର ଉତ୍ତରଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଅନ୍ତୁ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୨୬ ଥର କହିଛନ୍ତି ଯେ ସେ ବାଣିଜ୍ୟ ଚାପ ପକାଇ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କଲେ । ପ୍ରଧାନମନ୍ତ୍ରୀ ଉରୀ ପୋଷ୍ଟ ଓ ପୁଲୱାମା ଆକ୍ରମଣ ପରେ [illegible] । ଏବେ ବେଳେ ମହତ୍ୱ ଦିଅନ୍ତୁ । ଅପରେସନ୍ ସିନ୍ଦୁର ଅସମ୍ପୂର୍ଣ୍ଣ ରହିଛି ବୋଲି କୁହାଯାଉଛି । ତେଣୁ ଏହା ସଫଳ କିଭଳି ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି ।

## କମୁଛି...

ଅନୁକୂଳ ହେଲେ ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରାୟ ସବୁ ନଦୀରେ ଜଳସ୍ତର କମିଛି । ତଳିଆ ଅଞ୍ଚଳରୁ ପାଣି ଛାଡିବା ପାଇଁ ସମୟ ଲାଗିବ । ସେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ରହିଛନ୍ତି, ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ରବିବାର ସୁବର୍ଣ୍ଣରେଖା ରାଜଘାଟ ଠାରେ ବନ୍ୟା ଜଳ ବୃଦ୍ଧିପାଇ ବିପଦ ସଙ୍କେତ ୧୦.୩୬ ମିଟର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ୧୧.୨୫ ମିଟର ରେ ସ୍ଥିର ରହିବା ପରେ ୧୨ଟା ପରେ ବନ୍ୟା ଜଳ ଧୀରେ ହ୍ରାସ ପାଇ ସକାଳ ସୁଦ୍ଧା [illegible] ସୂଚନା ୯.୪୫ ମିଟର ତଳେ ପ୍ରବାହିତ ହେଉଛି । ଝାଡ଼ଖଣ୍ଡରେ ଥିବା ଗାଲୁ ଜଳାଧାର ସମସ୍ତ ଗେଟ ବନ୍ଦ ଯୋଗୁଁ ରାଜଘାଟରେ ଜଳସ୍ତର ହ୍ରାସ ପାଉଛି । ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାଜଳ ବୃଦ୍ଧି ପାଇ ଗ୍ରାମ ସ୍ଥିତି ବିଗିଡ଼ିଛି । ଭୋଗରାଇ ବ୍ଲକ ଅନ୍ତର୍ଗତ ନଦୀକୂଳିଆ ଗାଁ ମନୁନଗର, ଖଇରାବାଡିଆ, କୁଦ୍ଧା ବାଉଁଶ ଖଣ୍ଡା, କୁମ୍ଭାରଗ ଗଡଗାଁ, ନାନକାର, ଠାକୁର ଭଉଁରା, ପଟ୍ଟେଇ,ଚିରକୁଲା, ନାଳପୁରା, କୁଣ୍ଡଡା, ଗୁଜଡ଼ିହା, ନାଛିଡା, ବାରବାଟିଆ, ବଡ଼ଖା, ପୁରୁଷୋତ୍ତମପୁର, ରାମଚେଇଚକ, ପୁଟିଣା, ଦକ୍ଷିଣ ନାବଦଣ୍ଡ, ଚକ ପାରୁଳିଆ, କଟସାହି, ଦାଡ଼ରା, ରାମଚନ୍ଦ୍ରପୁର, ମଧୁପୁର, କୁଳିଡା, ମାହାଦିଆ, ଉପୁଲା ପ୍ରଭୃତି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗାର ସାହାରା ନେବାକୁ ପଡୁଛି ।

ସେହିଭଳି ଆଶ୍ରମଳେମନି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ବୋଡକ ନିକଟରେ ବୈତରଣୀ ନଦୀକୂଳ ଖାଇବାରୁ ୬ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିଲା । ସୋମବାର ପାଣି କମିବାରୁ ଯାତାୟାତ ଧୀରେ ଧୀରେ ସ୍ୱାଭାବିକ ହେଉଛି । ହେଲେ ୨୦ନମ୍ବର ଜାତୀୟ ରାଜପଥର ମୁଆଁ ଘୋଷରା ଠାରେ ବନ୍ୟାପାଣି ପ୍ରବାହିତ ଯୋଗୁ ଧାନଖଣିଆ-ଆରଡି ରାସ୍ତାର ସତସଙ୍ଗ କେନ୍ଦ୍ର ଠାରେ ବନ୍ୟାପାଣି ୨ରୁ ୩ଫୁଟ ଉଚ୍ଚରେ ପ୍ରବାହିତ ହେଉଛି । ଏପରିକି ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ସେହିପରି ବୈତରଣୀ ଆରଡି ପୀଠ ଠାରେ ସାଳନ୍ଦୀ ନଦୀରେ ମିଶିଥିବାରୁ ଉଭୟ ନଦୀ ଉଚ୍ଛୁଳା ରହିବା ସହ ଅନେକ ତଳିଆ ଅଞ୍ଚଳ ବନ୍ୟା ଘେରରେ ରହିଥିବା ବେଳେ ନଦୀକୂଳ ଦୋହରା ଓ ବୋଡକ କିଛି ସାହିରେ ବନ୍ୟାପାଣି ପଶିଛି । ଏପଟେ ରାଜ୍ୟ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସହ ଏକ ୪ଜଣିଆ ଟିମ୍ ବୈତରଣୀ ନଦୀର ଷାଠିଏବାଙ୍କୁଡା ଓ ବୋଡକ ଆଦି ସ୍ଥାନ ବୁଲି ଦେଖିଛନ୍ତି ।

ସୁବର୍ଣ୍ଣରେଖାର ଉଭୟପାଶ୍ୱର୍ରେ ଥିବା ଶତାଧିକ ପାଣି ନିଷ୍କାସନ ସ୍ଲୁଇସ ଗେଟ ଦୁର୍ବଳ ରହିଥିବାର ସେଚ ବିଭାଗ ପକ୍ଷରୁ ସୂଚନା ମିଳିଛି । ବନ୍ୟା ମୁକାବିଲା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସଆରସି ମନୀଷ ଅଗ୍ରୱାଲ ଉପଜିଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ, ସୁଧାକର ନାୟକ, ହେମନ୍ତ ସିଂ ସହ ୪ ବ୍ଲକର ବିଡ଼ିଓ, ତହସିଲଦାର ଓ ସେଚ ବିଭାଗର ଅଧିକାରୀମାନେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଡେରା ପକାଇ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦେଉଛନ୍ତି । ବିପନ୍ନଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ ଯୋଗାଇ ଦେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିପନ୍ନମାନଙ୍କୁ ଉଦ୍ଧାର ପାଇଁ ସ୍ପିଡି ବୋଟ ଯୋଗାଇ ଦିଆଯାଇଛି । ବନ୍ୟା ଘେରରେ ଥିବା ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଯୋଗାଣାଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟର ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସତର୍କ କରାଇଛନ୍ତି । ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟା ଘେରରେ ଥିବା ବିପନ୍ନଙ୍କ ଅବସ୍ଥା ପଚାରି ବୁଝି ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ରାଜ୍ୟ ସରକାର ଓ ପ୍ରଶାସନ ଠାରେ ଦାବି ରଖିଛନ୍ତି । ଅଦ୍ୟାବଧି ୫୦ ହଜାର ୫ ଶହ ଗ୍ରାମ ବିଶୁଦ୍ଧ ପାନୀୟ ଜଳ ବୋତଲ ସହ ୪ଟି ଭ୍ରାମ୍ୟମାଣ ଜଳ ଟାଙ୍କି ବନ୍ୟାଞ୍ଚଳରେ ବଣ୍ଟନ ହେଉଥିବାର ସହକାରୀ ଯନ୍ତ୍ରୀ ହରପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି ।

## ୯୧% ଅଭିଯୋଗର...

ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୯ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ।

ଆଜି ସକାଳଠାରୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ ଲାଗିରହିଥିଲା । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି, ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା । ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି । ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି । ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୩ ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୧ ପ୍ରତିଶତ ଅଟେ । ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ମା' କୋଳକୁ...

ବଲାଙ୍ଗିର ଜିଲ୍ଲା ଟିଟଲାଗଡ ବ୍ଲକ୍ ଅନ୍ତଗତ ଭାଲେଗାଁ ପଞ୍ଚାୟତର ବାଗଡ଼େର ଗାଁର ନୀଳ ରଣାଙ୍କ ପୂର୍ବରୁ ୩ ଟି ଝିଅ ଅଛନ୍ତି । ଚତୁର୍ଥ ସନ୍ତାନଟି ପୁଣି ଝିଅ ହେବା ସହ ତା'ଭରଣପୋଷଣ କରିବା କଷ୍ଟକର ହୋଇପଡ଼ିଛି । ତେଣୁ ଶିଶୁକନ୍ୟାଟିକୁ ବିକ୍ରି କରିଦେଇଥିବା ସ୍ୱୀକାର କରିଛନ୍ତି ବାପା ମା' । ବଲାଙ୍ଗିର ଜିଲ୍ଲା ଟିଟଲାଗଡ ବ୍ଲକ୍ ଅନ୍ତଗତ ଭାଲେଗାଁ ପଞ୍ଚାୟତର ବାଗଡେର୍ ଗାଁର ନଳ ରଣା ଏବଂ ତାଙ୍କ ସ୍ତ୍ରୀ କନକ ଗତ ମାସ ୨୦ ତାରିଖରେ ତାଙ୍କ ଘରେ ଏକ ଶିଶୁ କନ୍ୟା ଜନ୍ମ ନେଇଥିଲା । ସେମାନେ ଉଭୟ କନ୍ୟା ଶିଶୁର ପାଳନ ପୋଷଣ କରିପାରୁନଥିଲେ । ଫଳରେ ଜୁଲାଇ ୨୭ ତାରିଖ ରବିବାର ଦିନ ସାତ ଦିନର ନବଜାତ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ରଣା ପରିବାର ପାଖରେ ରହିବା ପାଇଁ ଭଲ ଘର ନାହିଁ । ଝାଟିମାଟି ଘରେ ଦୁଇଓଳି ଦିମୁଠା ଦାନା ପାଇଁ ସଂଘର୍ଷ କରୁଛି ଏହି ରଣା ପରିବାର । ଏଭଳି ସ୍ଥିତିରେ ଥିବା ପରିବାରର ନାଁ ରାସନକାର୍ଡ ତାଲିକାରୁ ବି କଟିଯାଇଛି । ଗରିବଙ୍କ ପାଇଁ ମାଳମାଳ ଯୋଜନା ହେଉଛି । ହେଲେ ଏଠି ମାତ୍ର ୨୦ ହଜାର ଟଙ୍କାରେ ଶିଶୁବିକ୍ରି ହେଉଛି । ଏହାଠୁ ଲଜ୍ଜାଜନକ ଘଟଣା ଆଉ କ'ଣ ହୋଇପାରେ । ନଳ ଓ ତାଙ୍କ ସ୍ତ୍ରୀ ପ୍ରତି ବର୍ଷ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି । ପ୍ରଶାସନ ବିଗତ ୮ ମାସ ହେଲା ତାଙ୍କ ରାସନ୍ କାର୍ଡ ଥିବା ସତ୍ତ୍ୱେ ଚାଉଳ ଦେଉନଥିଲେ । ସେମାନେ ରହୁଥିବା ଘରର ଅବସ୍ଥା ଅତି ସଙ୍ଗୀନ ଥିବା ବେଳେ ତାଙ୍କୁ ଖଣ୍ଡେ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିନାହିଁ । ଏପରିକି ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଯୋଜନାରେ ସାମିଲ ନାହାନ୍ତି । ସେମାନଙ୍କୁ ରାସନ୍ କାର୍ଡ ଯାଞ୍ଚ କରିବାକୁ କେହି ନ ଆସିବାରୁ ସେମାନେ ନିରୁତ୍ତର ରହିବା ସହ ପରେ ଭାଲେଗାଁ ପଞ୍ଚାୟତ ଜିଆରଏସ ପାଖରେ ଥିବା କହିଥିଲେ । ରବିବାର ରାତିରେ ପ୍ରଶାସନ ପକ୍ଷରୁ ତାଙ୍କୁ ମାତ୍ର ୨୫କେଜି ଚାଉଳ ଦେଇ ଯାଇଥିବା ସେମାନେ କହିଥିଲେ । କେବଳ ରଣା ପରିବାର ନୁହେଁ ବରଂ ସେହି ଗାଁରେ ଅନ୍ୟମାନଙ୍କୁ ମଧ୍ୟ ଆବାସ ଯୋଜନାରେ ଘର , ଖାଦ୍ୟ ସୁରକ୍ଷା ଆଇନରେ ରାସନ୍ କାର୍ଡ ମିଳିନଥିବା ସେମାନେ ଅଭିଯୋଗ କହିଛନ୍ତି । ରାଜ୍ୟର ୩୦ଟି ଦାଦନ୍ ପ୍ରବଣ ବ୍ଲକ ମାନଙ୍କ ମଧ୍ୟରେ ଟିଟଲାଗଡ ବ୍ଲକ୍ ମଧ୍ୟ ରହିଛି । ଏଥିସହ ଟିଟିଲାଗଡ ଉପଖଣ୍ଡରେ ଅନାହାର ମୃତ୍ୟୁ ଓ ଛୁଆବିକ୍ରି ଅଭିଯୋଗ ହେଉଛି । ବିଗତ ୨୦୦୨ ମସିହାରେ ବିଜେଡି ବିଜେପି ମେଣ୍ଟ ସରକାର ଥିବା ସମୟରେ ବଡ଼ଗମଡ଼ା ଗାଁରେ ପ୍ରେମଶିଳା ଭୋଇଙ୍କ ଅନାହାର ମୃତ୍ୟୁ ହୋଇଥିଲା । ତାଙ୍କ ଦୁଇଟି ଛୁଆ ଜେମା ଆଉ ପ୍ୟାରୀଙ୍କୁ ଗୋଟିଏ ଏନଜିଓ ଫରିଦାବାଦକୁ ନେଇକି ଯାଇଥିବା ବେଳେ ଏପର୍ଯ୍ୟନ୍ତ ଫେରିନାହାନ୍ତି ।

## ବିଷ୍ଣୁପଦ...

ବିରୋଧିରେ ରୁଜୁ ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ସହ ତଦନ୍ତକୁ ବନ୍ଦ କରିବା ଲାଗି ଶ୍ରୀ ସେଠୀ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଗତ ଜୁନ୍ ୨୦ ତାରିଖରେ ଏହି ଆବେଦନକୁ ଖାରଜ କରି ଦେଇଥିଲେ । ଏହି ଆବେଦନ ଖାରଜ ହୋଇଯିବା ଫଳରେ ଶ୍ରୀ ସେଠୀଙ୍କ ଗିରଫଦରାରୀ ଆଶଙ୍କା ବଢ଼ିଯାଇଥିଲା । ଫଳରେ ଆବେଦନକାରୀ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ମଧ୍ୟ ଶ୍ରୀ ସେଠୀଙ୍କୁ ଅଦାଲତରୁ ନିରାଶ ହେବାକୁ ପଡ଼ିଛି । ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ ।

## ୟୁପି...

ଏହା ଉପରେ ରୋକ୍ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯିବା ଉଚିତ୍ । ଅପରାଧୀଙ୍କ ସମ୍ପତ୍ତି ଜବତ କରିବା ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ କରାଯାଇପାରିବ । ତ୍ୱରିତ ବିଚାର ଲାଗି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହେଲେ ଭଲ ଫଳ ମିଳିବ । ପୋଲିସ ଗୁଇନ୍ଦା ବିଭାଗ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ । ଶୀଘ୍ର ବିଚାର କରାଯିବା ସହ ଦୋଷୀକୁ ସାବ୍ୟସ୍ତ କରିବା, ଦୀର୍ଘକାଳୀନ ଅପରାଧ ସାମ୍ରାଜ୍ୟ ଉପରେ ରୋକ୍ ଲଗାଯାଇପାରିବ । ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ୍, ତାମିଲନାଡୁର ଗୁଣ୍ଡା ଆଇନ୍ ଗ୍ୟାଙ୍ଗ ଓ ହିଂସା ଅପରାଧ ରୋକିବାରେ ସକରାତ୍ମକ ପ୍ରଭାବ ଦେଖାଇଛି । ଓଡ଼ିଶାରେ ଏହି ଆଇନ୍ ପ୍ରଣୟନ ହେଲେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ ହେବ । ଅପରାଧୀ ନେଟ୍ୱାର୍କକୁ ପ୍ରଭାବଶାଳୀ ଭାବେ ଭାଙ୍ଗିବା, ବେଆଇନ୍ ସମ୍ପତ୍ତି ଜବତ କରିବା ଓ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ଆଇନ୍ଗତ ସମର୍ଥନ ସହ ଆଇନ୍ ପ୍ରବର୍ତ୍ତନକାରୀଙ୍କୁ ସଶକ୍ତ କରିବ ।

## ୮୦ ଦଶକର...

ରବି ମଛଖଣ୍ଡଙ୍କ ମଧ୍ୟସ୍ଥତାରେ ବରଗଡ଼ ଜିଲ୍ଲା ପାଇକ ମାଳ ଗାଁ ର ସଞ୍ଜୟ ଗୁର୍ଲା, ଏବଂ ତାଙ୍କ ସ୍ତ୍ରୀ ସୁରଭି ଗୁର୍ଲା ଙ୍କୁ ନିଜ ସାତ ଦିନର ଶିଶୁ କନ୍ୟାକୁ ଟେକି ଦେଇଥିଲା । ବାଗଡୋର ଗାଁକୁ ସୋମବାର କଂଗ୍ରେସର ଏକ ଉଚ୍ଚ ସ୍ତରୀୟ ତଦନ୍ତକାରି ଟିମ ଯାଇ ପରିବାର ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଟିଟିଲାଗଡ଼ ପୂର୍ତ୍ତ ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତଦନ୍ତ କାରି ଟିମର ମୁଖ୍ୟ ରାଜ୍ୟ ମିଡ଼ିଆ କମିଟି ଅଧ୍ୟକ୍ଷ ଅରବିନ୍ଦ ଦାସ, ସାମ୍ବାଦିକ ସମ୍ମିଳନୀରେ ଘଟଣା କୁନେଇ କ୍ଷୋଭ ପ୍ରକାଶ କରିବା ସହ ସମସ୍ତ ସରକାରୀ ଯୋଜନାରୁ ନିଲ ରଣା ଏବଂ ତାଙ୍କ ପରିବାର ବାଦ ପଡ଼ିଥିବା ନେଇ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଥିଲେ । ଘଟଣାକୁ ତିନି ଦିନ ବିତିବାକୁ ଯାଉଥିଲେ ମଧ୍ୟ ରାଜ୍ୟ ସରକାର ନିଲ ରଣା ପରିବାର ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପରିବର୍ତ୍ତେ ନୀରବ ରହିବା ସହ ମାତ୍ର ୨୫ କେଜି ଚାଉଳ ଯୋଗାଇ ଦେବା ହିଁ ଘଟଣାର ସତ୍ୟତା ରହିଥିବା କଂଗ୍ରେସ ଅଭିଯୋଗ କରିବା ସହ କିଭଳି ଭାବରେ ମା ର ଅନିଚ୍ଛା ସେ%ୋ ବାପା ନିଲ ରଣା ଶିଶୁ କନ୍ୟା କୁ ଅନ୍ୟ ହାତରେ ଟେକିଦେଲେ ତାହାର ଏକ ଭିଡିଓ ଫୁଟେଜ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ । ଏହି ଘଟଣାରେ ସାମିଲ ଥିବା ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଉପରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦରିଦ୍ରତା ଦୂରୀ କରଣ ନେଇ ଆବଶ୍ୟକ ଯୋଜନା କରିବକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛି କଂଗ୍ରେସ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ନେତା ଘାସିରାମ ମାଝୀ, ଦୌପଦୀ ମାଝୀ,ପୂର୍ବତନ ବିଧାୟକ ଭାରତ ବେମାଲ, ଯୁବ ନେତା ବୀରେନ୍ଦ୍ର ବାଗ, ଯୁବ କଂଗ୍ରେସ ସଭାପତି ବଲାଙ୍ଗିର,ଗଣେଶ ସାହୁ ସମେତ ଜ୍ୟୋତ୍ସ୍ନା ରାଣୀ ବର୍ଗତି, ସୁରଜ ବେହେରା, ଦେବା ନନ୍ଦ ସାହୁ, ଡ଼ମ୍ବରଧର ଛତ୍ରିଆ,ପ୍ରମୁଖ ଉପସ୍ଥିତ ଥିଲେ ।

## ବଦଳିବ...

ଓଡ଼ିଶା ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ୟୁନିଫର୍ମ ରଙ୍ଗରେ ପରିବର୍ତ୍ତନ ହୋଇନାହିଁ । ଛାତ୍ରଛାତ୍ରୀଙ୍କ ଟ୍ରାକ୍ ପ୍ୟାଣ୍ଟ ନୀଳ ରଙ୍ଗ ରହିଥିବାବେଳେ ସାର୍ଟର ରଙ୍ଗ ସବୁଜ, ହଳଦୀ, ନାଲି, ନୀଳ ରହିଛି । ଟୋପିର ରଙ୍ଗ ଧଳା ରହିବ ଓ ସେଥିରେ ସ୍ଲୋଗାନ ସହ ଲୋଗୋ ଲାଗିବ । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଜଣଙ୍କ ପିଛା ୫୦୦ ଟଙ୍କା ଖର୍ଚ୍ଚ ହେବ । ୨୦୦ ଟଙ୍କାରେ ଗୋଟିଏ ହଳ ଜୋତା, ଦୁଇ ହଳ ମୋଜା, ୧୨୫ ଟଙ୍କାରେ ଟି-ସାର୍ଟ, ୧୨୫ ଟଙ୍କାରେ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଟୋପି, ୨୦ ଟଙ୍କାରେ ପରିଚୟପତ୍ର ଦିଆଯିବ । ସମଗ୍ର ଶିକ୍ଷା, ପିଏମ୍ଶ୍ରୀ, ଗଙ୍ଗାଧର ଶିକ୍ଷା ମାନଙ୍କ ଯୋଜନାରୁ ଏହି ଅର୍ଥ ଖର୍ଚ୍ଚ ହେବ । ଜାତାର ରଙ୍ଗ କଳା ଓ ମୋଜାର ରଙ୍ଗ କଳା ରହିବ । ୧୦୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଦୁଇଟି ରଙ୍ଗର ଟି-ସାର୍ଟ ଓ ୧୦୦ରୁ ଅଧିକ ପିଲା ଥିବା ସ୍କୁଲରେ ୪ ରଙ୍ଗର ଟି-ସାର୍ଟ ଚୟନ କରିବା ପାଇଁ ଓପେସା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଅଗଷ୍ଟ...

ଫଳରେ ଦିନ ସମୟରେ ପ୍ରବଳ ଗୁଳିଗୁଳି ସହିତ ଆର୍ଦ୍ରତା ବଢ଼ିପାରେ ଆସନ୍ତାକାଲି(ମଙ୍ଗଳବାର) ଓ ବୁଧବାର ଦୁଇଦିନ ଧରି ବିଭିନ୍ନ ଜିଲ୍ଲାର ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ବର୍ଷା ହେବାର ସମ୍ଭାବନା ରହିଛି ।


**LOST**

By virtue of an affidavit before the Notary Public, Jatani, I Subasa Kumar Pati, S/o-Sudarsan Pati, resident of At: Chintapalli, Po-Bahadalapur, Ps: Jajpur, Dist: Jajpur, Odisha, Pin-755009 declare by this affidavit No.519 Dt.24/07/2025. That, the **Original ROR** of my Plot No.-2201/13293 under Khata No.-1330/7266, Mouza: Pandra, Unit-38, BBSR has been lost somewhere while i was shifting my house Satyavihar area, BBSR. But by several search I could not able to trace it out. If anyone found it please **contact: 9937231974.** This affidavit is required to be produced before the concerned authority for information and taking necessary action.

**AFFIDAVIT**

By virtue of an affidavit sworn before Notary Public, Kendrapara, dated 31/05/2025 I, Satya Narayan Rath, S/o Late Jagabandhu Rath, Vill-Bishok, Po-Jahangar, PS-Derabish, Dist-Kendrapare, Pin-754208 declare that I have changed my daughter's name from Dharithee Rath to Dharitree Rath. Henceforth, she shall be known as Dharitree Rath for all purposes.

Sd/- Satya Narayan Rath

**AFFIDAVIT**

By virtue of an affidavit sworn before Notary Public, Kendrapara, dated 25/07/2025 I, Minati Malik, W/o Subal Malik, Vill-Kapaleswar, Po-Kapaleswar, PS-Kendrapara Sadar, Dist-Kendrapara, Pin-754211 declare that I have changed my daughter's name from Swuvagini Malik to Soubhagini Malik. Henceforth, she shall be known as Soubhagini Malik for all purposes.

**Sd/- Minati Malik**

**PARADIP PORT AUTHORITY**
**e-TENDER CALL NOTICE**

No:EM/PED/TECH-II/2025/631, dt.25.07.2025
Name of the Work "Comprehensive Annual Maintenance Contract of Air Conditioners, Refrigerators, Water Coolers, and other cooling units for a period of Two (02) Years". Estimated cost: **Rs.1,09,90,522/-.** Last date & time of submission of bid: **dt.17.08.2025 upto 18:00 Hrs.** Refer our website for details: https://eprocure.gov.in/eprocure/app.

Sd/- Executive Engineer (PED-III)

PPA/PR/29/2025-2026 dtd.28.07.2025

**TO WHOM IT MAY CONCERN**

Ritarani Patnaik
Address not known

Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.

Managing Director,
Mahodadhi Devlopers Pvt Ltd
Bhubaneswar.

**ଦ.ପୂ. ରେଳପଥ-ଟେଣ୍ଡର**

[illegible]

www.ireps.gov.in କୁ ଦେଖିପାରିବେ । (PR-444)

**IDBI BANK** — ବଉଳକଣି ଶାଖା (୨୧୪୧), ମହାକାଳପଡା, କେନ୍ଦ୍ରାପଡା, ପିନ୍-୭୫୪୨୨୪ — **ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ଆଇଡିବିଆଇ ବ୍ୟାଙ୍କ, ବଉଳକଣି ଶାଖା (୨୧୪୧) ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୦୫.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଆରମ୍ଭ କରାଯିବ ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରଗୁଡିକର ବିବରଣୀ | ନେଟ୍ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୨୧୪୧୬୭୧୧୦୦୦୦୮୯୫୨ / ମାମାନି ମଣ୍ଡଳ, ସ୍ୱାମୀ: ତପନ ମଣ୍ଡଳ, ସା: ବେଟବେଲାରୀ ବଉଳକଣି, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୨୪ | କ) ଚେନ୍ (୨ଟି) ସହିତ ୧ଟି ଲକେଟ୍<br>ଖ) ମୁଦି (୩ଟି) ସହିତ ୧ ଟି ଜଣା<br>ଗ) କାନଫୁଲ (୬ଟି) | କ) ୮.୦୦<br>ଖ) ୪.୬୨<br>ଗ) ୬.୩୭ | କ) ଟ.୫୦,୫୬୦/-<br>ଖ) ଟ.୨୯,୫୧୪/-<br>ଗ) ଟ.୪୦,୨୫୮/- | କ) ଟ.୫,୦୫୬/-<br>ଖ) ଟ.୨,୯୫୧/-<br>ଗ) ଟ.୪,୦୨୬/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ବଉଳକଣି ଶାଖା (୨୧୪୧) କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୨୯.୦୭.୨୦୨୫ ରିଖ ରୁ ତା.୦୪.୦୮.୨୦୨୫ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ । ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୪.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ।

ସ୍ଥାନ: ବଉଳକଣି, ତାରିଖ: ୨୯.୦୭.୨୦୨୫ — ଶାଖା ମୁଖ୍ୟ, ଆଇଡିବିଆଇ ବ୍ୟାଙ୍କ ଲି.

**GOVERNMENT OF ODISHA " OFFICE OF THE ADDITIONAL CHIEF ENGINEER**
**SALAPADA IRRIGATION CIRCLE, SALAPADA, KEONJHAR**
**BID INVITATION NO. SE (R and B) BLS-Divn-I-15/2025-26**
E-mail-acesicsalapada@gmail.com
Bid Identification No. ACESIC-01/2025-26

A-438

**'e' PROCUREMENT NOTICE**

| | | | |
|---|---|---|---|
| 1 | Nature of the works | : | River Embankment |
| 2 | No of works | : | 1 (One) |
| 3 | Value of works (Excluding GST) | : | Rs. 699.15 lakh |
| 4 | Period of Completion | : | 09 (Nine) Calendar Months. |
| 5 | Class of Contractor | : | A & Special |
| 6 | Procurement Officer | : | Additional Chief Engineer, Salapda Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | : | From 11.00 hrs of 01.08.2025 to 18.08.2025 up to 17.00 hrs. |
| 8. | Date and time of opening of Technical Bid | : | 19.08.2025 at 11.00 hrs. |
| 9. | Date and opening of Financial Bid | : | After evaluation of Technical Bid |

Further details conditions can be seen fro the Govt. website **www.tendersorissa.gov.in**

OIPR : 32468/11/0007/2526

Sd/- Additional Chief Engineer,
Salapada Irrigation Circle, Salapada, Keonjhar-758020

**OFFICE OF THE NOTIFIED AREA COUNCIL, KODALA**
Odisha, Pin -761032, e-Mail: - nackodala@gmail.com

Lt. No. 2309 /Dev/ 2025 Dated:- 23/07/2025

C-758

**e- NOTICE**
**BID IDENTIFICATION No.KOD-NAC-07/2025-26**

C-758 : On behalf of the Kodala NAC, on-line e-tender Percentage Rate Bids in two bid system (Part-I-General & Technical Bid and Part-II-Price Bid or Financial Bid) invited by the Executive Officer, Kodala NAC from the intending and eligible class/category of bidders in conformity with the Detailed Tender Call Notice for execution or the works mentioned in the DTCN. Contractor; validly registered/empanelled under Kodala NAC are also eligible to participate for the works.

1. Name of the Work : Civil Works
2. Number of Work : 01 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : From 10.00AM of Dt. 28/07/2025 to 5.00PM of Dt. 12/08/2025
6. Last date and time for receipt of Bid in the Portal : 5.00PM of Dt. 12/08/2025
7. The bid received online shall be opened on 11.00 AM of dtd. 13/08/2025
8. Name and Address of the Officer inviting Bid: Executive Officer, NAC, Kodala.

Further details can be seen from the Procurement Portal : **www.tendersorissa.gov.in**

OIPR : 13203/11/0043/2526

Sd/- Executive Officer
Kodala NAC, Dated : 23/07/2025

**Government of Odisha : "e" Procurement Notice** E-Mail ID : sepwdrgda1@gmail.com
**OFFICE OF THE SUPERINTENDING ENGINEER,**
**RAYAGADA(R&B) DIVISION NO -I, RAYAGADA**

B-339

**Bid Identification No: RC (RANDB) RGD 08 / 2025-2026 (Single Cover- Online tender)**
**File No .E-II-C8- 28/2025 No. 6712 Dated 23-07-2025**

1 No. of the works:- 02(Two) Building Work only
2. Estimated Cost: - Rs. 91.40 Lakh, & Rs. 99.50 Lakhs
3. Cost of document:-Rs 10,000/- for each work
4. Bid Security: - Rs.91,500/-, & Rs.99,600/-,
5. Class of Contractor :- 'B'-Class
6 The Bid documents will be available in the website **www.tendersodisha.gov.in from11.00 Hrs. of dated 01-08-2025 to 17.00 Hrs. of dated 14-08-2025 for online bidding.**
7. Last date/Time for receipt of bids in the portal: - Upto17.00Hrs.of **Dated 14-08-2025**
8. Bids received **"on-line"** shall be **opened at 17.30 Hours on dated 14-08-2025** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the e-Procurement portal: **"www.tendersodisha.gov.in"**
Any Addendum/Corrigendum/Cancellation of tender can also be seen in the said website only.

OIPR : 34040/11/0012/2526

Sd/- Superintending Engineer
Rayagada (R&B) Division No.-I

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID. cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

B-346

File No-B-II-GA-(SP)-11/2023 Lr. No 29142 / Bhubaneswar 25th July, 2025
**Invitation for Bids Bid Identification No. C.E.-(B) -19 / 2025-26**

| | | | |
|---|---|---|---|
| 1. | The Chief Engineer (Building)-I, Works Department on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of work | : | CONSTRUCTION OF 60 SEATED EXECUTIVE HOSTEL IN GOPABANDHU ACADEM OF ADMINISTRATION, BHUBANESWAR ON TURNKEY BASIS. |
| 3. | No. of work | : | 01 No. |
| 4. | Bid Cost. | : | Rs. 10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt.30.07.2025 to 5.30 P.M. of dt.19.08.2025 |
| 7. | Pre -bid meeting | : | Dt. 05.08.2025 at 11.30 A.M. |
| 8. | Last date of online submission of bid | : | Dt. 19.08.2025 up to 5.30 P.M. |
| 9. | Last dt. Of Submission of hardcopy (Cover-III). | : | Dt. 26.08.2025 up to 5.30 P.M. |
| 10. | Date of Opening of Bid | : | Dt. 29.08.2025 at 11.30 A.M. |
| 11. | The Bidders have to participate in ONLINE bidding only. Further detals can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR : 34117/11/0124/2526

Sd/- CHIEF ENGINEER-(BUILDINGS)-I,
ODISHA, BHUBANESWAR

**OFFICE OF THE PANCHAYAT SAMITI**
**KHAIRA, BALASORE**
Email-ori-khaira@nic.in
**INVITATION FOR BIDS THROUGH e-Procurement**
**Bid Identification No. PSKH-01 of 2025-26**

i-243

**Invitation for Bids**

| | | | |
|---|---|---|---|
| 1 | The BLOCK DEVELOPMENT OFFICER KHAIRA, BALASORE, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2 | Nature of work | : | Civil Works |
| 3 | No. of work | : | 10 Nos. (Project List enclosed) |
| 4 | Bid Cost. | : | 6,000/- |
| 5 | Class of Contractor | : | "B" "C & 'D' License (Project List enclosed) |
| 6 | Availability of Bid Documents in the website | : | From 10.00 AM of 30.07.2025 to 5.00 PM of 13.08.2025 |
| 7 | Date of Opening of Bid | : | Dt. 14.08.2025 at 11:00 AM. |
| 8 | The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in.** Any ddendum / corrigendum / cancellation of tender can also be seen in the said website only. | | |

BLOCK DEVELOPMENT OFFICER,
KHAIRA BLOCK.

Project List

| Sl No | Name of work | Name of GP | Tender cost | Bid cost | EMD 1% | Class of Contractor |
|---|---|---|---|---|---|---|
| 1 | Construction Of Kupari Govt. High school ACR | Kupari | Rs. 14,35,502.87 | Rs. 6000.00 | Rs. 14355.00 | C&D |
| 2 | Construction Of Narendra Prashad Govt. High school ACR | Nandoor | Rs. 14,89,755.08 | Rs. 6000.00 | Rs. 14898.00 | C&D |
| 3 | Construction Of Govt. U.P school Begunia ACR | Manitri | Rs. 13,18,878.52 | Rs. 6000.00 | Rs. 13189.00 | C&D |
| 4 | Construction Of Govt. U.P school Sarkona ACR | Sarkona | Rs. 12,92,571.21 | Rs. 6000.00 | Rs. 12926.00 | C&D |

OIPR : 19131/11/0005/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଧାନ କିଣାରେ ଅନିୟମିତତା ନେଇ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶହ ଶହ ଚାଷୀ



ପୁରୀ (ସବ୍ୟୁ) : ଧାନ କିଣାରେ ଅନିୟମିତତା ନେଇ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶହ ଶହ ଚାଷୀ । ସୋମବାର ଦିନ ଶହ ଶହ ଚାଷୀ ବ୍ରହ୍ମଗିରିରୁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାକ୍ଟର ଓ ମୁଣ୍ଡରେ ଧାନ ବସ୍ତା ଧରି ପହଞ୍ଚି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ବ୍ରହ୍ମଗିରିରୁ ପୁରୀ ପର୍ଯ୍ୟନ୍ତ ରାଜ ରାସ୍ତାରେ । ଚାଷୀ ମାନେ ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରୀ କରିପାରିନାହାନ୍ତି । ଫଳରେ ଧାନର ଅଭାବୀ ବିକ୍ରୀ ଦେଖାଦେଇଛି। ଆଜି ଶହ ଶହ ଟ୍ରାକ୍ଟର ଯୋଗେ ଚାଷୀ ମାନେ ବିଶାଳ ଶୋଭାଯାତ୍ରା ପୁରୀରେ ପହଞ୍ଚିଥିଲେ । ଶତାଧିକ ଚାଷୀ ବ୍ରହ୍ମଗିରି ଢ଼ାବା ଛକରୁ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଘେରାଉ କରି ଥିଲେ । ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ କଟୁ ସମାଲୋଚନା ମୂଳକ ବକ୍ତବ୍ୟ ଦେଇ କଡ଼ା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ପକ୍ଷରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ହଜାର ହଜାର ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ବିଜେଡି ଉପ ସଭାପତି ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୁରୀ ଜିଲ୍ଲାର ୭୦ ପ୍ରତିଶତ ଚାଷୀ । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେବଳ ରବି ଚାଷ ହିଁ ହୋଇଥାଏ। ମୁଖ୍ୟମନ୍ତ୍ରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଗସ୍ତ ସମୟରେ ସମସ୍ତ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ସମୟରେ ଧାନ କିଣା ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟୋକନ ପାଇ ମଧ୍ୟ ନିର୍ଦ୍ଧାରିତ ଅବଧି ସରିବା ପରେ କିନ୍ତୁ ୫୦ ପ୍ରତିଶତ ଚାଷୀଙ୍କ ଧାନ କିଣା ଯାଇ ନାହିଁ।ଏହାର ପ୍ରତିବାଦରେ ଆଜି ବିଜେଡ଼ି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବୀ ପତ୍ର ଦିଆଯାଇଛି। ପ୍ରଦାନ କରା ଯାଇ ଥିବା ଦାବୀ ପତ୍ର ଅନୁଯାୟୀ ଚାଷୀ ମାନଙ୍କ ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ନଚେତ୍ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ, ଖରିଫ ଧାନ କିଣିବା ପାଇଁ ନୂଆ ପଞ୍ଜୀକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ , ବ୍ରହ୍ମଗିରିର ସମସ୍ତ ନଦୀ ଓ କେନାଲ ସଫେଇ ସହ ରାଜଦଳ ମୁକ୍ତ କରିବା ପାଇଁ ଦାବୀ ରଖାଯାଇଛି। ଏହି ନ୍ୟାର୍ଯ୍ୟ ଦାବୀ ଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଏଭଳି ଗୁରୁତର ଅଭିଯୋଗର ତଦନ୍ତ କରାଯିବ ।ସେହିପରି ବ୍ରହ୍ମଗିରିର ସମସ୍ତ ନଦୀ ଓ କେନାଲ ସଫେଇ ପାଇଁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯିବ।

### ଧଉଳି ଚାରୁକଳା ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ

# ତ୍ରିନାଥ ମହାନ୍ତିଙ୍କୁ ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳରେ ଆୟୋଜିତ ହୋଇଯାଇଛି ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରି ଖଲିକୋଟ ଚାରୁକଳା ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧ୍ୟାପକ ତ୍ରିନାଥ ମହାନ୍ତିଙ୍କୁ ଚିତ୍ରଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ ।ଯେଉଁ ମାଟିରେ ଦିନେ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ ଆଗାମୀ ଦିନରେ ସେହିପରି ଧଉଳି ଚାରୁକଳା ମହାବିଦ୍ୟାଳୟ ସାରା ଦୁନିଆକୁ କଳାର ବାର୍ତ୍ତା ପ୍ରଦାନ କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ରୂପେ ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପଞ୍ଚାନନ ସୁର୍ ଯୋଗଦେଇ ଓଡ଼ିଶାର କଳା ଓ ଐତିହ୍ୟ ଅତି ମହାନ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟ ଏଦିଗରେ ଯତ୍ନର ସହ କାମ କରିଥାଏ ବୋଲି କହିଥିଲେ ଏବଂ ଗତ ୩୦ ବର୍ଷ ମଧ୍ୟରେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା,ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ ଓ ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରୀୟଦର୍ଷି ପ୍ରତ୍ୟୁଷ ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷୀକେଶ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥି ମାନଙ୍କ ଦ୍ୱାରା ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ସ୍ମୃତିରଞ୍ଜନ ବେହେରା ଓ ସୋନାଲି ବିଶ୍ୱାଳଙ୍କୁ ଶିଳ୍ପୀ ଶରତ କୁମାର ରଥ (ଛାତ୍ର)ସ୍ମୃତି ସମ୍ମାନ ଏବଂ ଦୀପକ କୁମାର ଜେନା,ବୃନ୍ଦାବନ ପଣ୍ଡା ଓ ବର୍ଷା ରାଣୀ ଓଝାଙ୍କୁ ଅଧୀର କୁମାର ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।



ମହାବିଦ୍ୟାଳୟର ଅଧ୍ୟାପିକା ଯାନିତ ପ୍ରିୟଦର୍ଶିନୀ ଓ ସୋଫିୟା ୟସ୍ମିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ପ୍ରବୀର ଦଳାଇ,ରବୀନ୍ଦ୍ର ମହାରଣା ,କୃପାସିନ୍ଧୁ ବାରିକ,ଲକ୍ଷ୍ମୀଧର ସ୍ୱାଇଁ ଓ ବହୁ କଳା ଅନୁରାଗୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକସଲିଟେଆର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକ ସଲିଟେଆର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଏକ ଅଗ୍ରଣୀ ବ୍ୟାଙ୍କିଙ୍ଗ ଉପସ୍ଥାପନା ଅତି ସ୍ୱତନ୍ତ୍ର ଭାବରେ ଭାରତର ପ୍ରକୃତ ଧର୍ଣ୍ଣାଢ଼୍ୟ ତାରକାରୁ କାର୍ଯ୍ୟକୁ ପ୍ରସ୍ତୁତ କରିପାରିଛି । ଏହା କେବଳ ଏକ ଉତ୍ପାଦନ ନୁହେଁ – ଏହା ମଧ୍ୟ ଏକ ସୁବିଧା ଅଟେ। ଏହା କେବଳ ଖାତାର ହିସାବ କୃତ ଅର୍ଥରାଶି ନୁହେଁ – ଏହାସମୁଦାୟ ସଂଚିତ ଅର୍ଥରାଶିର ସଂଯୋଗୀକରଣ ମୂଲ୍ୟ, ପୁଞ୍ଜିଲଗାଣ, ଋଣ, ବୀମା, ବ୍ୟାଙ୍କ ଦ୍ୱାରା ଡ଼ିମାଟ ଗ୍ରହଣକାରୀ ଅଫର ସହିତ ପରିବାରସ୍ତରରେ ଏହାକୁ ଗଣନା କରାଯାଏ । "ଭାରତର ଧର୍ଣ୍ଣାଢ଼୍ୟସେଗମେଂଟ ଦୃଢଭାବରେବୃଦ୍ଧି ପାଉଛି, କିନ୍ତୁ ଏହାର ବ୍ୟାଙ୍କିଙ୍ଗ ଅଭିଜ୍ଞତା ଅବସ୍ଥିତିକୁ ରଖିପାରୁ ନାହିଁ," ମତବ୍ୟକ୍ତ କରିକହିଛନ୍ତି, ରୋହିତଭାସିନ, ସଭାପତି, ହେଡ଼ ଅଫ ଆଫ୍ଲୁଏଂଟ, ଏନଆରଆଇ ଆଣ୍ଡ ବିଜିନେଓ ବ୍ୟାଙ୍କିଙ୍ଗ ଆଣ୍ଡ ଚିଫ୍‌ମାର୍କେଟିଂଙ୍ଗ ଅଫିସର କୋଟାକମହିନ୍ଦ୍ରା ବ୍ୟାଙ୍କ। "ସେହି ଦୂରତା ପାଇଁ ସଲିଟେଆର ଆମର ଦାୟିତ୍ୱ ଅଟେ ଏହା କେବଳ ଉତ୍ପାଦ ନୁହେଁ – ଏହା ଏକ ପ୍ରସ୍ତାବନ ଅଟେ। ସଲିଟେଆର ସଫଳତା, ଲକ୍ଷ୍ୟକୁ ସମ୍ମାନ, ବ୍ୟାଙ୍କିଙ୍ଗ କ୍ଷେତ୍ର କାହାକୁ ନେଇ ପୁନଃକଳ୍ପନା କରିଥାଏ ସେସବୁକୁ ନିଶ୍ଚିତ ଭାବରେ ଅନୁଭବ କରିବା। ସଲିଟେଆର ଲାଭଦାୟ କରେ ଏକ ଗୁଚ୍ଛଠାରୁ ଅଧିକ ଅଟେ – ଏହା ପୁନଃ ପରିକଳ୍ପନାର ଏକ ଅଭିଜ୍ଞତା ଅଟେ ଯାହାକି ଗ୍ରାହକ ଏବଂ ସେମାନଙ୍କର ପରିବାରକୁ କେନ୍ଦ୍ରରେ ରଖିଥାଏ। ୮ କୋଟିଟଙ୍କାର ପ୍ରି-ଆପ୍ରୁଭଡ଼ କ୍ରେଡ଼ିଟଲାଇନ୍ସ ଯାହାକି ଗୃହଋଣ, ବ୍ୟକ୍ତିଗତ ଋଣ ଏବଂ କ୍ରେଡ଼ିଟ୍‌କାଡର୍ ମଧ୍ୟରେରହିଛି। ସେଗମେଂଟର ବିଶେଷ ସମାଧାନ ଯାହାକି ବେତନଭୋଗୀ ବୃତିଗତ ଏବଂ ଉଦ୍ୟୋଗୀମାନଙ୍କ ପାଇଁଉଦ୍ଦିଷ୍ଟ। ପରିବାର - ପ୍ରଥମ ବ୍ୟାଙ୍କିଙ୍ଗ ସହିତ ସଂଯୋଗୀକୃତ କ୍ରେଡ଼ିଟ ଲିମିଟସ ତଥା ସୁବିଧା ଗୁଡ଼ିକ ଉତ୍ସର୍ଗୀକୃତ ସମ୍ପର୍କସ୍ଥାପନ ଏବଂସେବା ଯାହାକିବାଧାହୀନ, ଉଚ୍ଚମାନରସ୍ପର୍ଶକାରୀସହାୟତା ପାଇଁଉଦ୍ଦିଷ୍ଟ। ବ୍ୟାଙ୍କିଙ୍ଗ, ସମ୍ପତ୍ତି, ବୀମା ତଥା ଜୀବନଶୈଳୀ ମଧ୍ୟରେକୋଟାକରସର୍ବୋତମ ଅଭିଜ୍ଞତା। ସଲିଟେଆର ଅଭିଜ୍ଞତାର ଏକ ଅଂଶବିଶେଷ ଭାବରେକୋଟାକଏହିସଲିଟେଆରକ୍ରେଡ଼ିଟକାଡର୍‌ରଉପସ୍ଥାପନ କରିଛି ଯାହାକିକାର୍ଯ୍ୟକ୍ରମରନୈତିକତାକୁ ପ୍ରତିଫଳନ କରୁଛି।





# ବିଡାନାସୀ ବଡନାଳ କାର୍ଯ୍ୟ ତଦାରଖ କଲେ ବିଧାୟିକା ସୋଫିଆ



କଟକ(ସବ୍ୟୁ)ବିଧାୟିକା ସୋଫିଆ ଫିରଦୋସ ବିଡାନାସୀରେ ଚାଲୁଥିବା ବଡନାଳ ନିର୍ମାଣ କାର୍ଯ୍ୟର ତଦାରଖ ଓ ଅଗ୍ରଗତି ସଂପର୍କରେ ନାଳ କାମ ବୁଲି ଦେଖିଥିଲେ । ଖୁବଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ସୋଫିଆ ଉପସ୍ଥିତ ପଦାଧିକାରୀ ଓ ଯନ୍ତ୍ରୀ ଏବଂ କଣ୍ଟ୍ରାକ୍ଟରଙ୍କୁ ପରାମର୍ଶ ଦେଇଥିଲେ । ୱାର୍ଡ ଅଞ୍ଚଳରେ ଚାଲୁରହିଥିବା ସମସ୍ତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ବିଧାୟିକା ସୋଫିଆ ପରାମର୍ଶ ଦେଇଥିଲେ । ଏହି ଅବସରରେ କଟକ ମହାନଗର ନିଗମ ସିଟି ଇଞ୍ଜିନିୟର ଇଂ ଅତନୁ କୁମାର ସାମନ୍ତ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ସୁବାଷ ଚନ୍ଦ୍ର ସାହୁ, ୱାର୍ଡ ଜେଇ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି,ସୁବାସ ଚନ୍ଦ୍ର ସାହୁ,ସତ୍ୟଶ୍ରୀ ବେହେରା,ଶିଶିର କୁମାର ନାୟକ,ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଣିରେ ପୋଲିସର ଚଢାଉ: ଟ୍ରକ , ପାୱାର ଟିଲର ଜବତ

ନିରାକାରପୁର ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜି ରାଉତରାୟଙ୍କ ନିର୍ଦ୍ଦେଶରେ ରବିବାର ବିଳମ୍ବିତ ରାତିରେ ପୋଲିସ ବୋଡଙ୍ଗରା ନିକଟରେ ବେଆଇନ ଖୋଲା ଯାଉଥିବା ଖଣି ଉପରେ ଚଢ଼ାଉ କରି ଗୋଟିଏ ପଥର ବୋଝେଇ ଟ୍ରକ ଓ ଏକ ପାଓ୍ୱାର ଟିଲର ଜବତ କରିଥିବା ଜଣାପଡିଛି । ପୋଲିସ ଚଢ଼ାଉ ବେଳେ ଖଣିରେ ଥିବା ମାଫିଆ ମାନେ ଓ ଅନ୍ୟ ଗାଡି ଗୁଡ଼ିକ ଫେରାର ହୋଇଯାଇଥିଲା ।

# ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ଡିଆରଏମ୍ ଭାବେ ଆଲୋକ ତ୍ରିପାଠୀଙ୍କ ଯୋଗଦାନ



ଜଟଣୀ, (ସବ୍ୟୁ) : ୧୯୯୮ ବ୍ୟାଚ୍‌ର ଆଇଆରଟିଏସ ଅଫିସର ଆଲୋକ ତ୍ରିପାଠୀ ଖୋର୍ଦ୍ଧରୋଡ଼ ରେଳଡିଭିଜନ ନୂତନ ପ୍ରବନ୍ଧକ (ଡିଆରଏମ) ଭାବେ ଆଜି ଯୋଗ ଦେଇଛନ୍ତି। ଏଚ୍‌ଏସ୍ ବାଜୱାଙ୍କ ଠାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ଏଚ୍‌ଏସ୍ ବାଜୱା ଖୋର୍ଦ୍ଧାରୋଡ଼ ଡିଭିଜନରେ ଉତ୍ସର୍ଗୀକୃତ ଏବଂ ପ୍ରତିବଦ୍ଧତାର ସହ ସେବା କରିଥିଲେ। ଏଠାରେ ନୂତନ ଡିଆର୍‌ଏମ୍ ଭାବେ ଆଲୋକ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ରେଲୱେ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଫ୍ରେଟ ମାର୍କେଟିଂ) ଭାବେ କାର୍ଯ୍ୟ କରୁଥିଲେ। ଦୁଇଦଶନ୍ଧିରୁ ଅଧିକ ସମୟ ଧରି ବଳିଷ୍ଠ କ୍ୟାରିଅର ସହିତ ଭାରତୀୟ ରେଲୱେର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ପ୍ରଶାସନିକ ଓ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ନ୍ୟାସନାଲ ହାଇସ୍ପିଡ୍ ରେଲୱେ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟରେ ବରିଷ୍ଠ ଅଧିକାରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଛନ୍ତି। ଏଥିସହ ଅହମ୍ମଦାବାଦରେ ସହାୟକ ଅପରେସନ୍ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ ଅପରେସନାଲ ମ୍ୟାନେଜର, ପଶ୍ଚିମ ରେଲୱେରେ ଏରିଆ ମ୍ୟାନେଜର ଏହିପରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ଜାନୁଆରୀ ୧୨ ୧୯୭୪ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ତ୍ରିପାଠୀ ୨୦ ସେପ୍ଟେମ୍ବର ୧୯୯୯ରେ ଭାରତୀୟ ରେଳବାଇରେ ଯୋଗଦେଇଥିଲେ। ସେ ମେକାନିକାଲ୍ ଇଂଜିନିୟରିଂରେ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ପୂର୍ବତଟ ରେଲୱେର ସବୁଠାରୁ ବ୍ୟସ୍ତତମ ଖୋର୍ଦ୍ଧାରୋଡ଼ ଡିଭିଜନରେ ପରିଚାଳନାଗତ ଦକ୍ଷତା, ଯାତ୍ରୀ ସୁବିଧା ଓ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବା ନେଇ ଆଶା କରାଯାଉଛି।

# ୩୨୦ଗ୍ରାମ ବ୍ରାଉନସୁଗର ଜବତ; ମୁଖ୍ୟ ଅଭିଯୁକ୍ତ ସମେତ ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ)ଖୋର୍ଦ୍ଧା ବ୍ରାଉନସୁଗାରର ହବ୍ ପାଲଟିଛି। କଲିକତା, ବାଲେଶ୍ୱର, ଜଲେଶ୍ୱର ପ୍ରଭୃତି ଗଳା ବାଟ ଦେଇ ଦୈନିକ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡୋଶୀ ଜିଲା ସମେତ ଗ୍ରାମାଂଚଳକୁ ପଠାଯାଉଛି। ଯେତିକି ଧରାହେଉଛି, ସେତିକି ବଢିଚାଲିଛି। ଥମିବା ପରିବର୍ତେ କାୟା ବିସ୍ତାର କରିବାରେ ଲାଗିଛି ଏହି କାରବାର। ଏଥିରେ ରାକେଟ କାମ କରୁଛି। ଏମାନଙ୍କ ନେଟୱାକ ଚାରିଆଡେ ମାଡିଚାଲିଛି। କେଉଁଠୁ କେତେବେଳେ ଆସିବ, କେଉଁଠାକୁ ଯିବ, କାହା ପାଖକୁ ଯିବ, ସବୁ କିଛି ଗୁପ୍ତରେ ଚାଲିଛି। ପୋଲିସ ଡାଳେ ଡାଳେ ଗଲେ, ଏମାନେ ପତ୍ର ଦେଇ ଚାଲିଛନ୍ତି। ସ୍ୱଳ୍ପ ରୋଜଗାର ଲାଳସାରେ ଯୁବବର୍ଗ ଏଥିରେ ସଂପୃକ୍ତ ରହି ବିପଦଗାମୀ ହେଉଛନ୍ତି। ଚଢଉରୁ ବର୍ତିବା ଲାଗି ଏମାନେ ନାମୀଦାମୀ କାର ବ୍ୟବହାର କରୁଛନ୍ତି। ଫଳରେ ଧରାପଡିବାର ସମ୍ଭାବନା କମ୍। ହାଇ ପ୍ରୋଫାଇଲ ମାଧ୍ୟମରେ ଚାଲିଛି ଡିଲ୍। ତେବେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୋଲିସକୁ ସଫଳତା ମିଳିଛି। ଟାଙ୍ଗିଆପଡା ଦ୍ୱାରୀଦେବୀଙ୍କ ମନ୍ଦିର ନିକଟରୁ ଚଢଉ କରି ପୁଲିସ ୩୨୦ ଗ୍ରାମ ବ୍ରାଉନସୁଗର ସମେତ ୨ଟି ମୋବାଇଲ, ୨ଟି ବାଇକ୍ କୁ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୩୨ଲକ୍ଷ ହେବ। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ମୁଖ୍ୟ ଅଭିଯୁକ୍ତ ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡି ଗ୍ରାମର ବିଶ୍ୱରଞ୍ଜନ ରାଉତରା (୨୨) ଏବଂ ଅନ୍ୟଜଣେ ଗୁରୁଜଙ୍ଗ ଗ୍ରାମର ବଳଭଦ୍ର ବେହେରା ଓରଫ ବଳିଆ (୩୨) ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ସାଗରିକା ନାଥ ସୂଚନା ଦେଇଛନ୍ତି।

# ଜିନ୍ଦଲ ଷ୍ଟେନଲେସ ଓ ଗତି ଶକ୍ତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ) ଭଦୋଦରାର ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସଭି), ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସଭି) ଭାରତ ସରକାରଙ୍କ ରେଳ ମବଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଯାହା ସମଗ୍ର ପରିବହନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ପାଇଛି । ଏହି ଏମଓୟୁ ଜିଏସଭିର ତୃତୀୟ ସମାବର୍ତନ ଉତ୍ସବ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ, ବିଜୟ ଶର୍ମା ଏବଂ ଜିଏସଭିର କୁଳପତି, ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ମାନ୍ୟବର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ଜିନ୍ଦଲ ଷ୍ଟେନଲେସ ପାଇଁ, ଏହି ସହଯୋଗ ଭାରତରେ ଷ୍ଟେନଲେସ ଷ୍ଟିଲ ପ୍ରୟୋଗ ପାଇଁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ନିମନ୍ତେ ଏହାର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ। ଏମଓୟୁ ଅନୁଯାୟୀ, ଜିନ୍ଦଲ ଷ୍ଟେନଲେସ ଏବଂ ଜିଏସଭି - ପରିବହନ, ଅବସଂରଚନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ।



### ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ

# ବିଦ୍ୟୁତ୍ ବିଲ୍‌ରେ ୭୨.୦୫ କୋଟି ଟଙ୍କା ରିହାତି ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଉତ୍କୃଷ୍ଟ ଗ୍ରାହକ ସେବାର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ମୋଟ ୭୨.୦୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଅଛି । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁରକ୍ଷା ଜମା ରାଶିର ସୁଧ ବାବଦକୁ ଏହି ରିହାତି ଗତ ଜୁନ ମାସର ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଅଛି ।

ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଜୁନ ମାସର ବିଦ୍ୟୁତ୍ ବିଲରେ ଏହି ରିହାତି ପ୍ରଦାନ କରାଯାଇଅଛି । ତଥ୍ୟ ଅନୁଯାଇ, ସର୍ବାଧିକ ୨୫.୨୦ କୋଟି ଟଙ୍କାର ରିହାତି ଝାରସୁଗୁଡ଼ା ଜିଲ୍ଲାର ୧ ଲକ୍ଷ ୦୮ ହଜାର ୪୭୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡରେ ୨୩.୮୨ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି, ଯାହା ୨ ଲକ୍ଷ ୪୮ ହଜାର ୦୧୨ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିଅଛି । ସେହିପରି ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ୨୬ ହଜାର ୮୫୦ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୮.୮୨ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିବା ବେଳେ ବରଗଡ ଜିଲ୍ଲାର ୧ ଲକ୍ଷ ୮୬ ହଜାର ୧୯୫ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୭୦ କୋଟି ଟଙ୍କା ରିହାତି ମିଳିଛି ।

ସେହିପରି କଳାହାଣ୍ଡି ଜିଲ୍ଲାର ଏକ ଲକ୍ଷ ୧୭ ହଜାର ୧୮୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୮୮ କୋଟି ଟଙ୍କା, ବଲାଙ୍ଗିର ଜିଲ୍ଲାର ୧ ଲକ୍ଷ ୫୨ ହଜାର ୨୫୯ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୨୭ କୋଟି ଟଙ୍କା, ସୋନପୁର ଜିଲ୍ଲାର ୪୮ ହଜାର ୯୭୬ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୭୦ କୋଟି ଟଙ୍କା, ନୂଆପଡ଼ା ଜିଲ୍ଲାର ୫୨ ହଜାର ୭୧୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୨୩ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଅଛି ।

### ଚାଷୀ ପଞ୍ଜିକରଣ ବ୍ୟବସ୍ଥାରେ ସରଳୀକରଣ

# ଦଲାଲଙ୍କୁ ରୋକିବ ସରକାରଙ୍କ ଇ-କେୱାଇସି

ଭୁବନେଶ୍ୱର(ସବ୍ୟୁ): ଚାଷୀ ପଞ୍ଜିକରଣରେ ଦଲାଲମାନଙ୍କୁ ରୋକିବାକୁ ସରକାର ଇ-କେୱାଇସି ବ୍ୟବସ୍ଥା କରିଛନ୍ତି । ଚାଷୀଙ୍କ ପାଇଁ ବ୍ୟବସ୍ଥାରେ ସରଳୀକରଣ ହୋଇଛି । ଆତ୍ମ ଘୋଷଣା ପତ୍ର ଦେବାକୁ ହେବ । ସେଥିପାଇଁ ଗତକାଲିଠୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିକ୍ରିୟାରେ କହିଛନ୍ତି, କାହାକୁ ହଇରାଣ କରିବା ଉଦ୍ଦେଶ୍ୟ ନାହିଁ । ଯେଉଁଠି ଅଭିଯୋଗ ଆସିବ ଫର୍ମ ଗ୍ରହଣ ହେଉନି ବୋଲି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭାଗ ଚାଷୀ ମଧ୍ୟ ମାଲିକଠୁ ଲେଖା ଆଣିବେ । ତାହେଲେ ତାଙ୍କର ମଧ୍ୟ ପଞ୍ଜିକରଣ ହୋଇପାରିବ । ପ୍ରକୃତ ଚାଷୀକୁ ଚିହ୍ନିବା ଏବଂ ଦଲାଲଙ୍କୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଛି । ଚାଷୀଙ୍କ ସଂଖ୍ୟା କମାଇବା ଏକ ଭୁଲ୍ ଧାରଣା ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧୀ ଅଭିଯୋଗ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

# ହାଇଟେକର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଜାତୀୟ ସିଇଓ କନକ୍ଲେଭ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅକଲ୍ୟାଣ୍ଡର ଭାରତର କମ୍ପ୍ଟ୍ରୋଲ ଜେନେରାଲ ଡ. ମଦନ ମୋହନ ସେଠୀ ଉଦ୍‌ଘାଟନ କରିଥବାବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଓକାକ୍ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଡି.ଜି ଡିଆରଡିଓ ଇ ଓ ସିଏସ୍ ଡ. ବି.କେ ଦାସ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରେରଣା ଦାୟୀ ପ୍ରଚାରକ ଭାବେ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଛି। ହାଇଟେକ୍ ଗ୍ରୁପ୍‌ର ସଦାସର୍ବଦା ଅନେକ ଗୁଡିଏ ସମାଜ ପାଇଁ ହିତ କାର୍ଯ୍ୟ ଲୋକ ଲୋଚନକୁ ଆସି ଏହା ସମସ୍ତଙ୍କର ଆଦୃତ ହେବାରେ ଲାଗିଛି ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ଦକ୍ଷତା ଓ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା, ଷ୍ଟାର୍ଟଅପ୍ ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



# ଥାଇଲାଣ୍ଡ – କାମ୍ବୋଡିଆ ନିଃସର୍ତ୍ତ ଯୁଦ୍ଧବିରତି

କ୍ୱାଲାଲୁମ୍ପୁର : ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ସୋମବାର ଦିନ କହିଛନ୍ତି ଯେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୋମବାର ମଧ୍ୟରାତ୍ରିରୁ 'ତୁରନ୍ତ ଏବଂ ନିଃସର୍ତ୍ତ' ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି।



ଆସିଆନ (ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ) ଆଞ୍ଚଳିକ ଗୋଷ୍ଠୀର ମୁଖ୍ୟ ଭାବରେ ଅନୱର ଏହି ଆଲୋଚନାରରେ ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଉଭୟ ପକ୍ଷରେ ସହମତି ହୋଇଛି।

ସୀମାରେ ଥିବା ଏକ ହିନ୍ଦୁ ମନ୍ଦିର ପ୍ରିହ ଭିହାରକୁ ନେଇ ଗତ ଅନେକ ଦଶନ୍ଧି ଧରି ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବିବାଦ ଚାଲିଆସିଛି ଛ ଗତ ସପ୍ତାହରେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୀମାରେ ଏକ ସୁଡଙ୍ଗରେ ବିସ୍ଫୋରଣରେ ପାଞ୍ଚ ଜଣ ଥାଇ ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଅନୱର ଇବ୍ରାହିମ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍ ଏବଂ ଥାଇଲ୍ୟାଣ୍ଡର କାମଚଳା। ପ୍ରଧାନମନ୍ତ୍ରୀ ଫୁମଥାମ୍ ଭେଚାୟାଚାଇ ୨୮ ଜୁଲାଇ ମଧ୍ୟରାତ୍ରରୁ ତୁରନ୍ତ ଏବଂ ନିଃସର୍ତ୍ତ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତିଛ ହୁନ୍ ମାନେଟ୍ ଏବଂ ଫୁମଥାମ୍ ବୈଠକର ଫଳାଫଳକୁ ପ୍ରଶଂସା କରିଥିଲେ ଏବଂ ଏକ ସଂକ୍ଷିପ୍ତ ସାମ୍ବାଦିକ ସମ୍ମିଳନୀ ଶେଷ କରିବା ପରେ ହାତ ମିଳାଇଥିଲେ।

ସୀମାରେ ଥିବା ଏକ ହିନ୍ଦୁ ମନ୍ଦିର ପ୍ରିହ ଭିହାରକୁ ନେଇ ଗତ ଅନେକ ଦଶନ୍ଧି ଧରି ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବିବାଦ ଚାଲିଆସିଛି । ଗତ ସପ୍ତାହରେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୀମାରେ ଏକ ସୁଡଙ୍ଗରେ ବିସ୍ଫୋରଣରେ ପାଞ୍ଚ ଜଣ ଥାଇ ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସଂଘର୍ଷରେ ଏପର୍ଯ୍ୟନ୍ତ ଅତି କମରେ ୩୫ ଜଣଙ୍କର ମୃତ୍ୟୁ ହୋଇଛି। ସଂଘର୍ଷ ଯୋଗୁଁ ୨ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ।

# ଯୁଦ୍ଧବିରତି ପାଇଁ କେହି ମଧ୍ୟସ୍ଥତା କରିନଥିଲେ : ଜୟଶଙ୍କର

ନୂଆଦିଲ୍ଲୀ : ଲୋକସଭାରେ ଅପରେସନ ସିନ୍ଦୂର ଉପରେ ଆଲୋଚନା ଜାରି ରହିଛି। ଗୃହରେ ପ୍ରାରମ୍ଭିକ ହଟ୍ଟଗୋଳ ପରେ, ୧୬ ଘଣ୍ଟାର ବିତର୍କ ଆରମ୍ଭ ହୋଇଛି, ଯାହା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଭାରତୀୟ ସେନା ପାକିସ୍ତାନୀ ସେନାକୁ କିପରି ମୁଣ୍ଡ ନଇଁବାକୁ ବାଧ୍ୟ କରିଥିଲା। ଏହା ପରେ, ଶାସକ ଦଳ ଏବଂ ବିରୋଧୀ ଦଳର ସାଂସଦମାନେ ସେମାନଙ୍କର ମତ ରଖିଥିଲେ। ପରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଭାରତ କ'ଣ ନିଷ୍ପତ୍ତି ନେଇଛି ସେ ବିଷୟରେ କହିଥିଲେ। ସେ କହିଥିଲେ ଯେ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଅଛି। ଆମେ ତୁରନ୍ତ ବହୁତ କଠୋର ପଦକ୍ଷେପ ନେଇଥିଲୁ। ପାକିସ୍ତାନକୁ ବିଶ୍ୱ ସମ୍ମୁଖରେ ପର୍ଦ୍ଦାଫାସ କରାଯାଇଥିଲା। ସେ ଏହା ମଧ୍ୟ କହିଥିଲେ ଯେ କିପରି ୨୭ ରୁ ଅଧିକ ଦେଶରୁ ତୁରନ୍ତ ଫୋନ୍ କଲ୍ ଆସିଥିଲା। କିନ୍ତୁ ଯୁଦ୍ଧବିରତି ଲାଗି କୌଣସି ଦେଶ ମଧ୍ୟସ୍ଥତା କରିନଥିଲେ ବୋଲି ସେ କହିଥିଲେ ।ଏହା ପୂର୍ବରୁ, ଚିରାଗ ପାସୱାନଙ୍କ ଦଳର ସାଂସଦ ଶାମ୍ଭବୀ ଚୌଧୁରୀ କଂଗ୍ରେସକୁ ଚୁପ୍ କରାଇଥିଲେ। ସେ କହିଥିଲେ, କଂଗ୍ରେସ ନେତାମାନେ ବାରମ୍ବାର କହୁଛନ୍ତି ଯେ ୧୯୭୧ ରେ ଇନ୍ଦିରା ଗାନ୍ଧୀ ଏହା



କରିଥିଲେ, ଇନ୍ଦିରା ଗାନ୍ଧୀ ତାହା କରିଥିଲେ, କିନ୍ତୁ ସେମାନେ ବିହାରର ପୁଅ ଜଗଜୀବନ ରାମଙ୍କୁ କାହିଁକି ଭୁଲି ଯାଆନ୍ତିଛ ସେହି ଜଗଜୀବନ ରାମ ଯିଏ ସେତେବେଳେ ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କଂଗ୍ରେସ ଦଳିତ ନେତାମାନଙ୍କ ସହିତ ସମସ୍ୟା ରଖିଛି।

# କେମିତି ଥିଲା ଅପରେସନ ମହାଦେବ

ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ୯୭ ଦିନ ପରେ, ଭାରତୀୟ ସେନା ଶେଷରେ ଏକ ବଡ଼ ସଫଳତା ପାଇଛି। ସେନା 'ଅପରେସନ୍ ମହାଦେବ' ଅଧୀନରେ ପ୍ରତିଶୋଧ ନେଇ ତିନି ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସଫା କରିଛି। ଏନକାଉଣ୍ଟର ପରେ, ଆତଙ୍କବାଦୀଙ୍କଠାରୁ ଆମେରିକୀୟ ଏମ୪ କାର୍ବାଇନ୍, ଏକେ-୪୭ ରାଇଫଲ୍, ୧୭ ରାଇଫଲ୍ ଗ୍ରେନେଡ୍ ଏବଂ ଅନ୍ୟାନ୍ୟ ସନ୍ଦିଗ୍ଧ ସାମଗ୍ରୀ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଗୁଇନ୍ଦା ସୂଚନା ଆଧାରରେ ସକାଳେ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା।

ପହଲଗାମ ଆକ୍ରମଣର ୯୬ ଦିନ ପରେ ଆରମ୍ଭ ହୋଇଥିବା ଅପରେସନ୍ ମହାଦେବରେ ସେନା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଏ-ତୈବା (ଏଲଇଟି)ର ଶୀର୍ଷ କମାଣ୍ଡର ହାସିମ ମୁସାଙ୍କୁ ନିପାତ କରିବାରେ ସଫଳ ହୋଇଥିଲା। ତେବେ ଏହି ମିଶନ କିପରି ହୋଇଥିଲା ସେ ବାବଦରେ ଜାଣନ୍ତୁ ବାସ୍ତବରେ ଅପରେସନ ମହାଦେବ ପାଇଁ ସେନା ଡ୍ରୋନ୍, ଥର୍ମାଲ୍ ଇମେଜିଂ ଏବଂ ଗୁଇନ୍ଦା ରିପୋର୍ଟ ସାହାଯ୍ୟରେ ହାସିମର ସ୍ଥାନ ଟ୍ରାକ୍ କରିଥିଲା। ଲିଡୱାସ୍ ଜଙ୍ଗଲରେ ତାଙ୍କର ଉପସ୍ଥିତି ଚିହ୍ନଟ ହୋଇଥିଲା। ୨୮ ଜୁଲାଇ ୨୦୨୫ ସକାଳେ, ସେନା ଅଞ୍ଚଳକୁ ଘେରିଥିଲା। ହାସିମ୍ ଏବଂ ତାଙ୍କର ଦୁଇ ସାଥୀ ଗୁଳି ଚଳାଇବା ଆରମ୍ଭ କରିଥିଲେ, କିନ୍ତୁ ୬ ଘଣ୍ଟାର ଏନକାଉଣ୍ଟର ପରେ ତିନିଜଣ ନିହତ ହୋଇଥିଲେ। ଏନକାଉଣ୍ଟର ପରେ ଏକେ-୪୭, ଗ୍ରେନେଡ୍ ଏବଂ ଆଇଇଡି (ବମ୍) ଉଦ୍ଧାର କରାଯାଇଥିଲା। ହାସିମ୍ ଠାରୁ ପାକିସ୍ତାନୀ ପାସପୋର୍ଟ ଏବଂ ସାଟେଲାଇଟ୍ ଫୋନ୍ ମଧ୍ୟ ମିଳିଛି, ଯାହା ଆଇଏସଆଇ ସହିତ ସମ୍ପର୍କ ଦର୍ଶାଉଛି।

ସେନା ସ୍ୱଦେଶୀ ଡ୍ରୋନ୍ ଏବଂ ରାଡାର ବ୍ୟବହାର କରିଥିଲା, ଯାହା ଜଙ୍ଗଲରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖୋଜିବାରେ ସହାୟକ ହୋଇଥିଲା। ରାତିରେ ମଧ୍ୟ ଡ୍ରୋନ୍ ଆତଙ୍କବାଦୀଙ୍କ ଗତିବିଧି ଉପରେ ନଜର ରଖିଥିଲା। ଥର୍ମାଲ୍ କ୍ୟାମେରା ସେମାନଙ୍କର ଉତ୍ତାପ ଚିହ୍ନଟ କରିଥିଲା। ଆଇଇଡି ନିଷ୍କ୍ରିୟ କରିବା ପାଇଁ ରୋବୋଟ୍ ବ୍ୟବହାର କରାଯାଇଥିଲା।

# ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତିନାମା : କୃଷି କ୍ଷେତ୍ର ଉପରେ ପ୍ରଭାବ

ନୂଆଦିଲ୍ଲୀ : ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭାରତୀୟ କୃଷକଙ୍କ ସ୍ୱାର୍ଥର ସୁରକ୍ଷା ସହିତ କୃଷି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ରଣନୈତିକ ସୁଯୋଗ ଅନୁସନ୍ଧାନ ଉପରେ ଧ୍ୟାନ ଦିଏ।


ଏହି ଚୁକ୍ତିନାମା ଭାରତ ପାଇଁ ଏକ ଐତିହାସିକ ସଫଳତା, ବିଶେଷକରି କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ କ୍ଷେତ୍ର ପାଇଁ। ଏହି କ୍ଷେତ୍ରରେ ୯୫ ପ୍ରତିଶତରୁ ଅଧିକ ଭାରତୀୟ ଟାରିଫ୍ ରେଖା ଏବେ ୟୁକେ ବଜାରରେ ଶୂନ୍ୟ ଶୁଳ୍କ ପ୍ରବେଶରୁ ଲାଭ ପାଇବେ - ଆଗାମୀ ତିନି ବର୍ଷ ମଧ୍ୟରେ ଭାରତର କୃଷି-ରପ୍ତାନି ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବାର ଆକଳନ କରାଯାଇଛି।

ଭାରତ-ୟୁକେ ସିଇଟିଏ ଭାରତୀୟ ଚାଷୀମାନଙ୍କୁ ୟୁକେ ବଜାରରେ ସେମାନଙ୍କର ଉତ୍ପାଦ ପାଇଁ ପ୍ରିମିୟମ୍ ମୂଲ୍ୟ ପାଇବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଜର୍ମାନୀ ଏବଂ ନେଦରଲ୍ୟାଣ୍ଡ ଭଳି ପ୍ରମୁଖ ଉତ୍ସ ରପ୍ତାନିକାରୀଙ୍କ ସହ ସମାନତା ପ୍ରଦାନ କରିବ, ଯେଉଁମାନେ ବର୍ତ୍ତମାନ ଶୂନ୍ୟ ଶୁଳ୍କ ଉପଭୋଗ କରନ୍ତି। ଭାରତ ଦ୍ୱାରା ଟାରିଫ୍ ରିହାତି ପରିସରରୁ ପ୍ରମୁଖ ଏବଂ ସମ୍ବେଦନଶୀଳ ଉତ୍ପାଦଗୁଡ଼ିକୁ ବାଦ ଦିଆଯାଇଛି। ସମ୍ବେଦନଶୀଳ ଦୁଗ୍ଧ କ୍ଷେତ୍ରରେ, ଟାରିଫ୍ ସୂଚୀର ସମ୍ପୂର୍ଣ୍ଣ ଅଧ୍ୟାୟ ୪, ଯାହା କ୍ଷୀର, ପନିର, ବଟର, ଡାଏରୀ ସ୍ପ୍ରେଡ୍, ଘିଅ ଇତ୍ୟାଦି ଡାଏରୀ ଉତ୍ପାଦ ସହିତ ଜଡିତ, ବାଦ ତାଲିକାରେ ଅଛି, ଯାହା ଦ୍ୱାରା ଆମର ଡାଏରୀ ଉତ୍ପାଦକମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇଥାଏ।

ଆଲକୋବେନ୍ କ୍ଷେତ୍ରରେ, ଭାରତ ଏହି ଉତ୍ପାଦଗୁଡ଼ିକର ଏକ ନିଟ୍ ଆମଦାନୀକାରୀ, କ୍ୟାଲେଣ୍ଡର ବର୍ଷ (CY) ୨୦୨୪ ରେ ୧.୧ ବିଲିୟନ ଆମେରିକୀୟ ଡଲାର ଆମଦାନୀ ଏବଂ ୩୬୯ ନିୟୁତ ଆମେରିକୀୟ ଡଲାର ରପ୍ତାନି ମୂଲ୍ୟ ସହିତ। ଯଦିଓ ୟୁକେ ହ୍ୱିସ୍କିକୁ ଶୁଳ୍କ ରିହାତି ଦିଆଯାଇଛି, ତଥାପି ଆଶା କରାଯାଉଛି ଯେ ଭାରତୀୟ ହ୍ୱିସ୍କି ଆମଦାନୀର ଏକ ବଡ଼ ଅଂଶ ଭାରତରେ ମିଶ୍ରିତ ହ୍ୱିସ୍କି ଉତ୍ପାଦନରେ ବ୍ୟବହୃତ ହେଉଥିବାରୁ ଭାରତୀୟ ହ୍ୱିସ୍କି ନିର୍ମାତାମାନେ ପ୍ରଭାବିତ ହେବେ ନାହିଁ, ଯାହା ଶସ୍ତା କଞ୍ଚାମାଲ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇବାକୁ ସ୍ଥିର ହୋଇଛି। ଏହା ଭାରତରୁ ବିଶ୍ୱକୁ ମିଶ୍ରିତ ହ୍ୱିସ୍କିର ରପ୍ତାନିକୁ ବୃଦ୍ଧି କରିବ, ଯାହା ଗତ ବର୍ଷ ତୁଳନାରେ ୩୪ ପ୍ରତିଶତ ସୁସ୍ଥ ଅଭିବୃଦ୍ଧି ରେକର୍ଡ କରିଛି। ଏହା ସହିତ, ଭାରତ କିଛି ବ୍ରିଟିଶ କୃଷି ଉତ୍ପାଦ, ଯେପରିକି କ୍ରାନବେରୀ, ଡୁରିଆନ୍, କିଛି ପ୍ରକାରର ମଶରୁମ୍, ଲିକ୍, ଲେଟୁସ୍, ଆର୍ଟିଚୋକ୍, ଇତ୍ୟାଦି ପାଇଁ ଉଦାରୀକରଣ କରିଛି, ଯାହା ଭାରତରେ ନଗଣ୍ୟ ପରିମାଣରେ ଉତ୍ପାଦିତ ହୁଏ। ସେଓ, ଅନାନସ, କମଳା, ଡାଳିମ୍ବ ଭଳି ସମ୍ବେଦନଶୀଳ ଜିନିଷଗୁଡ଼ିକୁ ମଧ୍ୟ ଶୁଳ୍କ ରିହାତିରୁ ବାଦ ଦିଆଯାଇଛି, ଯାହା ଦ୍ୱାରା ଆମର ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇଛି। ମୁଖ୍ୟ କିମ୍ବା କଞ୍ଚା ଉତ୍ପାଦ ସହିତ ସିଧାସଳଖ ପ୍ରତିଯୋଗିତାକୁ ଏଡାଇବା ପାଇଁ ଉଦାରୀକରଣର ଧ୍ୟାନ ପ୍ରକ୍ରିୟାକୃତ କୃଷି ଉତ୍ପାଦ ଉପରେ ରହିଛି। କିଛି ଉଦାହରଣ ମଧ୍ୟରେ ଅନ୍ତର୍ଭୁକ୍ତ: ସଂରକ୍ଷିତ ଚେରି, ବ୍ରାଇନରେ ଆମ୍ବ ଖଣ୍ଡ, ଶୁଖିଲା ଆପ୍ରିକଟ୍, ପ୍ରୁନ୍, ଶୁଖିଲା ଆପଲ୍ ଭଳି ପ୍ରକ୍ରିୟାକୃତ ଖାଦ୍ୟ। ଏହି ଉତ୍ପାଦଗୁଡ଼ିକୁ ସବସିଡି ଦିଆଯାଇଛି ଅର୍ଥାତ୍ ୫୦% କିମ୍ବା ୧୦୦% ଏବଂ ୫ କିମ୍ବା ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ଏହି ଲକ୍ଷ୍ୟଭିତ୍ତିକ ପଦ୍ଧତି ନିଶ୍ଚିତ କରେ ଯେ ଭାରତୀୟ କୃଷିର ଦୁର୍ବଳ ବର୍ଗଗୁଡ଼ିକ ସୁରକ୍ଷିତ ରହିବେ ଯେତେବେଳେ କିଛି, ରପ୍ତାନି-ପ୍ରସ୍ତୁତ କ୍ଷେତ୍ରଗୁଡ଼ିକ ବିଶ୍ୱ ସମନ୍ୱୟରୁ ଉପକୃତ ହେବେ। ଭାରତ-ୟୁକେ ଏଫ୍‌ଟିଏ ଏକ ବ୍ୟବହାରିକ ଏବଂ କୃଷକ-କେନ୍ଦ୍ରିକ ପଦ୍ଧତିକୁ ପ୍ରତିଫଳିତ କରେ। କୃଷିରେ ନୂତନ ରପ୍ତାନି ସୁଯୋଗ ଖୋଲିବା ସମୟରେ, ଏହା ଭାରତୀୟ କୃଷକମାନଙ୍କ ଉପରେ କୌଣସି ପ୍ରତିକୂଳ ପ୍ରଭାବକୁ ସତର୍କତାର ସହିତ ଏଡାଏ। ଚୁକ୍ତିନାମା ନିଶ୍ଚିତ କରେ ଯେ ଭାରତର ଖାଦ୍ୟ ସୁରକ୍ଷା, କୃଷକଙ୍କ ଜୀବିକା ଏବଂ ଗ୍ରାମୀଣ ଅର୍ଥନୀତି ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଆମେ କୃଷି କ୍ଷେତ୍ରରେ ପ୍ରତିଯୋଗିତାମୂଳକତା ଏବଂ ଆୟ ବୃଦ୍ଧି କରିବା ପାଇଁ ଆନ୍ତର୍ଜାତୀୟ ବାଣିଜ୍ୟକୁ ବ୍ୟବହାର କରୁଛୁ।

# ଅନ୍‌ଲାଇନ୍ ଠକେଇ : ମହିଳା ହରାଇଲେ ୭୭ ଲକ୍ଷ

ନୂଆଦିଲ୍ଲୀ : ଡାକ୍ତରଙ୍କ ଦ୍ୱାରା ଅନୁମତି ମିଳିଥିବା ଔଷଧ କିଣିବାକୁ ଯାଇ ସାଂଘାତିକ ସ୍ଥିତର ସମ୍ମୁଖୀନ ହୋଇଛନ୍ତି ଜଣେ ବୟସ୍କା ମହିଳା। ସେ ନିଦ ବଟିକା କିଣିବାକୁ ଚାହୁଁଥିବା ବେଳେ ତାଙ୍କୁ ସାଇବର ଠକମାନେ ନିଜ ଜାଲରେ ଫସାଇ ୭୭ ଲକ୍ଷ ଟଙ୍କା ଲୁଟ କରି ନେଇଛନ୍ତି। ୬୨ ବର୍ଷୀୟ ମହିଳା ଜଣଙ୍କ ନିଦ ବଟିକା କିଣିବା ପାଇଁ ବିଭିନ୍ନ ମେଡିସିନ ଷ୍ଟୋରର ୱେବସାଇଟକୁ ଇଣ୍ଟରନେଟରେ ଯାଞ୍ଚ କରିଥିଲେ। ଏହି ମେଡିସିନକୁ ସେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପ୍ରତି ମାସରେ ନିଅନ୍ତି। ଅନଲାଇନରେ ମହିଳା ଜଣଙ୍କ ମେଡିସିନ ଅର୍ଡର ଦେଇଥିଲେ ହେଁ ସେ ଏହାକୁ ଭୁଲି ଯାଇଥିଲେ। ଏସବୁ ଭିତରେ ଜଣେ ବ୍ୟକ୍ତି ନିଜକୁ ଏନିସିବିର ଅଧିକାରୀ ଭାବେ ପରିଚୟ ଦେଇ ମହିଳାଙ୍କୁ ଫୋନ କରିଥିଲା। ସେ ବେଆଇନ ଓ ନିଷିଦ୍ଧ ହୋଇଥିବା ମେଡିସିନ କିଣୁଥିବା ତଥାକଥିତ ଏନସିବି ଅଧିକାରୀ ଜଣଙ୍କ କହିଥିଲା। ଏହାଶୁଣି ଦିଲ୍ଲୀର ବସନ୍ତ କୁଞ୍ଜରେ ରହୁଥିବା ୬୨ ବର୍ଷୀୟ ପୂର୍ବତନ ଶିକ୍ଷୟିତ୍ରୀ ଜଣଙ୍କ ଆତଙ୍କିତ ହୋଇପଡ଼ିଥିଲେଛ ବ୍ୟାନ ହୋଇଥିବା ଔଷଧକୁ ମହିଳା ଜଣଙ୍କ ରାଜଧାନୀକୁ ସପ୍ଲାଏ କରୁଥିବା ଏନସିବି ଆଶଙ୍କା କରୁଥିବା ସାଇବର ଠକ ଜଣକ ସୂଚନା ଦେଇଥିଲା। ଏହାପରେ ମହିଳାଙ୍କୁ ଲୁଟ କରିବା ପାଇଁ ସେ ଦୁଇଟି ବିକଳ୍ପ ତାଙ୍କୁ ଦେଇଥିଲାଛ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାକୁ କିଛି ଟଙ୍କା ପଠାଅ ନଚେତ ଗିରଫ ପରୱାନାର ସାମ୍ନା କର। ମହିଳା ଜଣଙ୍କ ଭୟରେ ତୁରନ୍ତ ୩ଟି ବ୍ୟାଙ୍କ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଘଟଣାର ୧୦ ଦିନ ପରେ ମହିଳାଙ୍କୁ ଆଉ ଗୋଟିଏ କଲ ଆସିଥିଲାଛ ଫୋନ କରିଥିବା ବ୍ୟକ୍ତି ମଧ୍ୟ ନିଜକୁ ଏନସିବି ଅଧିକାରୀ କହିଥିଲା। ହେଲେ ସେ ନିଜକୁ 'ଭଲ ପୁଲିସ୍' ଭାବେ ଚିତ୍ରଣ କରିଥିଲା। ମହିଳାଙ୍କୁ ସେ ବୁଝାସୁଝା କରିବା ସହ ସେ କୌଣସି ଦୋଷ କରି ନାହାନ୍ତି ଓ ତାଙ୍କ ଟଙ୍କା ଫେରି ଆସିବ ବୋଲି କହିଥିଲା। ମହିଳା ଜଣଙ୍କ ଏଥିରେ ବିଶ୍ୱାସ କରି ଯାଇଥିଲେ। ୨



ଦିନ ଭିତରେ ମହିଳାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ମଧ୍ୟ ଫେରି ଆସିଥିଲା। 'ଭଲ ପୁଲିସ୍' ଜଣକ ମହିଳାଙ୍କ ବିଶ୍ୱାସ ଜିତି ନେଇଥିଲା। ଭଲ ପୁଲିସ୍ ସହ ୪ ଜଣ ଲୋକ ମହିଳାଙ୍କୁ ଗୋଟିଏ ଭିଡିଓ କଲ କରିଥିଲେ। ସେମାନେ ତାଙ୍କୁ ସ୍କ୍ରିନ ଶେୟାର କରିବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କହିଥିଲେଛ ଏହାପରେ ମହିଳାଙ୍କୁ ସମସ୍ତ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଲ ପୁଲିସକୁ ବିଶ୍ୱାସ କରି ମହିଳା ଜଣଙ୍କ ସେ ଦେଉଥିବା ନିର୍ଦ୍ଦେଶକୁ ପାଳନ କରି ଚାଲିଥିଲେ। ଶେଷରେ ମହିଳାଙ୍କ ବିନା ଜାଣତରେ ତାଙ୍କ ନେଟ ବ୍ୟାଙ୍କିଙ୍ଗ ଆସେସ୍କୁ ସେମାନେ ନେଇ ଯାଇଥିଲେ। ମହିଳା ଜଣଙ୍କ ଠକାମୀରେ ପଡ଼ିଥିବା ବୁଝିବା ଆଗରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏ କଟୁଥିବାର ମେସେଜ ପାଇଥିଲେ। ସେ ତୁରନ୍ତ ଭଲ ପୁଲିସ୍କୁ ଫୋନ କରିଥିଲେ ହେଁ, ତା'ର ମୋବାଇଲ ବନ୍ଦ ହୋଇଯାଇଥିଲା। ଏସବୁ ଭିତରେ ମହିଳାଙ୍କ ଆକାଉଣ୍ଟରୁ ୭୭ ଲକ୍ଷ ଟଙ୍କା ଲୁଟ ହୋଇ ସାରିଥିଲା। ଘଟଣାଟି ଗତବର୍ଷ ଅଗଷ୍ଟ ମାସର। ସେହିବର୍ଷ ସେପ୍ଟେମ୍ବର ୨୪ରେ ମହିଳା ଜଣଙ୍କ ଦିଲ୍ଲୀ ପୁଲିସ୍ର ସ୍ପେଶାଲ ୟୁନିର ଇଣ୍ଟେଲିଜେନ୍ସ ଫ୍ୟୁଜନ ଓ ଷ୍ଟ୍ରାଟେଜିକ ଅପରେସନ (ଆଇଏଫଏସସିଓ)ରେ ଅଭିଯୋଗ କରିଥିଲେ। ଏସିପି ମନୋଜ କୁମାର ଓ ସବ ଇନସପେକ୍ଟର କମରବୀରଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଦୀର୍ଘ ୯ ମାସର ତଦନ୍ତ ପରେ ୨୦୨୫ ମସିହା ଜୁନ ୨୪ରେ ପୁଲିସ୍ ଗୋଟିଏ ଲିଡ ପାଇଥିଲା ଓ ଅଖିଲେଶ ନାମକ ଜଣେ ଅଭିଯୁକ୍ତକୁ ଦିଲ୍ଲୀର ମୁଖାର୍ଜୀ ନଗର ସ୍ଥିତ ଭଡ଼ା ଫ୍ଲାଟରୁ ଗିରଫ କରିଥିଲା। ଜେରା ବେଳେ ଅଖିଲେଶ ପୀଡ଼ିତା ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ଅନ୍ୟତ୍ର ପଠାଇଥିବା ସ୍ୱୀକାର କରିଥିଲା। ଏଥିରେ ତାକୁ ଅମଜାଦ, ଶାହିଦ ଓ ଶକୀଲ ନାମକ ଆଉ ୩ ଜଣ ସହଯୋଗ କରିଥିଲେ। ଜୁନ ୨୭ରେ ହରିୟାଣାର ପୁନହାନାରେ ରେଡ କରି ଅମଜାଦ ଓ ଶାହିଦକୁ ଗିରଫ କରିଥିଲେ। ଜେରା ବେଳେ ଅମଜାଦ କହିଥିଲା ଯେ ସେ ଓ ତା'ର ଶାଳକ ଶାହିଦ ବନ୍ଧୁ ଶକୀଲ ସହ ମିଶି ମହିଳାଙ୍କୁ ଭୟଭୀତ କରି ଟଙ୍କା ଲୁଟ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହି ସମୟରେ ୪ର୍ଥ ଅଭିଯୁକ୍ତ ହମିଦ ନାଁ ସାମ୍ନାକୁ ଆସିଥିଲା। ଜୁଲାଇ ୧ରେ ପୁଲିସ୍ ରାଜସ୍ଥାନର ଦୀଗରେ ଥିବା ହମିଦର ଘରେ ରେଡ କରିଥିଲା। ସେଠାରୁ ହମିଦ ଓ ଶକୀଲକୁ ଗିରଫ କରାଯାଇଥିଲା।

## ଲାଲ ରେଖା ଅତିକ୍ରମ ମହଙ୍ଗା ପଡିଲା

ନୂଆଦିଲ୍ଲୀ: ସୋମବାର ଲୋକସଭାରେ ଅପରେସନ ସିନ୍ଦୂରକୁ ନେଇ ଏକ ସ୍ୱତନ୍ତ୍ର ବିତର୍କ ଆରମ୍ଭ ହୋଇଯାଇଛି। ଏହି ବିତର୍କ ଷୋହଳ ଘଣ୍ଟା ପାଇଁ ଜାରି ରହିବ। ବିରୋଧୀ ଦଳ ଅପରେସନ ସିନ୍ଦୂର ଉପରେ ବିତର୍କ ପାଇଁ ଲଗାତାର ଦାବି କରୁଥିଲେ, ଏବଂ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମଧ୍ୟ ଚାହୁଁଥିଲେ।

ତେବେ ବିତର୍କ ପୂର୍ବରୁ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ପାକିସ୍ତାନରେ ଆତଙ୍କ ଶିବିର ଉପରେ ଭାରତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ହିନ୍ଦୁ ପବିତ୍ର ଗ୍ରନ୍ଥ ରାମାୟଣକୁ ଉଦ୍ଧୃତ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୋମବାର (୨୮ ଜୁଲାଇ, ୨୦୨୫) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, ' ଯେତେବେଳେ ରାବଣ ଲକ୍ଷ୍ମଣ ରେଖା ଅତିକ୍ରମ କଲା, ଲଙ୍କା ଜଳିଗଲା। ସେହିପରି ଯେତେବେଳେ ପାକିସ୍ତାନ ଭାରତ ଦ୍ୱାରା ଟାଣିଥିବା ଲାଲ ରେଖା ଅତିକ୍ରମ କଲା, ଆତଙ୍କବାଦୀ ଶିବିରଗୁଡିକ ନିଆଁରେ ଜଳିପୋଡ଼ି ଧ୍ୱଂସ ହୋଇଗଲା।

ଏଥିସହିତ ଅପରେସନ ସିନ୍ଦୂରକୁ ନେଇ ସ୍ୱତନ୍ତ୍ର ବିତର୍କ ପୂର୍ବରୁ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ କଂଗ୍ରେସ ସମେତ ସମଗ୍ର ବିରୋଧୀଙ୍କୁ ସଂସଦରେ ଦେଶ ବିରୋଧୀ କଥା ନ କହିବାକୁ ଅନୁରୋଧ କରିଛନ୍ତି। କାରଣ ଦେଶ ବିରୋଧୀ ପ୍ରସଙ୍ଗ ଆମ ସେନାକୁ ଆଘାତ ପହଞ୍ଚାଇପାରେ। ଆମେ ଦାବିର ସହ କହି ପାରିବା ଅପରେସନ ସିନ୍ଦୂର ଭାରତର ପରିବର୍ତ୍ତିତ ଚେହେରାର ପ୍ରତୀକ ଅଟେ।

# ଆଖିବୁଜା ଗୁଳିମାଡ଼ : ୬ ଜଣଙ୍କ ଜୀବନ ଗଲା

ବ୍ୟାଙ୍କକ୍ : ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକକୁ ଦୋହଲାଇ ଦେଇଛି ଭୟଙ୍କର ଗୁଳିମାଡ଼। କମ୍ବୋଡିଆ ଓ ଥାଇଲ୍ୟାଣ୍ଡ ଯୁଦ୍ଧ ଚାଲିଥିବା ବେଳେ ବ୍ୟାଙ୍କକର ଗୋଟିଏ ଜନଗହଳୀ ପୂର୍ଣ୍ଣ ମାର୍କେଟରେ ଆଖିବୁଜା ଗୁଳି ମାଡ଼ ହୋଇଛି। ଏଥିରେ ୬ ଜଣଙ୍କ ଜୀବନ ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ପୁଲିସର କହିବା କଥା ଯେ ଗୋଟିଏ ପ୍ରସିଦ୍ଧ ତାଜା ଖାଦ୍ୟ ବିକ୍ରି ହେଉଥିବା ବଜାରରେ ଏପରି ଗୁଳିମାଡ଼ ହୋଇଛି। ବ୍ୟାଙ୍କକର ବାଙ୍ଗ ସୁଇ ଜିଲ୍ଲାରେ ଏପରି ଘଟଣା ଘଟିଛି। ଏହାର ଡେପୁଟି ପୁଲିସ୍ ମୁଖ୍ୟ ଓରାପଟ ସୁକଥାଇ କହିଛନ୍ତି, ପୁଲିସ ଗୁଳିମାଡ଼ର ଉଦ୍ଦେଶ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଛି। ଏଯାଏ ଏହାକୁ ଗୋଟିଏ ସାମୂହିକ ଗୁଳିମାଡ଼ ଘଟଣା ଭାବେ ବିବେଚନା କରାଯାଉଛି। ଘଟଣା ପରେ ବନ୍ଧୁକଧାରୀ ଜଣକ ନିଜ ଜୀନବ ମଧ୍ୟ ନେଇ ଯାଇଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ଘଟଣାର ତଦନ୍ତ ଚାଲିଛି। ମୃତାହତଙ୍କ ମଧ୍ୟରେ ଆକ୍ରମଣକାରୀ ନିଜେ ରହିଥିବା ମେଟ୍ରୋପଲିଟାଣ୍ଟ ପୁଲିସ୍ ବ୍ୟୁରୋରର ଡେପୁଟି କମିଶନର ଚାରିନ ଗୋପାଚା କହିଛନ୍ତି। ଇରୱନ ଏମର୍ଜେନ୍ସି ମେଡିକାଲ ସେଣ୍ଟ ବ୍ୟାଙ୍କକର ହସ୍ପିଟାଲଗୁଡ଼ିକର ମନିଟର୍ସ କରେଛ ଏହି ସଂସ୍ଥା କହିଛି ଯେ କୃଷି ଜାତୀୟ ଉତ୍ପାଦ ଓ ସ୍ଥାନୀୟ ଖାଦ୍ୟ ବିକ୍ରି ହେଉଥିବା ଓର ଟୋ କୋ ମାର୍କେଟରେ ଗୁଳିମାଡ଼ ହୋଇଛି। ଏଥିରେ ୪ ଜଣ ସିକ୍ୟୁରିଟୀ ଗାର୍ଡ ଓ ଜଣେ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଆଖିବୁଜା ଗୁଳି ମାଡ଼ ପରେ ବନ୍ଧୁକଧାରୀ ଜଣକ ଆତ୍ମହତ୍ୟା କରିଛି।



ଓର ଟୋର କୋର ମାର୍କେଟି ଚାତୁଚକ ମାର୍କେଟର ଅତି ନିକଟସ୍ଥ ଅଞ୍ଚଳଛ ଏହି ସ୍ଥାନଟି ବ୍ୟାଙ୍କକର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନୀ ସ୍ଥଳ ଭାବେ ପରିଚିତ। ଅନ୍ୟପକ୍ଷରେ ସୀମାରେ ଥାଇଲ୍ୟାଣ୍ଡ ଓ କମ୍ବୋଡିଆ ଲଢେଇ ସହ ମାର୍କେଟ ଗୁଳିକାଣ୍ଡର କିଛି ଲିଙ୍କ ରହିଛି କି ନାହିଁ, ତା'ର ଯାଞ୍ଚ ପୁଲିସ୍ ପକ୍ଷରୁ କୁହାଯାଇଛି।

# ମାତୋଶ୍ରୀ'ରେ ରାଜ ଠାକରେଙ୍କୁ ନେଇ ଚର୍ଚ୍ଚା

ମୁମ୍ବାଇ : ସୋମବାର ଥିଲା ଉଦ୍ଧବ ଠାକରେଙ୍କ ଜନ୍ମଦିନ। ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ରାଜ ଥାକରେ ସେଠାକୁ ଯାଇଥିଲେ। 'ମାତୋଶ୍ରୀ'ରେ ଦୁଇ ସଂପର୍କୀୟ ଭାଇ (ଉଦ୍ଧବ ଓ ରାଜ ଥାକରେ) ବାଲାସାହେବ ଠାକରେଙ୍କ ଫଟୋ ପାଖରେ ଛିଡ଼ା ହୋଇ ଫଟୋ ଉଠାଇଥିଲେ। ତା'ସହିତ ବାଲାସାହେବ ଠାକରେଙ୍କ ଚୌକିକୁ ପ୍ରଣାମ କରିଥିଲେ ରାଜ ଠାକରେ।



ଏହା ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଦୁଇ ଭାଇଙ୍କୁ ଗୋଟିଏ ଷ୍ଟେଜରେ ଦେଖିବାକୁ ମିଳିଥିବା ବେଳେ ଆଜି ରାଜ ଠାକରେ 'ମାତୋଶ୍ରୀ' ଆସି ଭାଇ ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପରେ ସେମାନଙ୍କ ମଧ୍ୟରେ ସଂପର୍କ ଧୀରେ ଧୀରେ ଭଲ ହେଉଥିବାର ସଙ୍କେତ ମିଳୁଛି ବୋଲି ରାଜନୀତିକ ସମୀକ୍ଷକମାନେ କହିଛନ୍ତି।

୨୦୧୨ରେ ବାଲାସାହେବ ଠାକରେଙ୍କ ଶେଷ ସମୟଗୁଡ଼ିକରେ କିଛି ଥର 'ମାତୋଶ୍ରୀ' ଯାଇଥିଲେ ରାଜ ଠାକରେଛ ତା'ପରେ ୨୦୧୯ରେ ଥରୁଟିଏ ରାଜ ଠାକରେ ସେଠାକୁ ଯାଇଥିଲେ। ସେଥର ପୁଅ ଅମିତ ଠାକରେଙ୍କ ବିବାହ ନିମନ୍ତେ ଭାଇ ଉଦ୍ଧବ ଠାକରେ ଓ ତାଙ୍କ ପରିବାରକୁ ନିମନ୍ତ୍ରଣ କରିବାକୁ ଅଳ୍ପ ସମୟ ପାଇଁ 'ମାତୋଶ୍ରୀ' ଯାଇଥିଲେ ରାଜ ଠାକରେ। ତା'ପରଠାରୁ ଆଉ 'ମାତୋଶ୍ରୀ'ରେ ପାଦ ପକାଇ ନଥିଲେ ରାଜ ଠାକରେ।

ଚଳିତ ମାସ ପ୍ରାରମ୍ଭରେ ମୁମ୍ବାଇରେ ଆୟୋଜିତ ଏକ ରାଲିରେ ଦୁଇ ଭାଇଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଉଦ୍ଧବ ଓ ରାଜ ଠାକରେଙ୍କ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। 'ମରାଠୀ' ପରିଚୟ ପ୍ରସଙ୍ଗରେ ସେମାନେ ଏକାଠି ହୋଇଥିଲେ। 'ହିନ୍ଦୀ' ଜୋରଜବରଦସ୍ତ ଲଦି ଦିଆଯାଉଥିବା ଅଭିଯୋଗ ଆଣି ସେମାନେ ଏକାଠି ହୋଇଥିଲେ।ମୁମ୍ବାଇର ୱର୍ଲିରେ ଅନୁଷ୍ଠିତ ହୋଇଥିବା ଏହି ରାଲିରେ ଉଦ୍ଧବ କହିଥିଲେ, ଆମେ ଏଠାରେ ଏକାଠି ହୋଇଛୁ ଏକାଠି ରହିବା ପାଇଁ। ଆମେ ମରାଠୀକୁ ସୁରକ୍ଷା ଦେବାକୁ ଏକାଠି ହୋଇଛୁ। ଆମେ ଏକାଠି ହେବାର ଏହା ଏକ ଟ୍ରେଲର ବା ଆରମ୍ଭ ମାତ୍ର।

ଏହା ସହିତ ଆଗାମୀ ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ସେମାନେ ଏକାଠି ଲିବେ ବୋଲି ଉଦ୍ଧବ ଘୋଷଣା କରିଥିଲେ। ସେମାନେ ଦୁଇ ଭାଇ ଉଭୟ ମୁମ୍ବାଇ ଓ ମହାରାଷ୍ଟ୍ରକୁ ନିୟନ୍ତ୍ରଣ କରିବେ ବୋଲି ସେ କହିଥିଲେ। ୨୦୦୬ରେ ରାଜ ଠାକରେ ଶିବ ସେନାରୁ ବାହାରିଯାଇ ମହାରାଷ୍ଟ୍ର ନବର୍ନିମାଣ ସେନା (ଏମ୍‌ଏନ୍‌ଏସ୍) ଗଠନ କରିଥିଲେ। ସେହିଦିନଠାରୁ ଉଦ୍ଧବ ଠାକରେଙ୍କଠାରୁ ସେ ଉଭୟ ରାଜନୀତିକ ଓ ବ୍ୟକ୍ତିଗତ ଦୂରତା ବଜାୟ ରଖିଥିଲେ।

## ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ

# ଭାରତୀୟ ଦଳରେ ଜଗଦୀଶନ



ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡରେ ସାମିଲ ହୋଇଛନ୍ତି ୱିକେଟ କିପର ବ୍ୟାଟର ଏନ ଜଗଦୀଶନ । ୪ର୍ଥ ଟେଷ୍ଟରେ ଆହତ ହୋଇଥିବା ରଷଭ ପନ୍ତ ୫ମ ମ୍ୟାଚରୁ ବାଦ ପଡ଼ିଛନ୍ତି । ତାଙ୍କ ବଦଳରେ ଧ୍ରୁବ ଜୁରେଲ ୫ମ ଟେଷ୍ଟ ଖେଳିବା ଏକପ୍ରକାରର ନିଶ୍ଚିତ । କିନ୍ତୁ ଜୁରେଲଙ୍କ ବ୍ୟାକଅପ ପାଇଁ ଭାରତୀୟ ଟେଷ୍ଟ ଟିମରେ ପ୍ରଥମଥର ପାଇଁ ଏନ ଜଗଦୀଶନଙ୍କୁ ସାମିଲ କରାଯାଇଛି । ତାମିଲନାଡୁ ପାଇଁ ଖେଳୁଥିବା ଜଗଦୀଶନ ନିୟମିତ ଭଲ ପ୍ରଦର୍ଶନ କରୁଥିବାରୁ ତାଙ୍କୁ ପନ୍ତଙ୍କ ବଦଳ ଖେଳାଳି ଭାବେ ସ୍କ୍ୱାର୍ଡରେ ସୁଯୋଗ ମିଳିଛି ।ଘରୋଇ କ୍ରିକେଟର ଚର୍ଚ୍ଚିତ ଚେହେରା ହେଉଛନ୍ତି ଜଗଦୀଶନ । ସେ ତାମିଲନାଡୁ ପାଇଁ ନିୟମିତ କିଛି ବର୍ଷ ହେଲା ଘରୋଇ କ୍ରିକେଟ ଖେଳି ଆସୁଛନ୍ତି । ୧୯୯୫ ମସିହା ଡିସେମ୍ବର ୨୪ରେ କୋଏମ୍ବାଟୁରରେ ଜନ୍ମ ହୋଇଥିବା ଜଗଦୀଶନ ତାମିଲନାଡୁ ପାଇଁ ଡେବ୍ୟୁ କରିବା ଦିନ ଠାରୁ ୱିକେଟ କିପିଂ କରୁଛନ୍ତି । ତାମିଲନାଡୁ ପାଇଁ ସେ ଜୁନିୟର ଡିଭିଜନରୁ ଖେଳି ଚାଲିଛନ୍ତି ।୨୦୧୬ ଅକ୍ଟୋବର ମାସରେ ଜଗଦୀଶନ ତାମିଲନାଡୁ ପାଇଁ ସିନିୟର ଲେଭଲରେ ଡେବ୍ୟୁ କରିଥିଲେ । ସେହି ସମୟରେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା । ଡେବ୍ୟୁ ଇନିଂସରେ ସେ ମଧ୍ୟପ୍ରଦେଶ ବିପକ୍ଷରେ ଅପରାଜିତ ୧୨୩ ରନର ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିଥିଲେ ।ବର୍ଷକ ପରେ ସେ ଲିଷ୍ଟ ଏ ଫର୍ମାଟ(୫୦ ଓଭର)ରେ ଡେବ୍ୟୁ କରି ତାମିଲନାଡୁ ପାଇଁ ବିଜୟ ହଜାରେ ଟ୍ରଫି ଖେଳିଥିଲେ । ୨୦୧୭ରେ ସେ ନିଜ ରାଜ୍ୟ ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନଜର ଆସିଥିଲେ । ୨୦୨୧ରେ ଆଇପିଏଲ ଫ୍ରାଞ୍ଚାଇଜ ଜଗଦୀଶନଙ୍କୁ ନେବା ପୂର୍ବରୁ ସେ ଏକାଧିକ ଟିମ ସହ ସାମିଲ ହୋଇଥିଲେ । କିନ୍ତୁ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିଲେ । ସେହିପରି ଚେନ୍ନାଇ ପାଇଁ ସେ ୨ଟି ସିଜିନରେ ମାତ୍ର ୭ଟି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇଥିଲେ ।୨୦୨୩ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଜଗଦୀଶନଙ୍କ ସହ ଚୁକ୍ତି କରିଥିଲା । ସେ ଦଳ ପାଇଁ ୭ଟି ମ୍ୟାଚରେ ୮୯ ରନ କରିଥିଲେ । ଆଇପିଏଲରେ ଏଯାଏ ଜଗଦୀଶନ ୧୩ଟି ମ୍ୟାଚ ଖେଳି ୧୬୨ ରନ କରିଛନ୍ତି ।୨୯ ବର୍ଷୀୟ ଜଗଦୀଶ ୫୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ୩୩୭୩ ରନ କରିଥିବା ବେଳେ ଏହା ମଧ୍ୟରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି । ଏକଦା ସେ ଇଣ୍ଡିଆ ଏ ଦଳରେ ରହିଥିଲେ । ୨ଟି ସିଜିନରେ ସେ ସର୍ବାଧିକ ରନ ମଧ ହାସଲ କରିଥିଲେ । ୨୦୨୩-୨୪ ରଣଜୀ ସିଜିନରେ ଜଗଦୀଶନ ୧୩ଟି ଇନିଂସରେ ୮୧୬ ରନ କରିଥିଲେ । ୨୦୨୪-୨୫ରେ ତାଙ୍କ ବ୍ୟାଟରୁ ୧୩ଟି ଇନିଂସରେ ୬୭୪ ରନ ବାହାରିଥିଲା । ଏହା ମଧ୍ୟରେ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି ।


# ଇତିହାସ ରଚିଲେ ଦିବ୍ୟା

## ଜିତିଲେ ଚେସ୍ ବିଶ୍ୱକପ୍ : ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ମହିଳା ଚେସ୍ ବିଶ୍ୱକପର ଫାଇନାଲ ମ୍ୟାଚ୍ରେ, ଦିବ୍ୟା ଦେଶମୁଖ ଗ୍ରାଣ୍ଡମାଷ୍ଟର ଏବଂ ନିଜ ଦେଶର କୋନେରୁ ହମ୍ପିଙ୍କୁ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି । ସେ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି । କୋନେରୁ ହମ୍ପିଙ୍କ ପାଖରେ ପ୍ରତ୍ୟାବର୍ତ୍ତନ କରିବାର ଏକ ଛୋଟ ସୁଯୋଗ ଥିଲା, କିନ୍ତୁ ସେ ଏହାର ଫାଇଦା ଉଠାଇ ପାରିନଥିଲେ । ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଫିଡେ ମହିଳା ବିଶ୍ୱକପ୍ ଫାଇନାଲର ପ୍ରଥମ ଏବଂ ଦ୍ୱିତୀୟ ଗେମରେ କୌଣସି ସୁଯୋଗ ନ ଦେଇ ତାଙ୍କ ଉଚ୍ଚ ମାନ୍ୟତାପ୍ରାପ୍ତ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ଡ୍ର ଖେଳିବାକୁ ବାଧ୍ୟ କରିଥିଲେ । ଏହା ଫଳରେ ମ୍ୟାଚଟି ଟାଇବ୍ରେକରକୁ ଯାଇଥିଲା । ନିୟମ ଅନୁସାରେ ଟାଇ-ବ୍ରେକରରେ ୧୫ ମିନିଟର ଦୁଇଟି ଖେଳ ରହିଥାଏ ଯେଉଁଥିରେ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ । ଯଦି ଏହା ପରେ ବି ସ୍କୋର ସମାନ ରହେ, ତେବେ ଉଭୟ ଖେଳାଳି ପ୍ରତି ଖେଳ ପାଇଁ ୧୦ ମିନିଟ୍ ହାରରେ ଆଉ ଏକ ସେଟ୍ ଖେଳିବାର ସୁଯୋଗ ପାଇଥାନ୍ତି । ଏଥିରେ ମଧ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ । ଉଭୟଙ୍କ ମଧ୍ୟରେ ପ୍ରଥମ ରାପିଡ୍ ଟାଇବ୍ରେକର ମଧ ଡ୍ର ଥିଲା । ତା'ପରେ ଦ୍ୱିତୀୟ ଟାଇବ୍ରେକରରେ ଫଇସଲା ଆସିଥିଲା । ଦିବ୍ୟାଙ୍କ ଏହି ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ତାଙ୍କର ଯାତ୍ରା ଆହୁରୀ ସୁଦୁରପ୍ରସାରୀ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି । ଦିବ୍ୟା ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡ ମାଷ୍ଟର ଆଖ୍ୟା ପାଇଥିବା ବେଳେ ତାଙ୍କ ପୂର୍ବରୁ ହମ୍ପି, ଆର. ବୈଶାଳୀ ଓ ହାରିକା ଦ୍ରୋନାଭାଲି ଏପରି ସଫଳତା ପାଇଥିଲେ । ବିଜୟ ସହ ଆସନ୍ତା ବର୍ଷ ପାଇଁ ଦିବ୍ୟା ଟିକେଟ୍ ହାସଲ କରିନେଇଛନ୍ତି । ଫାଇନାଲ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା । ଫଳରେ ଫାଇନାଲ ରାଉଣ୍ଡ ଟାଏବ୍ରେକ୍ସକୁ ଯାଇଥିଲା । ଟାଏ ବ୍ରେକର ପ୍ରଥମ ରାପିଡ୍ ଗେମ୍ ଡ୍ର ହୋଇଥିଲା । ଦ୍ୱିତୀୟ ରାଉଣ୍ଡରେ ଏହା ଡ୍ର ହୋଇଯିବ ବୋଲି ସମସ୍ତ ଅନୁଭବ କରିଥିଲେ । କିନ୍ତୁ ଏହାର ଫାଇଦା ଦିବ୍ୟା ଉଠାଇଥିଲେ । ଏଥିସହ ମ୍ୟାଚକୁ ଜିତି ଭାରତର ୮୮ତମ ଗ୍ରାଣ୍ଡ ମାଷ୍ଟର ହୋଇପାରିଥିଲେ । ଦିବ୍ୟା ଟାଏ ବ୍ରେକ୍ସକୁ ୧.୫-୦.୫ରେ ଜିତି ନିଜ ନାଁକୁ ଇତିହାସ ପୃଷ୍ଠାରେ ସବୁ ଦିନ ପାଇଁ ଲେଖିଦେଇଛନ୍ତି ।

# କିମ୍ବଦନ୍ତି କ୍ଲବରେ ଗିଲ୍



ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି) : ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଏବେ ଦୁଇ ବ୍ୟାଟିଂ କିଂବଦନ୍ତି ସୁନୀଲ ଗାଭାସ୍କର ଓ ସାର୍ ଡନ୍ ବ୍ରାଡ୍ମ୍ୟାନ୍ଙ୍କ ରେକର୍ଡର ସମକକ୍ଷ ହୋଇ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ଏପରିକି ଉଭୟଙ୍କୁ ପଛରେ ପକାଇଦେବାର ସମ୍ଭାବନା ସୃଷ୍ଟି କରିଛନ୍ତି । ଗୋଟିଏ ଶୃଙ୍ଖଳାରେ ଅଧିନାୟକ ଭାବେ ୪ ଶତକ ହାସଲ କରିଛନ୍ତି । ଯାହାକି ପୂର୍ବରୁ କେବଳ ଗାଭାସ୍କର ଓ ବ୍ରାଡ୍ମ୍ୟାନ୍ କରିଥିଲେ । ଭାରତୀୟ ପାଳିର ୮୩ତମ ଓଭରରେ କ୍ରିସ୍ ୱକ୍ସଙ୍କଠାରୁ ଏକ ରନ୍ ନେଇ ସେ ଏହି ମାଇଲ ଖୁଣ୍ଟ ଛୁଇଁଥିଲେ । ବ୍ରାଡ୍ମ୍ୟାନ୍ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଶୃଙ୍ଖଳାରେ ୪ ଶତକ ମାରିଥିବା ବେଳେ ଗାଭାସ୍କର ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳାରେ ମଧ ୪ ଥର ତିନି ଅଙ୍କ ଛୁଇଁଥିଲେ । ଗିଲ୍ କିନ୍ତୁ ତୃତୀୟ ଭାରତୀୟ ଭାବେ ଗୋଟିଏ ଶୃଙ୍ଖଳାରେ ୪ ଶତକ ହାସଲ କରିଛନ୍ତି । ଗାଭାସ୍କର ୧୯୭୧ ୱେଷ୍ଟଇଣ୍ଡିଜ୍ ଗସ୍ତ ଏବଂ ୧୯୭୮-୭୯ରେ ୱେଷ୍ଟଇଣ୍ଡିଜରେ ଭାରତ ଗସ୍ତ ବେଳେ ଦୁଇ ଥର ଏହା କରିପାରିଥିଲେ । ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ବିରାଟ କୋହଲି ମଧ ୪ ଶତକ ହାସଲ କରିଥିଲେ । ଏହି ଗସ୍ତ ଅଧାରୁ ମହେନ୍ଦ୍ର ସିଂହ ଧୋନିଙ୍କଠାରୁ ସେ ମଧ ନେତୃତ୍ୱ ଭାର ସମ୍ଭାଳିଥିଲେ ।

ଗିଲ୍ ହେଡିଂଲେରେ ତାଙ୍କ ନେତୃତ୍ୱର ପ୍ରଥମ ଟେଷ୍ଟରେ ୧୪୭ ରନ୍ କରିଥିବା ବେଳେ ଲିଡ୍ସରେ ଉଭୟ ପାଳିରେ ଶତକ (୨୬୯ ଓ ୧୬୧) ହାସଲ କରିଥିଲେ । ରବିବାର ୧୦୩ ରନ୍ କରି ଜୋଫ୍ରା ଆର୍ଚରଙ୍କ ଅଫଷ୍ଟମ୍ପ ବାହାର ଛାଡ଼ି ନାପାରି ୱିକେଟ୍ରେ ଜାମି ସ୍ମିଥ୍ଙ୍କ ଗ୍ଲୋଭ୍ସରେ ଧରାପଡ଼ିଯାଇଥିଲେ । ଗୋଟିଏ ଶୃଙ୍ଖଳାରେ ୭୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ମଧ ଗିଲ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ସୁନୀଲ ଗାଭାସ୍କର ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଭୟ ଥର (୭୭୪ ରନ୍, ୧୯୭୧ ଏବଂ ୭୩୨ ରନ୍, ୧୯୭୮-୭୯) ଏହା ହାସଲ କରିଥିଲେ । ଆଉ ଗୋଟିଏ ଟେଷ୍ଟ ଥିବାରୁ ଗାଭାସ୍କରଙ୍କ ୭୭୪ ରନ୍ ରେକର୍ଡକୁ ଟପିବା ଲାଗି ଗିଲ୍ଙ୍କୁ ଆଉ ୫୩ ରନ୍ ଆବଶ୍ୟକ ରହିଛି । ପଞ୍ଚମ ତଥା ଶେଷ ଟେଷ୍ଟ ଜୁଲାଇ ୩୧ ତାରିଖରୁ ଦ ଓଭାଲରେ ଖେଳାଯିବ ।

# ୭୭ତମ ରାଜ୍ୟ ପୋଲିସ ଭଲିବଲ୍ ଓ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୭(ସବ୍ୟୁ) : ଓ.ଏସ.ଏ.ପି ଷଷ୍ଠ ବାଟାଲିୟନ୍ ପରିସରରେ ୭୭ ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ, ଶ୍ରୀ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ । ଏହାସହ ଓଡିଶା ପୋଲିସର କ୍ରୀଡାବିତଙ୍କ ନିରନ୍ତର ସଫଳତା ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିବା ସହ ବିଶ୍ ପୋଲିସ ଓ ଅଗ୍ନିଶମ କ୍ରିଡାରେ କ୍ରିଡାବିତଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳୀଙ୍କୁ ପ୍ରେରଣା ଯୋଗାଇଛି ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ । ଏହି ଚାମ୍ପିୟାନସିପରେ ବିଭିନ୍ନ ପୋଲିସ ଡିସଟ୍ରିକ୍ଟସ୍, ବଟାଲିଅନ୍ସ ଏବଂ ୟୁନିଟ୍ସର ୨୫ ଟି ପୋଲିସ ଭଲିବଲ ଟିମ ଓ ୪ଟି ବାସ୍କେଟବଲ ଟିମ ଅଂଶଗ୍ରହଣ କରିଥିବାବେଳେ ୪୨୯ ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ ।

ଭଲିବଲ ପ୍ରତିଯୋଗିତାରେ କମିଶନରେଟ୍ ପୋଲିସ- ବି ଟିମ ଚାମ୍ପିୟାନ ଟିମ ହୋଇଥିଲା ବେଳେ, ବାଲେଶ୍ୱର ଟିମ ରନର୍ସଅପ ହୋଇଥିଲା । ମୟୂରଭଞ୍ଜ ଟିମ ବ୍ରୋଞ୍ଜ ମେଡାଲ ଟିମ ହୋଇଥିଲାଛ । ସେହିପରି ୪ର୍ଥ ଆଇଆର ବାଟାଲିୟନ, ଦେଓଗଡକୁ ଶ୍ରେଷ୍ଠ ଶୃଙ୍ଖଳା ଟିମ ଭାବେ ପୁରସ୍କୃତ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର କନେଷ୍ଟବଳ ରାଜେଶ କୁମାର ସାହୁ ଶ୍ରେଷ୍ଠ ଅଟ୍ଟଟ୍ଟcker, ଓଆଇଏସଏଫ, ଭୁବନେଶ୍ୱର ଦଳର କନେଷ୍ଟବଳ ମହେଶ୍ୱର ଗୋଛାୟତ ଶ୍ରେଷ୍ଠ ଆଟାକର ଏବଂ ମୟୂରଭଞ୍ଜ ଦଳର କନେଷ୍ଟବଳ ଅଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ସେଟର, ଲିବେରୋ, କମିଶନରେଟ୍ ପୋଲିସ -ବି ଟିମର ସିପାହୀ ଅଜିତ କୁମାର ମୁଦୁଲି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

ସେହିପରି ବାସ୍କେଟବଲ ପ୍ରତିଯୋଗୀତାରେ ଓଏସଏପି ଷଷ୍ଠ ବାଟାଲିୟନ ଚାମ୍ପିୟାନ ଟିମ ହୋଇଥିଲା ବେଳେ, କମିଶନରେଟ୍ ପୋଲିସ -ଏ ଟିମ ରନର୍ସଅପ ହୋଇଥିଲା । ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁର ହାର୍ଡ ଲାଇନ ଟିମ, ରାଉରକେଲା ପୋଲିସ ଟିମ ଶ୍ରେଷ୍ଠ ଶୃଙ୍ଖଳା ଟିମ ଭାବେ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ବେଷ୍ଟ ସ୍କୋରର ଭାବେ ଓଏସଏପି ଷଷ୍ଠ ବାଟାଲିୟନର, ହାବିଲଦାର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁରର ସିପାହୀ ଅଭିଷେକ ପଶୁପାଳକ ଏବଂ ଓଏସଏପି ଷଷ୍ଠ ବାଟାଲିୟନ, କଟକର ସିପାହୀ ସଂଜୀବ ବେହୁରା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

ଏହି ଉଦଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଆଇଜିପି ଶ୍ରୀ ଗଜଭିୟେ ସତୀଶ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା ଡିଆଇଜିପି (କ୍ରାଇମ ବ୍ରାଞ୍ଚ) ଶ୍ରୀ ବାତୁଲା ଗଙ୍ଗାଧରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଶେଷରେ ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

ଆଜିର ଏହି ଉଦଯାପନ ସମାରୋହରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନ୍‌ସିପ୍

## ମନୀଷ ପାଲଙ୍କୁ ତ୍ରିମୁକୁଟ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୁଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ, ବାଳିକା, ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ-୯୪, ରାଇରଙ୍ଗପୁର ଉପଖଣ୍ଡରୁ-୩୫ ଓ ଉଦଳା ଉପଖଣ୍ଡରୁ-୧୦ ଓ ସମୁଦାୟ ୧୩୯ ବିଭୀନ୍ନ ବର୍ଗର ଓ ବୟସ ଶ୍ରେଣୀର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ବାଳକ ବିଭାଗ ସିଙ୍ଗଲସ ପ୍ରତିଯୋଗିତାରେ ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ବିଶ୍ୱ ଭବ୍ୟଶ ବେହେରା ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଉତ୍କର୍ଷ ପରିଡା ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସେକ ରୌନକ ରାଜ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମୟଙ୍କ ସେଠୀ ରନର୍ ଅପ୍, ୧୫ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମହମଦ ସେକ ତସିଫ ରାଜା ରନର୍ ଅପ୍, ୧୭ବର୍ଷରୁ କମ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ବୀର ବାହାଦୁର ହେମ୍ବ୍ରମ ରନର୍ ଅପ୍, ୧୯ବର୍ଷରୁ କମ ବର୍ଗରେ- ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ବାଳକ ବିଭାଗ ଡବଲ୍ସର ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ଆରୁଷ ଗୁରୁଙ୍ଗ ଓ ଲକି ମାରାଣ୍ଡି ଯୋଡି ଚାମ୍ପିଅନ୍ ଓ ବିଶ୍ୱଭବ୍ୟଶ ବେହେରା ଓ ଉତ୍କର୍ଷ ପରିଡା ଯୋଡି ରନର୍ ଅପ୍, ୧୩ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସ୍ୱସ୍ତିକ ନାୟକ ଓ ସେକ ରୌନକ ରାଜ ଯୋଡି ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଈଶାନ୍ତ ବେହେରା ଓ ସଂକେତ ସାମଲ ଯୋଡି ରନର୍ ଅପ୍, ୧୫ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଦିବ୍ୟାନଶୁ ସାହୁ ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ପ୍ରତ୍ୟୁଷ କୁମାର ପରିଡା ଓ ଭିରାଜ ନାୟକ ଯୋଡି ରନର୍ ଅପ୍, ୧୭ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ରାଜ ଅଭିଷେକ ପଣ୍ଡା ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ବିଦୂଷ୍ମାନ ବେହେରା ଓ ସୌରୀୟଦୀପ କାରକୀ ଯୋଡି ରନର୍ ଅପ୍, ୧୯ବର୍ଷରୁ କମ ବର୍ଗରେ- ବାରିପଦା ଉପଖଣ୍ଡର ପ୍ରିୟାଂଶୁ ଦାସ ଓ ଅନ୍ୱେଷ ମହାନ୍ତି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଆୟୁଷ୍ମାନ ପାଢୀ ଓ ସଂବିତ ପାଢୀ ଯୋଡି ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗଲସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ବାରିପଦର ପୀୟୁଷ ବାରିକ ଓ ଜୟଜୀତ ଦାସ ଯୋଡି ସ୍ୱୟଂ ଭୁବ ମହାନ୍ତି ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ ପ୍ରମୁଖ ସହାୟତା କରିଥିଲେ। ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତ୍ତି, ଅଭିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟଳି ପଡ଼ିଲେ ବ୍ୟାଡମିଣ୍ଟନ ଖେଳାଳି

ହାଇଦ୍ରାବାଦ, ୨୮।୭ (ଏଜେନ୍ସି) : ହାଇଦ୍ରାବାଦର ନାଗୋଲେ ଷ୍ଟାଡିୟମରେ ବ୍ୟାଟମିଣ୍ଟନ ଖେଳୁଥିବା ବେଳେ ୨୫ ବର୍ଷୀୟ ଯୁବକ ଜଣଙ୍କ ହଠାତ୍ ଟଳି ପଡ଼ିଛନ୍ତି । ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରମାନେ ନିଶ୍ଚିତ କରିଛନ୍ତି । ହୃଦଘାତରେ ପ୍ରାଣ ହରାଇଥିବା ଯୁବକ ଜଣଙ୍କ ହେଲେ ଜି ରାକେଶଛ ସେ ହାଇଦ୍ରାବାଦର ଗୋଟିଏ ଘରୋଇ କମ୍ପାନୀରେ କାମ କରୁଥିଲେ । ରାକେଶ ହେଉଛନ୍ତି ଖାମ୍ମାମ ଜିଲ୍ଲା ତାଲ୍ଲାଦାର ପୂର୍ବତନ ଡେପୁଟି ସରପଞ୍ଚ ଜି ଭେଙ୍କେଟଶ୍ୱରଲୁଙ୍କ ପୁଅ । ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜରେ ସବୁ ଦୃଶ୍ୟ ରହିଛି ।ରବିବାର ରାତି ପ୍ରାୟ ୮ଟା ବେଳେ ନାଗୋଲେ ଷ୍ଟାଡିୟମରେ ରାକେଶ ଗୋଟିଏ ଡବଲ୍ସ ବ୍ୟାଡମିଣ୍ଟନ ମ୍ୟାଚ୍ ଖେଳୁଥିଲେ । ସେ ଦମଦାର ଖେଳ ପ୍ରଦର୍ଶନ କରିବା ସହ ନିଜ ଫିଟନେସର ପ୍ରମାଣ ଦେଇଥିଲେ । କିନ୍ତୁ କିଛି ସମୟ ପରେ ସେ ତଳେ ପଡ଼ିଥିବା ଶଟଲକୁ ଉଠାଇବାକୁ ଯାଉଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ।ଏହାପରେ କୋର୍ଟ ଉପରେ ହିଁ ଟଳି ପଡ଼ିଥିଲେ । ତୁରନ୍ତ ସାଥୀ ଖେଳାଳିମାନେ ତାଙ୍କ ପାଖକୁ ଯିବା ସହ ରାକେଶଙ୍କୁ ସିପିଆର ଦେବାକୁ ଚେଷ୍ଟା କରିଥିଲେ । ତଥାପି କିଛି ସୁଫଳ ନ ମିଳିବାରୁ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଘଟଣା ଏବେ ବର୍ଦ୍ଧିତ ହୃଦଘାତର ଭୟକୁ ଆହୁରି ବାଇ ଦେଇଛି ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା : ବଲାଙ୍ଗୀର ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ

ବଲାଙ୍ଗୀର , ୨୮।୭ (ସବ୍ୟୁ) : ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ୧୭ ଜଣ ପ୍ରତିଯୋଗି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସନ୍ତରଣ ଗାରରେ ଅନୁଷ୍ଠିତ ୬୫ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ବଲାଙ୍ଗୀର ଦୟାସାଗର କଠାର ଗ୍ରୁପ -୧ ରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୋପ୍ୟ ଏବଂ ଗୋଟିଏ କଂଶ୍ୟ ପଦକ ହାସଲ, ସ୍ୱାଗତ ସେଠ ଗ୍ରୁପ -୨ ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୋପ୍ୟ ପଦକ ହାସଲ, ସୋମନାଥ ପୁଟେଲ, ଗୋଟିଏ ରୋପ୍ୟ ଏବଂ ଦୁଇଟି କଂଶ୍ୟ ପଦକ ହାସଲ, ସୌରଭ ପଟେଲ ଦୁଇଟି ରୋପ୍ୟ ପଦକ ହାସଲ, ଗ୍ରୁପ -୨ ରିଲେ ରେସରେ ପ୍ରିୟାଂଶୁ ପ୍ରିତମ ପୁରୋହିତ, ସ୍ୱାଗତ ସେଠ, ସୋମନାଥ ପୁଟେଲ, ସୌରଭ ପୁଟେଲ ରୌପ ପଦକ ହାସଲ କରିଥିବା ଖେଳାଳି ମାନଙ୍କୁ ଆଜି ବଲାଙ୍ଗୀର ଜିଲ୍ଲା ପ୍ରଶାସନ ତରଫରୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡ଼କଫର ବିଜୟା ନନ୍ଦ ସେଠି ଖେଳାଳି ମାନଙ୍କୁ ଫୁଲ ତୋଡ଼ା ଦେଇ ଉତ୍ସାହିତ କରିଥିଲେ ଏନେଇ ବଲାଙ୍ଗୀର କ୍ରୀଡ଼ା ଅଧିକାରୀ ପରାଶର ବାଗ, ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ବାଳ କୁମାର ମୁଲୁଆର,ସୁଶୀଳା ବିଶ୍ୱାଳ ଉପସ୍ଥିତ ଥିଲେ ।




**ସୂଚନା**

ସମୟ

BHIM
BHARAT INTERFACE FOR MONEY
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି